ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ଶୁକ୍ରବାର ୦୬ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 06 AUGUST 2021
Vol.No. 32 ■ No. 201 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

# ଜର୍ମାନୀକୁ ମାତ୍ ଦେଇ ବ୍ରୋଞ୍ଜ ଜିତିଲା ଟିମ୍ ଇଣ୍ଡିଆ

## ଟୋକିଓରେ ଲେଖାହେଲା ନୂଆ ଇତିହାସ ■ ୪୧ ବର୍ଷ ପରେ ଖୁସି ଆଣିଦେଲା ଶେଷ ୬ ସେକେଣ୍ଡର ଚମକପ୍ରଦ ହକି




ନୂଆଦିଲ୍ଲୀ,୦୫/୦୮: ଯାହାକୁ ୪୧ ବର୍ଷ ଧରି ଚାହିଁ ରହିଥିଲେ ଦେଢ଼ ଶହ କୋଟି ଭାରତୀୟ । ଟୋକିଓ ଅଲିମ୍ପିକ୍ସରେ ବ୍ରୋଂଜ ପଦକ ହାସଲ କରି ନୂଆ ଇତିହାସ ରଚିଛି ଭାରତ । ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାରତ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ୪ ଦଶନ୍ଧି ଧରି ଜାତୀୟ ଖେଳ ହକିରେ ପଦକ ପାଇବାକୁ ସମର୍ଥ ହୋଇନଥିଲା ଦେଶ । ଟୋକିଓ ଅଲିମ୍ପିକ୍ସରେ ସେମିଫାଇନାଲରେ ବେଲଜିୟମ ଠାରୁ ହାରିଯିବା ପରେ ଆଜି ବ୍ରୋଞ୍ଜ ମେଡାଲ ପାଇଁ ଜର୍ମାନୀ ସହ ମୁକାବିଲା କରିଥିଲା ଭାରତ । ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚରେ ଭରା ଏହି ମ୍ୟାଚକୁ ୫-୪ ଗୋଲରେ ଜର୍ମାନୀକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି ଭାରତ । ୪୧ ବର୍ଷ ଧରି କୋଟି କୋଟି ଭାରତୀୟ ଯେଉଁ ସ୍ୱପ୍ନ ଦେଖି ଆସୁଥିଲେ, ତାହା ଯେତେବେଳେ ବାସ୍ତବର ରୂପ ନେଇଥିଲା, ଭାରତୀୟ ହକି ଦଳ ଅଧିନାୟକ ମନପ୍ରୀତ ସିଂଙ୍କ ଆଖିରୁ ଖୁସିରେ ଲୁହ ଝରିଆସିଥିଲା । ଟୋକିଓ ପଡିଆରେ ଭାରତୀୟ ଖେଳାଳି ଉତ୍ସବ ମନାଉଥିବା ବେଳେ ଜର୍ମାନୀ ଶିବିରରେ ନିରାଶା ଖେଳି ଯାଇଥିଲା । ବ୍ରୋଞ୍ଜ ବିଜୟ ପରେ ଗୋଲକିପର ପିଆର ଶ୍ରୀଜେଶ, ଆନନ୍ଦରେ ଏପରି ଅଧୀର ହୋଇଥିଲେ ଯେ ଗୋଲ ପୋଷ୍ଟ ଉପରେ ବସି ପଡିଥିବା ଦେଖିବାକୁ ମିଳିଥିଲା । କ୍ରିକେଟକୁ ଏକ ଧର୍ମ ଭାବେ ଗ୍ରହଣ କରିଥିବା ଭାରତୀୟଙ୍କ ଆଭିମୁଖ୍ୟ ଆଜି ବଦଳି ଯାଇଥିଲା । ଅଲିମ୍ପିକ୍ସ ହକି ବ୍ରୋଂଜ ମେଡାଲ ପାଇଁ ଜର୍ମାନୀ ସହ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଓହ୍ଲାଇଥିଲା ଭାରତ । ଆଉ ସକାଳ ୭ଟାରୁ ଟିଭି ଲଗାଇ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ବନିଥିଲେ ଦେଶର କୋଟି କୋଟି ଜନତା । ଖେଳ ଆଗକୁ ବଢୁଥିଲା, ଭାରତୀୟଙ୍କ ହୃତସ୍ପନ୍ଦନର ଗତି କ୍ଷିପ୍ର ହେଉଥିଲା । ଖେଳର ମାତ୍ର ୨ ମିନିଟରେ ଭାରତକୁ ଜର୍ମାନୀ ଗୋଲ ଦେବା ପରେ ନିର୍ବାକ ହୋଇ ପଡିଥିଲେ ଭାରତୀୟ ହକିପ୍ରେମୀ । ତେବେ ଦଳର ଲଢୁଆ ପ୍ରଦର୍ଶନ, ଲୋକଙ୍କ ମନରେ ଆଶା ଭରି ଦେଇଥିଲା । ୧୭ ମିନିଟରେ ଭାରତ ଗୋଲ ଦେଇ ମ୍ୟାଚକୁ ସମାନ ସ୍ଥିତିକୁ ନେଇଥିଲା । ଦ୍ୱିତୀୟ କ୍ୱାଟରରେ ୨ଟି ଲଗାତର ଗୋଲ ଦେଇ ୩-୧ରେ ଆଗୁଆ ହୋଇ ଯାଇଥିଲା ଜର୍ମାନୀ । ଦ୍ୱିତୀୟ କ୍ୱାଟରର ଶେଷ କିଛି ମିନିଟ୍ ଓ ତୃତୀୟ କ୍ୱାଟରରେ ପ୍ରଭାବଶାଳୀ ପ୍ରଦର୍ଶନ କରି ୪-୩ରେ ଲିଡ ନେଇଥିଲା ଭାରତ । ଶେଷ କ୍ୱାଟରର ୧୫ ମିନିଟ ଏପରି ରୋମାଂଚକର ଥିଲା ଯେ ପ୍ରତ୍ୟେକ ଭାରତୀୟ ହୃଦୟର ଗତି ବଢ଼ି ଯାଇଥିଲା । ୫-୪ ଗୋଲରେ ଭାରତ ବିଜୟର ଦ୍ୱାର ଦେଶରେ ପହଁଚି ଯାଇଥିଲା । ହେଲେ ପ୍ରତ୍ୟେକ ମୁହୂର୍ତ୍ତ ଥିଲା ଗୁରୁତ୍ୱପୂର୍ଣ୍ଣ । ବିଜୟ ଠାରୁ ମାତ୍ର ୬ ସେକେଣ୍ଡ ଦୂରତାରେ ଥିଲା ଭାରତ । ଆଉ ଏହି ସମୟରେ ଜର୍ମାନୀକୁ ମିଳିଲା ପେନାଲଟି କର୍ଣ୍ଣର । ଏହା ଯଦି ଗୋଲରେ ରୂପାନ୍ତରିତ ହୋଇଥାନ୍ତା, ତେବେ ପେନାଲ ସୁଟଆଉଟରେ ମ୍ୟାଚର ଭାଗ୍ୟ ନିର୍ଦ୍ଧାରିତ ହୋଇଥାନ୍ତା । ହେଲେ ଗୋଲକିପର ପିଆର ଶ୍ରୀଜେଶ ଭାରତ-ଜର୍ମାନୀ ମଧ୍ୟରେ ପାଚେରୀ ଭଳି ଛିଡା ହୋଇଥିଲେ । ତାଙ୍କର ଚମତ୍କାର ▶▶ପୃଷ୍ଠା ୭

# କୁବେର ପିଏସ ବିରଞ୍ଚିଙ୍କ ବଢ଼ିଲା ଅଡୁଆ

## ପୁରୀରେ ଏକାଧିକ ପ୍ଲଟ୍ ହାତେଇଥିବା ସୂଚନା



ଭୁବନେଶ୍ୱର,୦୫/୦୮(ନି.ପ୍ର): ଷ୍ଟାଫ୍ ସିଲେକ୍ସନ କମିସନ ବିରୋଧରେ ଲମ୍ବିଚାଲିଛି ଅଭିଯୋଗର ଫର୍ଦ୍ଦ । ସେ କିଭଳି ବିଭିନ୍ନ ଲୋକଙ୍କ ଜରିଆରେ ଚାକିରୀ ଆଶାୟୀଙ୍କଠାରୁ ଲାଞ୍ଚ ନେଉଥିଲେ, ଆଉ ଟଙ୍କା ନଦେଲେ ଚାକିରୀ ହେଉନଥିଲା ସେନେଇ ଆଜି ପୁରୀର ଜଣେ ଯୁବକ ଅଭିଯୋଗ ଆଣିଛନ୍ତି । ଏଥିସହ କିଛି ଯୁବକ ଚାକିରୀ ପାଇବା ପରେ କିଭଳି ତାଙ୍କ ପତ୍ନୀଙ୍କ ନାଁରେ ଜୀବନବୀମା ଭେଟି ଦେଇଥିଲେ ତାହା କହିଛନ୍ତି । ବ୍ରହ୍ମଗିରିର ଆଉ ଜଣେ ଯୁବକ ମଧ ବିରଞ୍ଚିଙ୍କ ନାଁରେ ସମାନ ଅଭିଯୋଗ ଆଣିଛନ୍ତି । ଅନ୍ୟପଟେ ଏହି ପ୍ରସଙ୍ଗରେ ଆଜି ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ । କୁବେର ପିଏସ ବିରଞ୍ଚିଙ୍କ ବଢ଼ିଲା ଅଡୁଆ । ଖୋଲୁଛି ଗୋଟିଏ ପରେ ଗୋଟିଏ ଗୁମର । ପୁରୀରେ ହାତେଇଛନ୍ତି ଏକାଧିକ ପ୍ଲଟ ! ବିରଞ୍ଚି ସାହୁଙ୍କ ନାଁରେ ଆସିଛି ଆଉ ଏକ ବଡ ଅଭିଯୋଗ । ପୁରୀରେ ରହିଛି ତାଙ୍କର ବହୁ କେଲେଙ୍କାରୀ । ଚାକିରୀ କରାଇଦେବା ସହ ହାତେଇଛନ୍ତି ଏକାଧିକ ପ୍ଲଟ୍ । ଲକ୍ଷାଧିକ ଟଙ୍କା ନେଇ ଅଯୋଗ୍ୟ ଲୋକଙ୍କୁ ଚାକିରୀ ଦେଇଛନ୍ତି । କିଛି ଚାକିରୀ ପାଇବା ପରେ ବିଂରଚିଙ୍କ ସ୍ତ୍ରୀଙ୍କ ଠାରେ ଜୀବନବୀମା ବି କରିଛନ୍ତି । କେବଳ ଏତିକି ନୁହେଁ ବିରଞ୍ଚି ସାହୁଙ୍କ ଦୁର୍ନୀତିର ଆଉ ଏକ ଫର୍ଦ୍ଦ ଖୋଲିଛନ୍ତି ବ୍ରହ୍ମଗିରିର ଶ୍ରୀନିବାସ ଦଳେଇ । ଶ୍ରୀନିବାସଙ୍କ ଅଭିଯୋଗ ଅନୁସାରେ, ୨୦୧୬ରେ ପୁଲିସ ବିଭାଗରେ ଚାକିରୀ ପାଇଁ ପରୀକ୍ଷା ଦେଇଥିଲେ । ଏହି ସମୟରେ କମିଶନରେଟ ପୁଲିସର ଜଣେ କନଷ୍ଟେବଳ ଚାକିରୀ ପାଇଁ ୫ ଲକ୍ଷ ଟଙ୍କା ମାଗିଥିଲେ । ସମ୍ପୃକ୍ତ କନଷ୍ଟେବଳ ଏହି ଟଙ୍କାକୁ ବିରଞ୍ଚିଙ୍କୁ ଦେବେ ବୋଲି କହିଥିବା ଶ୍ରୀନିବାସ ଅଭିଯୋଗ ଆଣିଛନ୍ତି । କଟ୍ ଅଫ୍ ମାର୍କଠାରୁ ୨ ମାର୍କ ଅଧିକ ରଖିଥିଲେ ବି ତାଙ୍କୁ ଚାକିରି ମିଳିନଥିଲା । ଏବେ ଏହା ବିରୋଧରେ ସେ ହାଇକୋର୍ଟ ଯାଇଛନ୍ତି । ସେପଟେ ଓଏସଏସସିରେ ବିରଞ୍ଚି ସାହୁଙ୍କ ଦୁର୍ନୀତିର ପେଡି ଖୋଲିବା ପରେ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ । ବିଜେଡି କହିଛି ଆଇନ ତା ବାଟରେ ଯିବ ।

# ପେଗାସସ୍ ମାମଲା : ସୁପ୍ରିମକୋର୍ଟରେ ପ୍ରଥମ ଶୁଣାଣି

## କୋର୍ଟ କହିଲେ ଯଦି ମିଡିଆ ରିପୋର୍ଟ ସତ୍ୟ ତେବେ ମାମଲା ସଂଗୀନ



ନୂଆଦିଲ୍ଲୀ,୦୫/୦୮: ପେଗାସସ ଗୁପ୍ତଚର ମାମଲାର ଯାଂଚ ପାଇଁ ୯ ଜଣ ଆବେଦନକାରୀଙ୍କ ପକ୍ଷରୁ କୋର୍ଟରେ ଦାଖଲ କରାଯାଇଥିବା ଅଭିଯୋଗ ଉପରେ ଆଜି ଏକା ସାଙ୍ଗରେ ସୁପ୍ରିମକୋର୍ଟ ଶୁଣାଣି କରିଛନ୍ତି । ଏହି ଆବେଦନ ମଧ୍ୟରେ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ବରିଷ୍ଠ ସାମ୍ବାଦିକ ଏନ.ରାମ ଓ ଶଶି କୁମାରଙ୍କ ଦ୍ୱାରା କରାଯାଇଥିବା ଆବେଦନ ବି ସାମିଲ ରହିଛି । ଏହି ମାମଲାର ଶୁଣାଣି ବେଳେ କୋର୍ଟ କହିଛନ୍ତି କି ଯଦି ଗଣମାଧ୍ୟମର ସୂଚନା ସତ୍ୟ, ତେବେ ମାମଲା ଅତି ସମ୍ବେଦନଶୀଳ । ଅନ୍ୟପଟେ ଏନେଇ ଜନସ୍ୱାର୍ଥ ମାମଲା ଦାଖଲ କରିଥିବା ଓକିଲ ଏମ.ଏଲ ଶର୍ମା କୋର୍ଟର ଶୁଣାଣି ବେଳେ କପିଲ ଶିବଲଙ୍କୁ ରୋକିବାରୁ ମୁଖ୍ୟ ବିଚାରପତି ଏମ.ଏଲ ଶର୍ମାଙ୍କ ଉପରେ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ । ମୁଖ୍ୟ ବିଚାରପତି ଏନ.ବି ରମନ୍ନା କହିଥିଲେ କି ଆପଣଙ୍କ ଆବେଦନରେ ଖବର କାଗଜର କଟିଂ ଠାରୁ ଅଧିକ କ'ଣ ପ୍ରମାଣ ରହିଛି ?, ଆପଣ କଣ ଚାହୁଁଛନ୍ତି କି କୋର୍ଟ ଯାଂଚ କରିବା ସହ ତଥ୍ୟ ଯୋଗାଡ କରିବ, ଏଭଳି ତରିକାରେ ଜନସ୍ୱାର୍ଥ ମାମଲା ଦାଖଲ କରିବା ଉଚିତ୍ ନୁହେଁ । ସୁପ୍ରିମକୋର୍ଟର ଦୁଇଜଣିଆ ଖଣ୍ଡପୀଠ କହିଥିଲେ କି ଏହି ମାମଲାରେ ବିଦେଶୀ କମ୍ପାନୀ ମାନଙ୍କର ସଂପୃକ୍ତି ଥିବାରୁ ଏହା ଏକ ଜଟିଳ ମାମଲା । ନୋଟିସ ନେବା ପାଇଁ କେନ୍ଦ୍ର ତରଫରୁ କୌଣସି ବ୍ୟକ୍ତି କୋର୍ଟରେ ଉପସ୍ଥିତ ରହିବା ଦରକାର । ଏହା ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୦ ତାରିଖରେ ହେବ ବୋଲି କୋର୍ଟ କହିଛନ୍ତି ।

## ପାରମିତା ଶତପଥୀ ପାଇବେ ଶାରଳା ପୁରସ୍କାର



ଭୁବନେଶ୍ୱର,୦୫/୦୮ (ନି.ପ୍ର): କଥାକାର ପାରମିତା ଶତପଥୀ ଇମ୍ପାକ୍ଟ ପକ୍ଷରୁ ୪୨ତମ ଶାରଳା ପୁରସ୍କାର ପାଇବେ। ପଶ୍ଚିମା ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ ଉପନ୍ୟାସ 'ଅଭିପ୍ରେତ କାଳ' ପାଇଁ ସେ ଶାରଳା ପୁରସ୍କାର ପାଇବେ। ପୁରସ୍କାର ସ୍ୱରୂପ ୫ ଲକ୍ଷ ଟଙ୍କା ସହ ମାନପତ୍ର ପ୍ରଦାନ କରାଯିବ। କୋଭିଡ୍ ପାଇଁ ଚଳିତ ବର୍ଷ ବ୍ୟକ୍ତିଗତ ଭାବେ ପୁରସ୍କାର ପ୍ରଦାନ କରାଯିବ।

## ୧୬ରୁ ନବମ ଶ୍ରେଣୀ ପାଠପଢା

ଭୁବନେଶ୍ୱର,୦୫/୦୮ (ନି.ପ୍ର): ରାଜ୍ୟରେ ଅଗଷ୍ଟ ୧୬ରୁ ଆରମ୍ଭ ହେବ ୯ମ ଶ୍ରେଣୀ କ୍ଲାସ। ସକାଳ ୯ଟାରୁ ଦିନ ୧୨ଟା ୩୦ ପର୍ଯ୍ୟନ୍ତ ନବମ ଶ୍ରେଣୀ ପାଠପଢା ହେବ। ଏଥିସହ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରାବାସ ମଧ୍ୟ ଖୋଲିବ। ▶▶ପୃଷ୍ଠା ୭

# ୧ ଲକ୍ଷ ଦୁଗ୍ଧ ଚାଷୀଙ୍କୁ ମିଳିଲା ୧୧ କୋଟି ଟଙ୍କାର ସ୍ୱତନ୍ତ୍ର କୋଭିଡ ସହାୟତା



ଭୁବନେଶ୍ୱର,୦୫/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଜ୍ୟର ଦୁଗ୍ଧ ଚାଷୀ ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କୋଭିଡ ସହାୟତା ପ୍ରଦାନ କରିଛନ୍ତି। ଏହାଦ୍ୱାରା ଏକ ଲକ୍ଷ ଦୁଗ୍ଧ ଚାଷୀ ୬୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ପାଇଛନ୍ତି। ସମୁଦାୟ ୧୧ କୋଟି ଟଙ୍କାର ସହାୟତା ଦିଆଯାଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରଥମେ ଅଲମ୍ପିକ୍ ରେ ଭାରତର ସଫଳତା ପାଇଁ ଭାରତୀୟ ଟିମ୍ କୁ ଅଭିନନ୍ଦନ ଜଣାଇ କହିଲେ ଯେ ଭାରତୀୟ ହକୀ ଦଳର ଅନନ୍ୟ ସଫଳତା ପାଇଁ ଆମେ ସମସ୍ତେ ଗର୍ବିତ। ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟ ସରକାର ସବୁବେଳେ ଗରିବ ଲୋକଙ୍କ ସାଥିରେ ଅଛନ୍ତି ଓ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କାମ କରୁଛନ୍ତି। ଗରିବ ଲୋକଙ୍କ ଉପରେ କୋଭିଡ ମହାମାରୀର ପ୍ରଭାବ କମ୍ କରିବା ପାଇଁ ରାଜ୍ୟ ସରକାର ଛୋଟ ଦୋକାନୀ, ଛୋଟ ଚାଷୀ, ମିଶନ ଶକ୍ତିର ମା – ସମସ୍ତଙ୍କ ଆକାଉଂଟରେ ୨୦୦୦ କୋଟିରୁ ଅଧିକ ଟଙ୍କା ଜମା କରାଯାଇଛି ▶▶ପୃଷ୍ଠା ୭

## ଦୁଇ ଓଡ଼ିଆ ହକି ଖେଳାଳିଙ୍କ ପରିବାର ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୫/୦୮ (ନି.ପ୍ର): ଟୋକିଓ ଅଲିମ୍ପିକ୍ ରେ ଦେଶ ପାଇଁ ପଦକ ଆଣିଥିବା ଭାରତୀୟ ହକି ଟିମ୍ ରେ ରହିଛନ୍ତି ୨ ଜଣ ଓଡିଆ ଖେଳାଳି। ହକି ଟିମ୍ ର ଏହି ବିଜୟ ପରେ ୨ ଓଡ଼ିଆ ଖେଳାଳିଙ୍କ ପରିବାର ସହ କଥା ହୋଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭିଡିଓ କନଫରେନ୍ସିଂରେ ଅମିତ ରୋହିଦାସଙ୍କ ଭାଇ ଓ ମା'ଙ୍କ ସହ କଥାହୋଇ ମୁଖ୍ୟମନ୍ତ୍ରୀ ବଧେଇ ଜଣାଇଛନ୍ତି। ଅମିତଙ୍କ ପରିବାର ଖୁବ୍ ଖୁସି ଥିବା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିବା ବେଳେ ଅମିତ ଖୁବ ଭଲ ପ୍ରଦର୍ଶନ କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।ସେହିପରି ଲାଠିକଟା ବ୍ଲକ କାର୍ଯ୍ୟାଳୟରୁ ବିରେନ୍ଦ୍ର ଲାକ୍ରାଙ୍କ ପରିବାର ସହ ମୁଖ୍ୟମନ୍ତ୍ରୀ ଭିସି ଜରିଆରେ କଥାବାର୍ତା ହୋଇଥିଲେ। ବୀରେନ୍ଦ୍ରଙ୍କ ମାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ।

# ଆସନ୍ତା ୨୪ ଘଣ୍ଟା ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୦୫/୦୮(ନି.ପ୍ର): ଆସନ୍ତା ୨୪ ଘଣ୍ଟା ପ୍ରବଳ ବର୍ଷା ସମ୍ଭାବନା ଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପ୍ରକାଶ। କେନ୍ଦୁଝର, ମୟୁରଭଞ୍ଜ ଓ କଳାହାଣ୍ଡି ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ଥିବା ହେତୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୁରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ ଓ ▶▶ପୃଷ୍ଠା ୭

# ଝାରସୁଗୁଡାର ୧୨୬ ବର୍ଷ ପୁରୁଣା ପୋଷ୍ଟ ଅଫିସ୍‌କୁ 'ଐତିହ୍ୟ ପୋଷ୍ଟ ଅଫିସ୍'ର ମାନ୍ୟତା ଦେବା ପାଇଁ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ନୂଆଦିଲ୍ଲୀ / ଭୁବନେଶ୍ୱର,୦୫/୦୮ (ନି.ପ୍ର): ଝାରସୁଗୁଡାର ୧୨୬ ବର୍ଷ ପୁରୁଣା ପୋଷ୍ଟ ଅଫିସ୍‌କୁ 'ଐତିହ୍ୟ ପୋଷ୍ଟ ଅଫିସ୍ ସୌଧ' ଭାବେ ଘୋଷଣା କରିବା ସହ ଏହାର ପୁନଃଉଦ୍ଧାର, ରକ୍ଷଣାବେକ୍ଷଣ ଓ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ କେନ୍ଦ୍ର ଦୂରସଂଚାର, ରେଳ, ଇଲେକଟ୍ରନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ବୁଧବାର କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପତ୍ର ଲେଖି ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଝାରସୁଗୁଡା ପୋଷ୍ଟ ଅଫିସ୍‌କୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ବିଜେପି ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀଙ୍କ ଠାରୁ ଏକ ପତ୍ର ପ୍ରାପ୍ତ କରିଥିଲେ । ସ୍ୱାଧୀନତା ପୂର୍ବରୁ ପଶ୍ଚିମ ଓଡିଶାରେ ଝାରସୁଗୁଡା ଅର୍ଥନୈତିକ ପେଣ୍ଠସ୍ଥଳି ଭାବେ ପରିଣତ କରିବାରେ ଏହି ୧୨୬ ବର୍ଷ ପୁରୁଣା ପୋଷ୍ଟ ଅଫିସର ଝାରସୁଗୁଡାର ଆଧୁନିକ ଇତିହାସରେ ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଭାରତରେ ଭାରତୀୟ ଡାକ ସେବା ଦ୍ୱାରା ବିହାର, ଦିଲ୍ଲୀ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ, କେରଳ, କର୍ଣ୍ଣାଟକ, ଉତର ପ୍ରଦେଶ, ତାମିଲନାଡୁ ଓ ପଶ୍ଚିମବଙ୍ଗରେ ଥିବା ୩୬ ଟି ଐତିହ୍ୟ ପୋଷ୍ଟ ଅଫିସ୍‌ର ରକ୍ଷଣବେକ୍ଷଣ କରାଯିବା ସହ ଭାରତୀୟ ଡାକ ସେବାର ଗୌରବମୟ ଇତିହାସ, ସାମାଜିକ ଓ ସାଂସ୍କୃତିକ ମହତ୍ୱକୁ ଦୃଷ୍ଟିରେ ରଖି ପୋଷ୍ଟ ଅଫିସ୍‌କୁ ଐତିହ୍ୟ ପୋଷ୍ଟ ଅଫିସ୍ ଭାବେ ମାନ୍ୟତା ଦେବା ପ୍ରଶଂସନୀୟ ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି । ଏହି ପରିପ୍ରେକ୍ଷିରେ ୧୮୯୫ ମସିହାରେ ସ୍ଥାପିତ ଝାରସୁଗୁଡା ପୋଷ୍ଟ ଅଫିସର ଇତିହାସ ଏବଂ ଜିଲ୍ଲାର ବିକାଶ ପ୍ରତି ଥିବା ଅବଦାନକୁ ଦୃଷ୍ଟିରେ ରଖି ବ୍ୟକ୍ତିଗତ ହସ୍ତକ୍ଷେପ କରି ଏହାକୁ ଐତିହ୍ୟ ପୋଷ୍ଟ ଅଫିସ୍ ଭାବେ ମାନ୍ୟତା ଦେବା ସହ ଏହାର ପୁନଃଉଦ୍ଧାର କରିବା ପାଇଁ ପତ୍ରରେ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

# ଡେଲଟା ଭାରିଆଣ୍ଟ ପାଇଁ ବୁଷ୍ଟର ଡୋଜ ଦେବାକୁ ମନା କଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ




ନୂଆଦିଲ୍ଲୀ,୦୫/୦୮: ବିଶ୍ୱର ପ୍ରାୟ ୧୩୨ଟି ଦେଶରେ କରୋନାର ଡେଲଟା ଭୂତାଣୁ ମାଡି ଯାଇଥିବାବେଳେ ଟିକାର ବୁଷ୍ଟର ଡୋଜ୍ ଉପରେ ଗୁରୁତ୍ୱ ଦେଉଛନ୍ତି ଅଧିକାଂଶ ଦେଶ । ହେଲେ ଆଗାମୀ ସେପଟ୍ମେର ପର୍ଯ୍ୟନ୍ତ ଏହାକୁ ବନ୍ଦ ରଖିବା ପାଇଁ କହିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । କାରଣ ବୁଷ୍ଟର ଡୋଜ୍ ଅପେକ୍ଷା ବିଶ୍ୱର ସମସ୍ତ ଦେଶରେ ଅନ୍ୟୁନ ୧୦ ପ୍ରତିଶତ ଲୋକଙ୍କ କରୋନା ଟିକାକରଣ ଉପରେ ଜୋର ଦେଇଛି ହୁ । କାରଣ ବିଶ୍ୱର ଧନୀ ଦେଶଗୁଡିକ ସେମାନଙ୍କ ଜନସଂଖ୍ୟାର ପ୍ରାୟ ୫୦ ପ୍ରତିଶତ ଟିକାକରଣ ଶେଷ କରିଥିବାବେଳେ ଗରିବ ରାଷ୍ଟ୍ରଗୁଡିକରେ ମାତ୍ର ଦେଢ ପ୍ରତିଶତ ଟିକାକରଣ ହୋଇପାରିଛି । ଅଧିକାଂଶ ଦେଶରେ କୋରନାର ଡେଲ୍ଟା ଭୂତାଣୁ ମାଡି ଚାଲିଥିବାବେଳେ ଏବେ ଟିକାର ବୁଷ୍ଟର ଡୋଜ୍ ଦେବା ଆରମ୍ଭ ହୋଇଛି । ଜର୍ମାନୀରେ ଆଗାମୀ ସେପଟ୍ମେରରୁ ଆରମ୍ଭ ହେବ ବୁଷ୍ଟର ଡୋଜ୍ । ୟୁଏଇରେ ମଧ ଟିକାର ଦୁଇଟି ଡୋଜ୍ ନେଇଥିବା ▶▶ପୃଷ୍ଠା ୭

# ବନ୍ଧନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ତରଫରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ



ଭଦ୍ରକ,୫/୮ (ନି.ପ୍ର): ଭଦ୍ରକ ଏରେଇଁ ପଞ୍ଚାୟତର ଆଦିବାସୀ ସାହି ସ୍ଥିତ ଅଙ୍ଗନୱାଡି କେନ୍ଦ୍ରରେ ବନ୍ଧନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ତରଫରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ସଭାପତି ଜ୍ୟୋତିପ୍ରଭା ଜେନା, ସ୍ୱାସ୍ଥ୍ୟକର୍ମୀ ଅନିତା ମହାନ୍ତି, ରଂଜିତା ପାତ୍ର, ଅଙ୍ଗନୱାଡି କର୍ମୀ ସଂଜୁଲତା ବିଶ୍ୱାଳ, ଆଶାକର୍ମୀ ଦୁଲାରୀ ବିନ୍ଧାଣୀ ଓ ସଂଜୁଲତା ପଢିଆରୀ, ବନ୍ଧନ ସ୍ୱାସ୍ଥ୍ୟ ସହାୟିକା ନୀନା ବିଦାନ୍ତ ପ୍ରମୁଖ ଯୋଗ ଦେଇ ସଭାରେ ଯୋଗ ଦେଇଥିବା ଗର୍ଭବତୀ ମହିଳା, ପ୍ରସୂତୀ ମାଆମାନେ କିପରି ନିଜର ପିଲାକୁ ସ୍ତନ୍ୟପାନ କରାଇବେ ତାହାର ପ୍ରଣାଳୀ ବତାଇଥିଲେ। ଏହା ସହିତ ଛୋଟ ପିଲାଙ୍କ ଯତ୍ନ କିପରି ନିଆଯିବ ସେ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଶିଶୁ ଜନ୍ମ ହେବାର ଅଧ ଘଣ୍ଟାଏ ମଧ୍ୟରେ ପିଲାଙ୍କୁ ସ୍ତନ୍ୟପାନ କରାଇବା, କଷ କ୍ଷୀରକୁ ଛୁଆଙ୍କୁ ପିଆଇବା, ପିଲା ୬ ମାସ ନହେବା ପର୍ଯ୍ୟନ୍ତ କେବଳ ମା' କ୍ଷୀର ବ୍ୟତୀତ ଅନ୍ୟ କୌଣସି ଖାଦ୍ୟ ନ ଖୁଆଇବା, ନିୟମିତ ଅନ୍ତରରେ ପିଲାଙ୍କୁ କ୍ଷୀର ନିଶ୍ଚିତ ଦେବା, ପିଲାଙ୍କୁ କ୍ଷୀର ଖୁଆଇବା ସମୟରେ ଗୋଟିଏ ସ୍ତନରୁ କ୍ଷୀର ଶେଷ ନ ହେବା ପର୍ଯ୍ୟନ୍ତ ଆଉ ଗୋଟିଏ ସ୍ତନରୁ କ୍ଷୀର ନଦେବା, କର୍ମଜୀବୀ ମହିଳାମାନେ ସ୍ତନରୁ କ୍ଷୀର ବାହାର କରି ସୂର୍ଯ୍ୟ କିରଣ ପଡୁ ନଥିବା ସ୍ଥାନରେ ରଖି ୮ ଘଣ୍ଟା ପର୍ଯ୍ୟନ୍ତ ପିଲାଙ୍କୁ ଖୁଆଇ ପାରିବା ଭଳି ବିଭିନ୍ନ ଉପାଦେୟ ବାର୍ତ୍ତା ମାଧ୍ୟମରେ ସଚେତନ କରାଇଥିଲେ। ମହିଳାମାନେ ସ୍ତନ୍ୟପାନ କ୍ଷେତ୍ରରେ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିବା ବେଳେ ସ୍ୱାସ୍ଥ୍ୟକର୍ମୀମାନେ ତାହାକୁ ସରଳ ଭାବେ ବୁଝାଇଥିଲେ।

## ସାଧାରଣ ବୀମା କର୍ମଚାରୀଙ୍କ ଧର୍ମଘଟ

ଭଦ୍ରକ,୫/୮ (ନି.ପ୍ର): ଚଳିତ ସଂସଦ ଅଧିବେଶନରେ ମୋଦି ସରକାର ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବେ ପାସ୍ କରିଥିବା ସାଧାରଣ ବୀମା ଜାତୀୟକରଣ ସଂଶୋଧନ ବିଲ - ୨୦୨୧କୁ ବିରୋଧ କରି ଆଜି ସାରା ଦେଶରେ ସାଧାରଣ ବୀମା କର୍ମଚାରୀ ଓ ଅଫିସରମାନେ ଦିନିକିଆ ଧର୍ମଘଟ କରିଛନ୍ତି। ସାଧାରଣ ବୀମା କର୍ମଚାରୀ ଓ ଅଫିସରମାନଙ୍କର ସଂଯୁକ୍ତ ଫୋରମ ତରଫରୁ ଏହି ଡାକରାରେ ଭଦ୍ରକର ସମସ୍ତ ସାଧାରଣ ବୀମା କାର୍ଯ୍ୟାଳୟ ଯଥା- ଓରିଏଣ୍ଟାଲ ଇନ୍ସୁରାନ୍ସ, ନିଉ ଇଣ୍ଡିଆ ଇନ୍ସୁରାନ୍ସ, ନ୍ୟାସନାଲ ଇନ୍ସୁରାନ୍ସ ବନ୍ଦ ରହିଥିଲା। ଏହି ଆଇନ ଦ୍ୱାରା ସରକାର ଲାଭଦାୟକ ବୀମା ଶିଳ୍ପକୁ ଘରୋଇ ପୁଞ୍ଜିପତିଙ୍କ ହାତରେ ଶାଗମାଛ ଦରରେ ଟେକିଦେବା ସହିତ ଜନସାଧାରଣଙ୍କ ସମ୍ପତିର ସୁରକ୍ଷା ବିପନ୍ନ ହେବ ବୋଲି ଫୋରମ ପକ୍ଷରୁ ଚେତାବନୀ ଦେଇଛନ୍ତି। ଏହି ଧର୍ମଘଟରେ ସାଧାରଣ ବୀମା କର୍ମଚାରୀ ସଂଘର ସଭାପତି କାଳନ୍ଦୀ ଚରଣ ପାତ୍ର, ସମ୍ପାଦକ ମନୋରଂଜନ ଗୋଛାୟତ, ସୁବାସ ପରିଡା, ସବିତା ସୂତ୍ରଧର, ଅଗଣି ଜେନା, ସନ୍ତୋଷ ଅଧିକାରୀ, ଆଲୋକ ମହାପାତ୍ର, କାର୍ତ୍ତିକ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ।

## ରକ୍ତଦାନ ଶିବିର ଅନୁଷ୍ଠିତ

ନୀଳଗିରି,୫/୮ (ନି.ପ୍ର): ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କରୋନା ମହାମାରୀ ସମୟରେ ରକ୍ତ ଭଣ୍ଡାରରେ ଯେଉଁଭଳି ରକ୍ତ ସଙ୍କଟ ନହୁଏ କିମ୍ବା କୌଣସି ରୋଗୀ ରକ୍ତ ପାଇବାରୁ ଯେମିତି ବଞ୍ଚିତ ନହୁଅନ୍ତି; ଏହାକୁ ଦୃଷ୍ଟିରେ ରଖି ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଗୋପ ଗାଁର ମନୋରଞ୍ଜନ ଦାସ, ବିବେକ ମଲିକଙ୍କ ତତ୍ତ୍ୱାବଧାନରେ ଚଳିତବର୍ଷର ଚତୁର୍ଥ ଥର ପାଇଁ ପଞ୍ଚଲିଙ୍ଗେଶ୍ୱର ସାଇ ହିଲ ଭିୟୁ ରିସର୍ଟଠାରେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୩ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ଲକ୍ଷ୍ମୀଧର ସ, ମାୟାଧର ପଣ୍ଡା, ଅଶୋକ ମଢୁଆଳ, ଉମାକାନ୍ତ ପାଣିଗ୍ରାହୀ, ଅନିତା ଦାସ, ବବି ମଲିକ, ବୀରେନ୍ଦ୍ର ବେହେରା, ମନୋଜ ମଲିକ ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଆଗାମୀ ଦିନରେ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ

ନୀଳଗିରି,୫/୮ (ନି.ପ୍ର): ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନ ପକ୍ଷରୁ ଅନଲାଇନ ମାଧ୍ୟମରେ ଆୟୋଜିତ ସଂସ୍କୃତ ସମ୍ଭାଷଣ ଶିବିର ଉଦଯାପିତ ହୋଇଯାଇଛି। ପ୍ରତିଷ୍ଠାନର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. କୁମାର ଚନ୍ଦ୍ର ମିଶ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସଂସ୍କୃତ ଭାଷା ଦ୍ୱାରା ଭାରତୀୟ ଜାତୀୟ ଏକତା ଓ ଭାଇଚାରା ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଚଳଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର, ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସି ଉପେନ୍ଦ୍ର ରାଓ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରାଧାପକ ଡ. ହରେକୃଷ୍ଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ କଳ୍ପନା ନାୟକ ଦୀପ ପ୍ରଜ୍ଜଳନ କରିଥିବା ବେଳେ ପଣ୍ଡିତ ପର୍ଶୁରାମ ମିଶ୍ର ବେଦପାଠ କରିଥିଲେ। ହରିପଦ ବେରା ସଭା ସଞ୍ଚାଳନ କରିଥିଲେ। ଅମୃତବାଣୀ ସେବା ପ୍ରତିଷ୍ଠାନର ତପନ ପଣ୍ଡା, ଜୟପ୍ରକାଶ ଶାସ୍ତ୍ରୀ, ତେଜରାଜ ପ୍ରଧାନ, ନାରାୟଣ ପଣ୍ଡା, ଦୁର୍ଗାଶଙ୍କର ପଣ୍ଡା, ଅନନ୍ୟା ଗିରି, ଦେବବ୍ରତ ପାଣିଗ୍ରାହୀ, ରାଜକିଶୋର ଦାଶ, ସନ୍ତୋଷ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅନଲାଇନ ଶିବିରରେ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦୁଲ୍ଲାଲ ମିଶ୍ର ଶିବିରରେ ଧନ୍ୟବାଦ ଦେଇଥିଲେ।

## ୨ କୁଇଂଟାଲ ଗଞ୍ଜେଇ ଜବତ: ୩ ଗିରଫ

ମାଲକାନଗିରି,୫/୮ (ନି.ପ୍ର): ମାଲକାନଗିରିଜିଲ୍ଲା ଚିତ୍ରକୋଣ୍ଡା ପୋଲିସ କୁ ମିଳିଛି ଏକ ସଫଳତା ଦୁଇ କୁଇଂଟାଲ ଏକ କେଜି ଗଞ୍ଜେଇ, ଗୋଟିଏ ଡଷ୍ଟର ଗାଡ଼ି ଜବତ ସହ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଚିତ୍ରକୋଣ୍ଡା ପୁଲିସ। ଚିତ୍ରକୋଣ୍ଡା ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ। ଗତ କାଲି ରାତିରେ ଗୁଣ୍ଡାବାଡ଼ା ପଞ୍ଚାୟତ ଅଞ୍ଚଳରେ ପାଟ୍ରୋଲିଙ୍ଗ କରୁଥିବା ସମୟରେ ଗୁଣ୍ଡାବାଡ଼ା ସିଲେରୁ ରାସ୍ତାରେ ଏକ ଡଷ୍ଟର କାର ଗାଡ଼ି ନମ୍ବର ଓଡି ୦୭ ସି ୦୨୩୦ ଯାଉଥିବା ଦେଖି ଗାଡିକୁ ଅଟକାଇ ଥିଲେ କ୍ଷ ଗାଡ଼ି କୁ ଯାଞ୍ଚ କରିବାରୁ କାର ରେ ୮ ପ୍ୟାକେଟ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ।ଉକ୍ତ ଗଞ୍ଜେଇ ସହ ଡଷ୍ଟର କାର ତିନି ଜଣ ଅଭିଯୁକ୍ତ କୁ ଚିତ୍ରକୋଣ୍ଡା ଥାନାକୁ ଅଣାଯାଇ ଅଟକ ରଖି ଅଧିକ ପଚରା ଉଚରା ସହ ଆଜିକୋର୍ଟ ଚାଲାଣ କରାଯାଇଛି। ଗିରଫ ତିନି ଜଣ ଅଭିଯୁକ୍ତମାନେ କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅଧିନସ୍ଥ ସିଲିପଣ୍ଡି ଓ କାଞ୍ଚନ ଗ୍ରାମର ସନ୍ତୋଷ କିଣ୍ଡାଲ, ବୟସ -୨୬, ଅଭିମନୁ ସିସା, ବୟସ ୩୫, ଏବଂ ହରି ଖିଲ, ବୟସ -୨୫, ! ଅଭିଯୁକ୍ତ ମାନେ ଡଷ୍ଟର କାର ରେ ନକଲି ନମ୍ବର ଲଗାଇ ଆନ୍ଧ୍ର କୁ ଗଞ୍ଜେଇ ଚାଲାଣପାଇଁ ନେଉଥିବା ଜଣାପଡିଛି !ଜବତ ଦୁଇ କୁଇଣ୍ଟାଲ ଏକ କେଜି ଗଞ୍ଜେଇ ବଜାର ଦର ଆନୁମାନିକ ମୂଲ୍ୟ ଏକ କୋଟିରୁ ଉର୍ଦ୍ଧ ଟଙ୍କା ହେବ।

## ସାରର ଅଭାବି ବିକ୍ରି ନେଇ ଘେରାଉ

ଜୟପୁର,୫/୮ (ନି.ପ୍ର): ସାରର ଅଭାବି ବିକ୍ରି ନେଇ ଘେରାଉ ବିକ୍ଷୋଭ କରିଛି କଂଗ୍ରେସ। ଦଳୀୟ ପତକା ବ୍ୟାନର ଧରି ବିକ୍ଷୋଭ କରିଛି। ଖରିଫ ଋତୁ ରେ ସାରର ଅଭାବ ଦେଖାଯାଇଛି। ଏନେଇ ଆଜି ଜିଲା କଂଗ୍ରେସ କମିଟିର ସଭାନେତ୍ରୀ ମିନାକ୍ଷି ବାହିନିପତି ଙ୍କ ଆହ୍ୱାନରେ ଜିଲା କିଷାନ କଂଗ୍ରେସ ତରଫରୁ ଜୟପୁର ସ୍ଥିତ ମୁଖ୍ୟ ଜିଲା କୃଷି ଅଧିକାରୀ ଙ୍କ କାଯ୍ୟାଳୟ କୁ ଘେରାଉ ଓ ବିକ୍ଷୋଭ କରାଯାଇ ଧାରଣା ଦିଆଯାଇଛି। ଏହା ସହ ରାଜ୍ୟପାଳଙ୍କ ଉଦ୍ଦେଷ୍ୟରେ ଜିଲା ମୁଖ୍ୟ କୃଷି ଅଧିକାରିଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରାଯାଇଛି। ୭ ଦିନ ଭିତରେ ଚାଷିଙ୍କ ନିକଟରେ ସାର ନ ପହଞ୍ଚି ଲେ ଆନ୍ଦୋଳନ କୁ ଜୋର ସୋର କରାଯିବ ବୋଲି କିଷାନ କୃଷି ବିଭାଗକୁ ଚେତାବନି ଦେଇଛି। ଖରିପ ଋତୁରେ ସାରର ଅଭାବ ନେଇ ଚିନ୍ତାରେ ଚାଷୀ। ଜିଲାରେ ଚଳିତ ବର୍ଷ ଆବଶ୍ୟକତା ଠାରୁ ବହୁ କମ ପରିମାଣର ସାର ଯୋଗାଇ ଦିଆଯାଇଛି। ଅଗଷ୍ଟ ମାସ ଶେଷ ସୁଦ୍ଧା ଜିଲାରେ କେବଳ ୬୦ ପ୍ରତିଶତ ସାର ଆସିଛି। ୟୁରିଆ, ଗ୍ରାମର, ଓ ପୋଟାସ ସାରର ଅଭାବ ଦେଖାଯାଇଛି। ଏହାର ସୁଯୋଗ ନେଇ କଳାବଜାରି କରୁଛନ୍ତି ଦଲାଲ। ବର୍ତ୍ତମାନ ଖରିଫ ଋତୁ ପାଇଁ ଚାଷ କାଯର୍ଯ୍ୟ ଚାଲୁଥିବା ବେଳେ ସାରର ଅଭାବ ଦେଖାଯାଇଛି। ବିଭିନ୍ନ ସ୍ଥାନରେ ଡିଲର ମାନେ ଚଢ଼ା ଦରରେ ବିକିବା ପାଇଁ ବେଆଇନ ମହଜୁଦ କରି ରଖୁଛନ୍ତି। କୃତିମ ଅଭାବ ସୃଷ୍ଟି କରି ନିଜର ଫାଇଦା ଉଠାଇବା କୁ ଚେଷ୍ଟା କରୁଥିବା ବିଷୟ କଂଗ୍ରେସ ଅଭିଯୋଗ କରିଛି। ଖୁବ ଶିଘ୍ର ସାରର ଅଭାବ ଦୁର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟ ଜିଲା କୃଷି ଅଧିକାରି ନାଥ। ଏହି ବିକ୍ଷୋଭରେ ଜିଲା କିଷାନ ସଭାପତି ଭବାନି ଶଙ୍କର ରଥ. ବିନୋଦ ମହାପାତ୍ର, ନିହାର ବିଷୋୟୀ, ନଗର ସଭାପତି ନରି ମହାନ୍ତି, ଯୁବ ସଭାପତି ସୁକାନ୍ତ ପଟ୍ଟନାୟକ, ରୁପକ ତୁରକ, ଜିଲା ମହିଳା ସଭାନେତ୍ରୀ ନଳନି ରଥ, ପୁବତନ ବିଧାୟକ ନିମାଇ ସରକାର ସମେତ ଶତାଧିକ ଚାଷି ଉପସ୍ଥିତ ଥିଲେ।

## ଅଜଣା ବ୍ୟକ୍ତିର ଶବ ଉଦ୍ଧାର

ନୂଆପଡ଼ା ,୫/୮ (ନି.ପ୍ର): ନୂଆପଡା ଜିଲ୍ଲା ସଦର ଥାନା ଅନ୍ତର୍ଗତ ଖୋକସା ଗାଁ ର ୩୫୩ ନଂ ଜାତୀୟ ରାଜପଥ କଡରେ ଥିବା ଏକ ପୋଖରୀରୁ ଏକ ଅଜଣା ବ୍ୟକ୍ତିର ଶବ ଉଦ୍ଧାର କରିଛି ନୂଆପଡା ପୋଲିସ। ଉଦ୍ଧାର ହୋଇଥିବା ଶବର କୌଣସି ପରିଚୟ ମିଳି ନ ଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁସାରେ ଖୋକସା ଗାଁ ର ୩୫୩ ନଂ ଜାତୀୟ ରାଜପଥ କଡରେ ଥିବା ପୋଖରୀରୁ ଆଜି ସକାଳୁ ଏକ ମୃତ ଦେହ ଭାସୁଥିବା କିଛି ଲୋକ ଦେଖିବାକୁ ପାଇଥିଲେ। ପରେ ପୋଲିସକୁ ଖବର ଦେବା ପରେ ନୂଆପଡା ପୋଲିସ ଘଟଣାସ୍ଥଳରେ ପହଚିଂ ଦମକଳ ବାହିନୀ ସହାୟତାରେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି।

## ବ୍ରହ୍ମପୁରରେ ଗତ ୨୪ ଘଂଟାରେ ୧୮୪ ବାହନରୁ ୯୨ହଜାର ଟଙ୍କା ଚାଲାଣ ଆଦାୟ

ବ୍ରହ୍ମପୁର,୫/୮ (ନି.ପ୍ର): ଗତ ୨୪ଘଂଟା ମଧ୍ୟରେ ବ୍ରହ୍ମପୁର ପୋଲିସ୍ ବିଭିନ୍ନ ଯାନବାହନ ଚାଳକଙ୍କ ଠାରୁ ୯୨ ହଜାର ଟଙ୍କା ଚାଲାଣ ଆଦାୟ କରିଛି। ବ୍ରହ୍ମପୁର ଏସ୍‌ପିଙ୍କ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଏହି ସମୟ ମଧ୍ୟରେ ୧୮୪ଟି ଯାନବାହନରୁ ଚାଲାଣ କଟାଯାଇଛି। ସେହିପରି ମାକ୍ସ ନପିନ୍ଧିବା ଅଭିଯୋଗରେ ୧୫ହଜାର ୪୦୦ଟଙ୍କା ଏବଂ ସାମାଜିକ ଦୂରତା ନରଖିବା ୦୨ବ୍ୟକ୍ତିଙ୍କ ଠାରୁ ୧ହଜାର ଟଙ୍କା ଆଦାୟ କରାଯାଇଛି। ଏହାବ୍ୟତୀତ ୧୦ ଲିଟର ମଦ ଜବତ କରାଯାଇଛି। ୦୧ଟି ଅବକାରୀ ମାମଲା ରୁଜୁ ହେବା ସହିତ ଜଣଙ୍କୁ ଗିରଫ କରାଯାଇଛି।

# ପଥରପଦା ପଂଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

କୋରେଇ,୫/୮ (ନି.ପ୍ର): ଯାଜପୁର ଜିଲ୍ଲା କୋରାଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ପଂଚାୟତରୁ ୨୦୧୭ ମସିହାରେ ନୂତନ ଭାବେ ପଥରପଦା ପଂଚାୟତ ଜନ୍ମଲାଭ କରିଥିଲା। ଆଜି ପଥରପଦା ପଂଚାୟତର ନୂତନ କାର୍ଯ୍ୟାଳୟ ଓ ମିଶନ ଶକ୍ତି ଗୃହର ଉଦଘାଟନ ସହ ପଂଚାୟତ ଭବନ ଓ ମା ନେଙ୍କୁରଶୁଣୀ ପୀଠରେ କଲ୍ୟାଣ ମଣ୍ଡପର ଶିଳାନ୍ୟାସ କୋରାଇ ବିଧାୟକ ଅଶୋକ କୁମାର ବଳଙ୍କ କରକମଳରେ କରାଯାଇଛି। ଅତିଥିଭାବେ କୋରାଇ ବ୍ଲକ ବିଡିଓ ଶ୍ରୀମତୀ ଶ୍ୱେତା ସିଗ୍ଧା, ୩ ନମ୍ବର ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ଘଡାଇ, ପଥରପଦା ସରପଂଚ ପ୍ରକାଶ ଚନ୍ଦ୍ର ମଲ୍ଲିକ ଓ ସମିତିସଭ୍ୟା ପାର୍ବତୀ ବେହେରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଭକ୍ତ ବତ୍ସଳ ସ୍ୱାଇଁ, ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି, ଯୁବନେତା ତାରକେଶ୍ୱର ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭିକାରୀ ବରାଳ, ପାଣିକୋଇଲି ସରପଂଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ସମିତିସଭ୍ୟ ସେକ ଜହର ଅଲ୍ଲୀ, ସୂର୍ଯ୍ୟମଣି ପଣ୍ଡା, ପ୍ରତାପ ମଲ୍ଲିକ, ନିମାଇଁ ମଲ୍ଲିକ, ସତିସ ଧଳ, ପ୍ରଶାନ୍ତ ପଣ୍ଡା, ଶଶିକାନ୍ତ ମଲ୍ଲିକ, ସଂଜୀବ ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଜେଡି ପଂଚାୟତ ସଭାପତି ସନ୍ତୋଷ କୁମାର ବେହେରା, ଯୁବ ବିଜେଡି ସଭାପତି ସ୍ୱପ୍ନାନନ୍ଦ ଦାସ, ଗୋକୁଳାନନ୍ଦ ସାହୁ, ପ୍ରେମେଶ ମହାକୁଡ, ପଙ୍କଜ ନୟନ ଦାସ, ଚନ୍ଦ୍ରକାନ୍ତ ବିଶ୍ୱାଳ, ଶିବ ପ୍ରସାଦ ଗିରି, ପ୍ରେମାନନ୍ଦ ବାରିକ, ଜିତେନ୍ଦ୍ର ଭାରତୀ, ଆଲୋକ ବେହେରା, ନିରଂଜନ ପରିଡା, ଦୀପକ ରାୟ, ଗଙ୍ଗାଧର ସାହୁ, ସଂଜୟ କୁମାର ବେହେରା, ନୀଳମଣି ବାରିକ, ସୁଶାନ୍ତ ବେହେରା, ସନ୍ତୋଷ ମହାକୁଡ, ନରେଶ ବେହେରା, ମନୋରଂଜନ ସ୍ୱାଇଁ, ଅମୂଲ୍ୟ ମଲିକ, ଲକ୍ଷ୍ମୀଧର ବାରିକ, ବିଦ୍ୟାଧର ଭୁୟାଁ, ଜୟରାମ ଆରଣ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ଥିବା ବେଳେ ପଥରପଦା ପଂଚାୟତର ବଡବରୁଣାଇପଦା ଗ୍ରାମର ପିତାମ୍ବର ନାୟକ ବିଧାୟକ ଶ୍ରୀ ବଳଙ୍କ ଉପସ୍ଥିତିରେ କଂଗ୍ରେସ ଦଳ ଛାଡି ବିଜେଡି ଦଳରେ ଯୋଗଦେଇଥିଲେ। ପଥରପଦା ବିଜେଡି ପକ୍ଷରୁ ତାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।

## ସୁନା ଅଳଙ୍କାର ଦେବା ନାମରେ ୨୦ ଲକ୍ଷ ଠକେଇ : ଅଭିଯୁକ୍ତ କଟକରୁ ଗିରଫ

ଗଞ୍ଜାମ,୫/୮ (ନି.ପ୍ର): ସୁନା ଅଳଙ୍କାର ଦେବା ନାମରେ ଜଣେ ସୁନା ଦୋକାନୀଙ୍କ ନିକଟରୁ କଟକ ଅଂଚଳର ଜଣେ ବ୍ୟବସାୟୀ ୨୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ଭଞ୍ଜନଗର ପୋଲିସ ଥାନାରେ ହୋଇଛି। ଘଟଣାରେ ପୋଲିସ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ କଟକର ସୁନା ବ୍ୟବସାୟୀ ଅମଲ ସେଠ୍ (୫୨) ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, କୁଲାଡ଼ ଗ୍ରାମର ସୁନା ବ୍ୟବସାୟୀ କାହ୍ନୁ ପାତ୍ର ବହୁ ବର୍ଷ ଧରି ଅମଲଙ୍କ ଠାରୁ ସୁନା ଆଣି ବ୍ୟବସାୟ କରୁଥିଲେ। ସୁନା ବରାଦ କରିବା ସହ ଅଗ୍ରୀମ ଟଙ୍କା ନେଣଦେଣ ଫଳରେ ବ୍ୟବସାୟୀ ଜଣକ କାହ୍ନୁଙ୍କ ନିକଟକୁ ସୁନା ପଠାଉଥିଲେ। ଗତ ୨୦୧୯ ମସିହାରେ କାହ୍ନୁ ୪୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ବରାଦ କରିଥିଲେ। ସେଥି ମଧ୍ୟରୁ ଅମଲ ୨୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର କାହ୍ନୁଙ୍କୁ ଦେଇଥିବା ବେଳେ ବାକି ୨୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଦେଇନଥିଲେ। ଇତିମଧ୍ୟରେ ଅନେକ ଦିନ ବିତି ଯାଇଥିଲେ ମଧ୍ୟ ଅମଲ ସୁନା ଦେଉନଥିଲେ କିମ୍ବା ଟଙ୍କା ଫେରାଉନଥିଲେ। ଶେଷରେ କାହ୍ନୁ ଏନେଇ ଭଞ୍ଜନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଥାନା କେସ୍ ନଂ ୬୪/୨୧ ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗତକାଲି ଭଞ୍ଜନଗର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ କଟକ ଯାଇ ସୁନା ବ୍ୟବସାୟୀଙ୍କୁ ଗିରଫ କରିବା ସହ ଆଜି କୋର୍ଟଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ସୁଜିତ କୁମାର ସାହୁ ସୂଚନା ଦେଇଛନ୍ତି।

## ଦୁଇ ଜୁଆ ଆଡ୍ଡାରେ ଚଢ଼ଉ : ୮ ଗିରଫ

ଗଞ୍ଜାମ,୫/୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ପୋଲିସ ପକ୍ଷରୁ ଦୁଇଟି ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯିବା ସହ ଘଟଣାସ୍ଥଳରୁ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ନଗଦ ୧୧ ହଜାର ଟଙ୍କା ଓ ୪ଟି ମୋବାଇଲ ଜବତ ହୋଇଛି। ରମ୍ଭା ଥାନା ଅଧିକାରୀ ଦିପ୍ତୀରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଏସଆଇ ସଂଗ୍ରାମ କେଶରୀ ସ୍ଥାନୀୟ ଶାବୁଳିଆ ଠାକୁରାଣୀ ମନ୍ଦିର ନିକଟରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ଉ କରି ନଗଦ ୭ ହଜାର ଟଙ୍କା ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନା କେସ୍ ନଂ ୩୬୧/୨୧ ରେ ଏକ ମାମଲା ରୁଜୁ କରି ଗିରଫ ଜୁଆଡ଼ି ମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ରମ୍ଭା ଥାନା ପୋଲିସ ପକ୍ଷରୁ ନୂଆପଲ୍ଲୀ ଗ୍ରାମ ୟୁ.ପି. ସ୍କୁଲ ପଛ ପାର୍ଶ୍ୱରେ ଚାଲିଥିବା ଜୁଆ ଆଡ୍ଡାରେ ଏସଆଇ ସୋମନାଥ ମହାରଣା ଚଢ଼ଉ କରି ନଗଦ ୪୧୦୦ ଟଙ୍କା ଓ ୪ଟି ମୋବାଇଲ ଜବତ କରିବା ସହ ଘଟଣାରେ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ସଂକ୍ରାନ୍ତରେ ଥାନା କେସ୍ ନଂ ୩୬୨/୨୧ ରେ ମାମଲା ରୁଜୁ ହୋଇଛି।

## ଆସନ୍ତା ୧୬ରୁ ଭକ୍ତଙ୍କ ଦର୍ଶନ ପାଇଁ ଖୋଲିବ ଶ୍ରୀମନ୍ଦିର

ପୁରୀ,୫/୮ (ନି.ପ୍ର): ଆସନ୍ତା ୧୬ ତାରିଖ ଠାରୁ କୋଭିଡ୍ କଟକଣା ଅନୁଯାୟୀ ଭକ୍ତଙ୍କ ଦର୍ଶନ ପାଇଁ ଖୋଲିବ ଶ୍ରୀମନ୍ଦିର। ପ୍ରଥମେ ପୁରୀ ସହରବାସୀ ୧୬ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଦର୍ଶନ କରିପାରିବେ। ୨୧ ଓ ୨୨ ତାରିଖ (ଶନିବାର, ରବିବାର) ସଟ୍ ଡାଉନ୍ ଯୋଗୁଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିବ। ୨୩ ତାରିଖ (ସୋମବାର) ଠାରୁ ସହରବାସୀଙ୍କ ସହ ସମସ୍ତ ଭକ୍ତଙ୍କ ପାଇଁ ଦର୍ଶନ ବ୍ୟବସ୍ଥା କରାଯିବ। ଏଥିପାଇଁ ଭକ୍ତଙ୍କ ନିମନ୍ତେ ସେଡ୍ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ୍ କରାଯାଇଛି। ଦର୍ଶନ ନିମନ୍ତେ ଆସୁଥିବା ଶ୍ରଦ୍ଧାଳୁ ମାନେ ମୁହଁରେ ମାସ୍କ ପିନ୍ଧିବା ସହ ହାତ ସାନିଟାଇଜ୍ କରି ମନ୍ଦିର ମଧ୍ୟକୁ ପ୍ରବେଶ କରିବେ। ଭକ୍ତ ମାନେ ଭୋଗ କିମ୍ବା କୌଣସି ପୂଜା ସାମଗ୍ରୀ ମନ୍ଦିର ଭିତରକୁ ନେଇପାରିବେ ନାହିଁ। ମନ୍ଦିର ଭିତରେ କୌଣସି ପାର୍ଶ୍ୱ ଦେବାଦେବୀଙ୍କୁ ସ୍ପର୍ଶ କରିପାରିବେ ନାହିଁ ଭକ୍ତ। ଏ ସମ୍ପର୍କରେ ଆଜି ଛତିଶାନିଯୋଗ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ କୁମାର ଅନୁଷ୍ଠିତ ଏକ ବୈଠକରେ ଆଲୋଚନା କରିବା ପରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

## ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ କଲେ ଜିଲ୍ଲାପାଳ

ନୂଆପଡା,୫/୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ଥିତ ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କକୁ ଜିଲ୍ଲାପାଳ ସ୍ୱାଧା ଦେବ ସିଂ ପରିଦର୍ଶନ କରିଛନ୍ତି। ପାର୍କର ଉନ୍ନତିକରଣ ସହ ପାଚେରୀ ନିର୍ମାଣ ଏବଂ ପାର୍କକୁ ସଡ଼କ ନିର୍ମାଣ ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ପାର୍କରେ ଥିବା ବିଭିନ୍ନ ବୃକ୍ଷର ଉପଯୁକ୍ତ ଯତ୍ନ ନେବା ସହ ଦର୍ଶକଙ୍କୁ ଆକୃଷ୍ଟ କରିବାରେ ସବୁ ପ୍ରକାର ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ। ଖଡ଼ିଆଳର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ପରିଦର୍ଶନ ସହ ତଦାରଖ କରିଛନ୍ତି। ଖଡ଼ିଆଳ ଠାରେ ନିର୍ମିତ ନୂତନ ବସ୍ତି ହୀରାନଗରର ଶୁଭ ଉଦଘାଟନ ସହ ସବୁପ୍ରକାର ମୌଳିକ ସୁବିଧା ସୁଯୋଗ ଉପଲବ୍ଧ କରିବା ନେଇ ପ୍ରଶାସନିକ ଅଧିକାରୀଙ୍କ ସହ କଥା ହୋଇଥିଲେ।ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କ ପାଇଁ ସଡ଼କ ନିର୍ମାଣ ସକାଶେ ଜମି ଚିହ୍ନଟ,ରାଜା ଏ ଟି ହାଇସ୍କୁଲର ବିଭିନ୍ନ ସମସ୍ୟା ଆଦି ଉପରେ ବିଭାଗୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ଆଦେଶ ଦେଇଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ମଧ୍ୟ ବିଭିନ୍ନ ବିଷୟରେ ସେ ଆଲୋଚନା କରିଥିଲେ।ଆଜିର ଏହି ଗସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହ ଖଡ଼ିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ସାହୁ, ଅତିରିକ୍ତ ତହସିଲଦାର ଭୁପିନ୍ଦର ସିଂ, ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ଓ ଅନ୍ୟାନ୍ୟ ଅଧିକାରୀ ସାମିଲ ହୋଇଥିଲେ।

# ଭଦ୍ରକ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ନିମନ୍ତେ ଅଧ୍ୟକ୍ଷଙ୍କୁ ଦାବିପତ୍ର



ଭଦ୍ରକ,୫/୮ (ନି.ପ୍ର): ୨୦୨୨ ଜୁଲାଇ ମାସକୁ ଭଦ୍ରକ ମହାବିଦ୍ୟାଳୟ ୭୫ ବର୍ଷରେ ପାଦ ଦେବାକୁ ଯାଉଛି। ଏହି ବର୍ଷ ହୀରକ ଜୟନ୍ତୀ ପାଳନ ପାଇଁ ମହାବିଦ୍ୟାଳୟର ଆଲୁମିନି ସଂଘ ଅଣ୍ଟା ଭିଡ଼ିଛି। ଏ ନେଇ ଆଲୁମିନି ପକ୍ଷରୁ ଏକ ଦାବିପତ୍ର ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଛି। ଏଥି ନିମନ୍ତେ ହୀରକ ଜୟନ୍ତୀ ପାଳନ କମିଟି ନାମରେ ଏକ କମିଟି ଗଠନ କରାଯାଇଛି। ଏହି କମିଟି ଆଜି ଅଧ୍ୟକ୍ଷ ଉମାକାନ୍ତ ସାହୁଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ସେଥିରେ ହୀରକ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ ଆସନ୍ତା ୨୦୨୨ ମସିହା ଜୁଲାଇ ୬ ତାରିଖରୁ ୧୦ ତାରିଖକୁ ଦିନ ଧାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥି ସହିତ ଏ ସମ୍ପର୍କରେ ଉତ୍ସବର ଅତିଥି ସଂକ୍ରାନ୍ତରେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିବା ବେଳେ ମନ୍ତ୍ରୀ ଗତବର୍ଷ ଯେଉଁଭଳି ଉତ୍କଳ ବିଶ୍ୱବିଦ୍ୟାଳୟର ଉତ୍ସ ହୋଇଥିଲା, ସେହିଭଳି କରିବାକୁ ପରାମର୍ଶ ଦେଇଥିଲେ। ଆଲୁମିନି ତଥା ହୀରକ ଜୟନ୍ତ କମିଟିର କର୍ମକର୍ତ୍ତା ମାନେ ଭଦ୍ରକ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ସମ୍ପର୍କରେ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ବେଳେ ଉତ୍ସବ ପୂର୍ବରୁ ଏହା ଘୋଷଣା କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ରାଜ୍ୟ ସରକାର ଏ ଦିଗରେ ବିଚାର କରୁଛନ୍ତି ବୋଲି ମନ୍ତ୍ରୀ ଡ. ଅରୁଣ ସାହୁ ମଧ୍ୟ ସୂଚନା ଦେଇଛନ୍ତି। ତେଣୁ ଉତ୍ସବ ପାଳନ ନିମନ୍ତେ ମହାବିଦ୍ୟାଳୟ କମିଟି ତତ୍ପର ହେବାକୁ ଜୟନ୍ତୀ କମିଟି ପକ୍ଷରୁ ଜ୍ୟୋତିପ୍ରକାଶ ମହାନ୍ତି, ନିଳମାଧବ ଦାସ, ଅକ୍ଷୟ କୁମାର ଦାସ, ସୁବ୍ରତ କୁମାର ପାଲ, ସୁଧୀର କୁମାର ଦ୍ୱିବେଦୀ, ଆୟୁଷ୍ମାନ ମହାନ୍ତି, ପ୍ରକାଶଜ୍ୟୋତି ମହାକୁଡ, ଅଭିଷେକ ମହାନ୍ତି, ବିଷ୍ଣୁମୋହନ ମହାପାତ୍ର, ତୀର୍ଥପ୍ରସାଦ ଦାସ, ଗୋପବନ୍ଧୁ ବାରିକ ପ୍ରମୁଖ ଅନୁରୋଧ କରି ଦାବିପତ୍ର ପ୍ରଦାନ କରିବା ସହ ଏ ସଂକ୍ରାନ୍ତରେ ଆସନ୍ତା ୧୫ ତାରିଖ ଅପରାହ୍ନ ୩ଟାରେ କଲେଜ ପରିସରରେ ଏକ ବୈଠକ କରିବାକୁ ଆହ୍ୱାନ ଦେଇଛନ୍ତି।

# ଷ୍ଟ୍ରେଚମାର୍କସ୍



ସାଧାରଣତଃ ଷ୍ଟ୍ରେଚମାର୍କସର ଅର୍ଥ ପ୍ରେଗନେନ୍ସି ସମୟରେ ମହିଳାଙ୍କର ପେଟ ଓ ଝଘଂରେ ହେଉଥିବା ଚିହ୍ନକୁ ହିଁ କୁହାଯାଏ । କିନ୍ତୁ ମୋଟା ହୋଇଯିବା କାରଣରୁ ସ୍କିନ ଟାଇଟ ହୋଇଯାଏ ଓ ଟାଣି ହେବା କାରଣରୁ ଯେଉଁ ଚିହ୍ନ ହୁଏ ତାକୁ ମଧ୍ୟ ଷ୍ଟ୍ରେଚ ମାର୍କସ କୁହାଯାଏ । ଏହି ଚିହ୍ନ ପାଇଁ ବୟସର କୌଣସି ସୀମା ନ ଥାଏ । ମୋଟା ହେବା ଦ୍ୱାରା ଶରୀରରେ ଯେଉଁ ସ୍ଥାନମାନଙ୍କରେ ଚର୍ବି ବୃଦ୍ଧି ପାଏ ସେଡାରେ ସ୍କିନ ଟାଇଟ ହୋଇଥାଏ ଓ ଏପରି ଚିହ୍ନ ହୋଇଯାଏ । ଏହି ଚିହ୍ନର ଅନେକ୍‌ ଉପଚାର ରହିଛି ଯେପରି ସର୍ଜରୀ ଇତ୍ୟାଦି କିନ୍ତୁ ଏହା ହେବା ପୂର୍ବରୁ ସାବଧାନ ରହିପାରିଲେ ଭଲ । ଗର୍ଭବତୀ ମହିଳାମନଙ୍କର ଗର୍ଭଧାରଣ ସମୟରେ ସ୍କିନରେ ହେଉଥିବା ପରିବର୍ତ୍ତନ ଓ ସମସ୍ୟାକୁ ସାଧାରଣତଃ ସମସ୍ତେ ଅଣଦେଖା କରିଥାନ୍ତି । ଏପରି କରିବାର ଅର୍ଥ ଷ୍ଟ୍ରେଚମାକସକୁ ନିମନ୍ତ୍ରଣ ଦେବା । ଯଦି ଏଥିରୁ ରକ୍ଷା ପାଇବାକୁ ଚାହାଁନ୍ତି ତେବେ ସ୍କିନରେ ହେଉଥିବା ପରିବର୍ତ୍ତନ ପ୍ରତି ସଜାଗ ରୁହନ୍ତୁ । ସ୍କିନ କୁଣ୍ଡେଇହେବା ଏହି ସମୟରେ ଏକ ସାଧାରଣ ସମସ୍ୟା । ତେବେ ସେ ସ୍ଥାନକୁ କୁଣ୍ଡେଇବା ଉଚିତ ନୁହେଁ । କୌଣସି ଭଲ ପନାଉଡର ବା ମଇଶ୍ଚରାଇଜରର ବ୍ୟବହାର କରନ୍ତୁ ଯାହା ଦ୍ୱାରା କୁଣ୍ଡେଇହେବା କମ ହେବ । ଏବେ ବଜାରରେ ଅନେକ ପ୍ରକାରର ଷ୍ଟ୍ରେଚ ମାର୍କ କ୍ରିମ ଉପଲବ୍ଧ ହେଉଛି ଯାହାର ପ୍ରୟୋଗରେ ଏହି ଚିହ୍ନକୁ ହ୍ରାସ କରାଯାଇପାରିବ । ଗର୍ଭାବସ୍ଥା ସମୟରେ ମହିଳାମାନେ ଅନ୍ୟଦିନରେ ଯେତିକି ପାଣି ପିଅନ୍ତି, ଏ ସର୍ମରେ ମଧ୍ୟ ସେତିକି ପାଣି ପିଇଥାନ୍ତି । ଏହି ସମୟରେ ପର୍ଯ୍ୟପ୍ତ ପରିମାଣରେ ପାଣି ପିଇବା ଉଚିତ । କାରଣ ସ୍କିନରେ ଆର୍ଦ୍ରତା କମ ହେବାରୁ ଅଧିକ ଟାଣି ହୋଇଯାଏ । ଗର୍ଭବତୀ ମହିଳାମାନଙ୍କର ସ୍କିନରେ ପର୍ଯ୍ୟାପ୍ତ ପରିମାଣରେ ହାଇଡ୍ରେସେନ ଓ ଆର୍ଦ୍ରତା ପାଇଁ ଅଧିକରୁ ଅଧିକ ପାଣିତ ପିଇବା ବହୁତ ଜରୁରୀ । ପାଣି ପିଇବା ସହିତ ଆପଣଙ୍କ ହାଏଟ୍ ମଧ ଠିକ୍ ରହିବା ଉଚିତ । ଡାକ୍ତରଙ୍କ କହିବା ଅନୁସାରେ ଗର୍ଭବତୀ ମହିଳାମାନଙ୍କର ୧୧.୫ କିଗ୍ରାରୁ ୧୬ କିଗ୍ରା ପର୍ଯ୍ୟନ୍ତ ଓଜନ ବଢ଼ିବା ଉଚିତ୍ । ତେଣୁ ଜଙ୍କ ଫୁଡକୁ ଆଭଏଡ୍ କରନ୍ତୁ ଓ ନ୍ୟୁଟ୍ରିସନାଲ ଖାଦ୍ୟ ଖାଆନ୍ତୁ । ଭିଟାମିନ ଏ, ସି ଓ ଡି ଥିବା ଖାଦ୍ୟ ଆପଣ ଓ ଆପଣଙ୍କ ସ୍କିନ ପାଇଁ ଉପକାରୀ ପ୍ରମାଣିତ ହେବ । ଏହା ସହିତ ହାଇ ପ୍ରୋଟିନର ଖାଦ୍ୟ ଆପଣଙ୍କ ସ୍କିନକୁ ଷ୍ଟ୍ରେଚ ମାର୍କସରୁ ରକ୍ଷା କରିପାରିବ । ଏହା ସହିତ ବ୍ୟାୟାମ ମଧ କରନ୍ତୁ । ବ୍ୟାୟାମ ଦ୍ୱାରା ସ୍କିନକୁ ବିନା କୌଣସି ସମସ୍ୟାରୁ ସହାୟତା ମଳିବ ଓ ଆପଣଙ୍କ ଓଜନ ମଧ ନିୟନ୍ତ୍ରଣରେ ରହିବ ।



# ପିଆଜ

ସ୍ୱାସ୍ଥ୍ୟ ରକ୍ଷାରେ ପିଆଜର ଉପଯୋଗିତା ସମସ୍ତଙ୍କୁ ଜଣା । ଏହା କେବଳ ସ୍ୱାଦିଟ୍ଟେ ମସଲାରେ ବ୍ୟବହୃତ ହୁ ନାହିଁ, ଏହା ଆମକୁ ବିଭିନ୍ନ ସଂକ୍ରମଣ ଓ ରୋଗରୁ ରକ୍ଷା କରେ । ପୂର୍ବ କାଳରେ ହଇଜା ଓ ପ୍ଲେଗ ପରି ମାରାତ୍ମକ ରୋଗର ନିବାରକ ଭାବରେ ଏହାକୁ ବ୍ୟବହାର କରାଯାଉଥିଲା । ଏଥିରେ ଥିବା ବାୟୋଟିନ, ଭିଟାମିନ- ଏ, ଭିଟାମିନ ବି-୬, ଭିଟାମିନ-ଡି, ଫୋଲିକ ଏସିଡ, ସୋଡିୟମ, ପୋଟାସିମ ଓ ଲୌହ ପରି ଏକାଧିକ ଭିଟାମିନ ଓ ଖରିଜ ଆମ ଶରୀର ଓ ସ୍ୱାସ୍ଥ୍ୟ ଉପରେ ବହୁ ସକାରାତ୍ମକ ପ୍ରଭାବ ପକାଏ । ଆୟୁର୍ବେଦ ଅନପୁସାରେ ପିଆଜ ଶ୍ୱାସ, ଏଲର୍ଜି ଓ ବ୍ରୋଙ୍କାଇଟିସ ପରି ରୋଗର ସଫଳ ନିବାରକ ।



**ଗୁଣ ଓ ଉପକାର :**

♦ପିଆଜରେ ଥିବା କ୍ରେମିୟମ ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବା ସହ ମାଂସପେଶୀ ଓ କୋଷିକାରେ ଗ୍ଲୁକୋଜ ପ୍ରଭାବକୁ ନିୟନ୍ତ୍ରିତ କରେ ।

♦ଫାଇଟୋକେମିକସ ନାମକ ଏକ ପ୍ରକାର ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ପିଆଜରୁ ମିଳେ, ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ।

♦ମୁଖର ଏକାଧିକ ରୋଗର ଅବର୍ଥ ଔଷଧ ପିଆଜ । ଏହା ଦନ୍ତକ୍ଷୟକୁ ରୋକେ ଏବଂ ପାଟିକୁ ବିଭିନ୍ନ ସଂକ୍ରମଣରୁ ରକ୍ଷା କରେ ।

♦ଏଥିରେ ଥିବା ବାୟୋଟନ ତ୍ୱଚା ପାଇଁ ଅତ୍ୟନ୍ତ ଉପକାରୀ । ମୁହଁରେ ମହୁ ସହିତ ପିଆଜ ରସ ନିୟମିତ ଲଗାଇଲେ ଦାଗ ଦୂର ହୁଏ ଏବଂ ମୁହଁ ଉଜ୍ଜ୍ୱଳ ଦେଖାଯାଏ ।

♦କାଶହେଉଥିଲେ ମହୁ ସହିତ ପିଆଜ ରସ ମିଶାଇ ଖାଇଲେ ଉପଶମ ମିଳେ ।

♦ପିଆଜରେ ଆଣ୍ଟି ଅକ୍ସିଡେଣ୍ଟ ଗୁଣ ରହିଛି ତା ସହିତ ଏଥିରେ ଥିବା କ୍ୱରସିଟିନ କର୍କଟ ରୋଗ ଆଶଙ୍କା ଦୂର କରେ ।

♦ଗୁଡ଼ ଓ ପାଣି ସହିତ ପିଆଜ ରସ ଖାଇଲେ ହାଡ଼ ଶକ୍ତ ହୁଏ ଓ ନୂଆ ଲୋହିତ ରକ୍ତକଣିକା ସୃଷ୍ଟି ହୁଏ।

♦ଶରୀର ପାଇଁ ପାଇବର ଅତ୍ୟନ୍ତ ଜରୁରୀ । ଏହା ପାକକ୍ରିୟାକୁ ସ୍ୱାଭାବିକ ଓ ସରଳ କରେ । ତେଣୁ ପିଆଜ ଖାଇଲେ ହଜମ ଭଲହୁଏ ।

♦ମଳକଣ୍ଟକ ରୋଗୀଙ୍କ ପାଇଁ ପିଆଜ ଅତ୍ୟନ୍ତ ଉପକାରୀ । କଞ୍ଚା ପିଆଜ ନିୟମିତ ଖାଇଲେ କଷ୍ଟରୁ ମୁକ୍ତି ମିଳେ ।

# ସ୍ତନ୍ୟପାନ କରାଇବା ଉଭୟ ମା' ଓ ଶିଶୁ ପାଇଁ ଉପକାରୀ



ନବଜାତ ଶିଶୁ ପାଇଁ ମା' କ୍ଷୀର ହେଉଛି ଅମୃତ ତୁଲ୍ୟ । ମା' କ୍ଷୀର ନବଜାତ ଶିଶୁର ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭ ପ୍ରଦ ହେବା ସହ ଏଥିରେ ଫ୍ୟାଟ୍, ସୁଗାର, ଜଳ ଏବଂ ପ୍ରୋଟିନର ମାତ୍ରା ସଠିକ୍ ପରିମାଣରେ ରହିଥିବା ବୈଜ୍ଞାନିକମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି । ଏଣୁ ପ୍ରତ୍ୟେକ ବର୍ଷ ଅଗଷ୍ଟ ୧ରୁ ୭ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ କରାଇବା ଉଭୟ ମା ଓ ଶିଶୁର ସ୍ୱାସ୍ଥ୍ୟ ପାଇଁ ହିତକାରକ ସାବ୍ୟସ୍ତ ହୋଇଥାଏ । ସ୍ତନ୍ୟପାନ କରାଉଥିବା ମହିଳା ହୃଦଘାତ, ମଧୁମେହ, ଅଷ୍ଟିଓପୋରୋସିସ ଭଳି ରୋଗରୁ ମୁକ୍ତି ପାଇଥାନ୍ତି । କେବଳ ଏତିକି ନୁହେଁ ସ୍ତନ୍ୟପାନ କରାଇବା ଦ୍ୱାରା ସ୍ତନ କର୍କଟ ରୋଗର ଆଶଙ୍କା ମଧ୍ୟ କମ ରହିଥାଏ । ଡିପ୍ରେସନ ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ ମହିଳାଙ୍କ ଗର୍ଭଧାରଣ ସମୟରେ ଓଜନ ବୃଦ୍ଧି ସମସ୍ୟା ମଧ୍ୟ ଦୂର ହୋଇଥାଏ । ମା କ୍ଷୀର ପାନ କରିବା ଦ୍ୱାରା ନବଜାତ ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଶିଶୁ ଜନ୍ମ ହେବା ପରେ ମା ବକ୍ଷରେ ସୃଷ୍ଟି ହେଉଥିବା ପ୍ରଥମ କ୍ଷୀର ଡାଇରିଆ, ଚେଷ୍ଟ ଇନଫେକ୍ସନ ଏବଂ ଅନ୍ୟ ପ୍ରକାରର ରୋଗରୁ ମୁକ୍ତି ଦେଇଥାଏ । ସ୍ତନ୍ୟାପାନ ସମୟରେ ମହିଳାଙ୍କ ଶରୀରରୁ ଏକ ଅକକ୍ସିଟୋସିନ ନାମକ ହମୋନ ନିର୍ଗତ ହୋଇଥାଏ, ଯଦ୍ଦ୍ୱାରା ସେମାନ ଚିନ୍ତାମୁକ୍ତ ରହିଥାନ୍ତି ଓ ସୁସ୍ଥ ଅନୁଭବ କରିଥାନ୍ତି । ଯେତେ ଅଧିକ ସ୍ତନ୍ୟପଳନ କରିବେ ସୋତେ ପରିମାଣର କ୍ୟାଲୋରିଜ ଶରୀରରୁ ଉତ୍ପନ୍ନ ହୋଇଥାଏ । ଏଥି ଯୋଗୁଁସାରା ଜୀବନ ପାଇଁ ମା ଶିଶୁ ମଧରେ ଦୃଢ଼ ସମ୍ପର୍କ ରହିଥାଏ । ଶିଶୁ ନିଜ ବାପା ଅପେକ୍ଷା ମା'ର ନିକଟତର ହୋଥାଏ ବୋଲି ଗବେଷଣାରେ ବୈଜ୍ଞାନିକଙ୍କ ମତ ରହିଛି ।

# ସ୍ୱାସ୍ଥ୍ୟ ପାଇଁ ହିତକର କଲରା



**ଆମେ ସମସ୍ତେ ଜାଣିଛେ କଲରାରେ ବହୁ ପରିମାଣର ଭିଟାମିନ ମହଜୁତ ରହିଥାଏ, ଯାହାଦ୍ୱାରା ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ ଆମକୁ ଅନେକ ପ୍ରକାରର ଭୋଗକୁ ଉପଶମ ମିଳିଥାଏ ।**

**ମଧୁମେହ :** ମଧୁମେହ ହୋଇଥିଲେ, ଦୈନିକ ୨୦ଗ୍ରାମ କଲରା ରସ ସକାଳେ ଖାଲିପେଟରେ ପିଇଲେ ୧ମାସ ମଧରେ ମୂତ୍ର ଶର୍କରା ଓ ରକ୍ତ ଶର୍କରା ନିୟନ୍ତ୍ରଣ ହୁଏ ।

**ଗଣ୍ଠିବାତ :** କଲରାକୁ ଚାଞ୍ଚି ଏହାର ଶେଷ ଭାଗକୁ ନିଆଁରେ ରଖି ପୋଡ଼ିବ । ଶିଛିଗଲାପରେ ଏହାକୁ ବାହାର କରି ଛେଚି ସେଥିରେ ଟିକେ ଚିନି ମିଶାଇ ରୋଗୀଙ୍କୁ ଗରମ ଗରମ ଖୁଆଇ ଦେବେ । ପ୍ରତିଥର ୧୦ଗ୍ରାମ ଲେଖାଏ ଖାଇବାକୁ ଦିଅନ୍ତୁ । ଏହିପରି ଭାବରେ ରୋଗୀକୁ ୧୦ଦିନ ପର୍ଯ୍ୟନ୍ତ ଖୁଆଇବ । ଏହାଦ୍ୱାରା ସ୍ନାୟୁଗତ ବାତ, ସନ୍ଧିବାତ, ଆଦିରେ ବିଶେଷ ଲାଭ ହୁଏ ଏବଂ ପୀଡ଼ାସ୍ଥାନରେ କଲରାର ରସ ବାହାର କରି ଲେପ କରୁଥିବେ ।

**ଅନ୍ଧାରକଣା :** ଏହାର ରସରେ ଗୋଲମରିଚ ଘୋରି ଆଖିର ଉପର ଓ ତଳ ପତାରେ ଲଗାଇଲେ ଭଲ ହୁଏ ।

**ବାନ୍ତି ହେଉଥିଲେ :** କଲାରର୨/୩ଟି ମଞ୍ଜି ସମଭାଗରେ ଗୋଲମରିଚ ସହିତ ଶିଳ୍ପରେ ବାଟି ଅଳ୍ପ ପାଣିରେ ମିଶାଇ ଛାଣି ଟିକେ ଟିକେ ପିଆଇଲେ ପିଲାମାନଙ୍କର ଆଉ ବାନ୍ତି ବେଦ ନାହିଁ ।

# ବିଲେଇଙ୍କ ନିମିତ୍ତ ସ୍ୱତନ୍ତ୍ର 'କ୍ୟାପସୁଲ ବ୍ୟାଗ୍'

କେବଳ ବିଦେଶରେ ନୁହେଁ, ଏବେ ଭାରତରେ ମଧ୍ୟ ଅଧିକାଂଶ ଲୋକ କୁକୁର ଓ ବିଲେଇକୁ ପାଳୁଥିବାର ଦେଖାଯାଉଛି । ଏହା ସହ ସେମାନଙ୍କ ରରକ୍ଷଣାବେକ୍ଷଣରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ଆଦୌ ପଛାଉନାହାନ୍ତି । ଲଣ୍ଡନରେ ୧୨%ରୁ ଅଧିକ ଲୋକ ବିଲେଇକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରୁଥିବାର ଏକ ସର୍ବେକ୍ଷରରୁ ଜଣାପଡ଼ିଛି । ବିଲେଇଙ୍କ ଆଦର, ଯତ୍ନ ନିଜ ପିଲାଙ୍କ ଠାରୁ ଲୋକେ ଅଧିକ କରୁଥିବାର ଦେଖାଯାଉଛି । ଲଣ୍ଡନର ଏକ ନାମୀ କମ୍ପାନୀ ଲୋକଙ୍କର ଏଭଳି ଆଗ୍ରହ ଦେଖି ଏକ ସୁନ୍ଦର ତଥା ଡିଜାଇନର କ୍ୟାପସୁଲ ବ୍ୟାଗ ତିଆରି କରିଛି । ବିଲେଇଁକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବେ ଏଇ ବ୍ୟାଗ ତିଆରି କରିଛି କମ୍ପାନୀ । ଏଇ ବ୍ୟାଗରେ। ବିଲେଇକୁ ଭର୍ତ୍ତି କରି ମାଲିକ ଆରାମରେ ଯେ କୌଣସି ସ୍ଥାନକୁ ଯାଇପାରିବ। ବିଲେଇ ଏଇ ବ୍ୟାଗରେ ଥିବାବେଳେ ନିଶ୍ୱାସ-ପ୍ରଶ୍ୱାସରେ ମଧ୍ୟ କୌଣରସି ଅସୁବିଧା ଉପୁଜେନାହିଁ। ମାଲିକ କାନ୍ଧରେ। ଏଇ ବ୍ୟାକ୍-ପ୍ୟାକକୁ ପକାଇ ସବତ୍ରୁ ସ୍ଥାନକୁ ଯାଇପାରିବେ। କ୍ୟାପସୁଲବ୍ୟାଗର ମୂଲ୍ୟ ୫ହଜାରରୁ ଆରମ୍ଭ ହୋଇ ୧୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି ।



# ଚିନାବାଦାମ

ଚିନାବାଦାମ ମଣିଷ ପାଇଁ ଈଶ୍ୱରଙ୍କ ବରଦାନ ସ୍ୱରୂପ । ଏଥିରେ ପ୍ରୋଟିନ ସହିତ ବିଭିନ୍ନ ପ୍ରକାର ଭିଟାମିନ ଓ ଖଣିଜ ପ୍ରଚୁର ମାତ୍ରାରେ ରହିଥାଏ। ଏହା ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ବିଭିନ୍ନ ପ୍ରକାର ବିଷାକ୍ତ ପ୍ରତିକ୍ରିୟାରୁ ଦେହକୁ ରକ୍ଷା କରିଥାଏ । ଏଥିରେ ଲୌହ , କ୍ୟାଲିସିୟମ, ଜିଙ୍କ, ମ୍ୟାଗ୍ନେସିୟମ, ପୋଟାସିୟମ , ସେଲେନିୟମ, ମାଙ୍ଗାନିଜ ଓ କପର ପ୍ରଭୃତି ଭରପୂର ପରିମାଣରେ ରହିଥାଏ ।



ଚିନାବାଦାମରେ ଥିବା 'ନିଆସିନ' ଆଲାଜାଇମର ପରି ରୋଗର ଏକ ଉତ୍ତମ ପ୍ରତିରୋଧକ । ଏହା ମସ୍ତିଷ୍କରେ ରକ୍ତ ପ୍ରବାହ ବୃଦ୍ଧି କରି ଆଲାଜାଇମର ଆଶଙ୍କାକୁ ଦୂରକରେ ।

ଏଥିରେ ଥିବା ଭିଟାମିନ ଇ ତ୍ୱଚାକୁ ସ୍ନିଗ୍ଧ ଓ କୋମଳ କରିବା ସହ ଚମକ ବୃଦ୍ଧି କରେ । ତା ସହିତ ବୟସର ପ୍ରଭାବକୁ ମଧ୍ୟ ହ୍ରାସ କରେ ।

♦ଚିନାବାଦାମରେ ଭିଟାମିନ ଏତ ମଧ୍ୟ ରହିଛି। ଏଥିରେ ଥିବା 'ବାୟୋଟିନ' ବଳ ଓ ନଖ ପାଇଁ ଅତ୍ୟନ୍ତ ଉପଯୋଗୀ ।

♦ଶିଶୁ ଓ କିଶୋର/ କିଶୋରୀଙ୍କ ପାଇଁ ଚିନାବାଦାମ ଏକ ଉତ୍ତମ ଖାଦ୍ୟ । ଏହା ସେମାନଙ୍କ ଶରୀରିକ ଓ ମାନସିକ ବିକାଶକୁ ତ୍ୱରାନ୍ୱିତ କରେ ।

♦ଚିନାବାଦାମ ନିୟମିତ ଶଖଇଲେ ମଧୁମେହ ଆଶଙ୍କା ପ୍ରତିତ ଦୂର ହୁଏ ।

♦ରକ୍ତରେ ଶର୍କରା ସ୍ତରକୁ ନିୟମନ୍ତ୍ରଣ କରେ । ଶରୀରରେ ଥିବା କ୍ୟାଲସିୟମର ଅବଶୋଷଣ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ପାକଶକ୍ତିକୁ ଦୃଢ଼ କରେ ।

♦ଏଥିରେ ଥିବା 'ଟ୍ରିପଟୋଫୋନ' ନାମକ ଆମିନୋଏସିହ ମାନସିକ ସ୍ଥିରତା ପ୍ରଦାନ କରିବା ସହ ଚାପ ଦୂର କରେ ।

♦ଖରାପ କୋଲେଷ୍ଟାରଲ ନାଶ କରିବା ସହ ଭଲ କୋଲେଷ୍ଟରଲ ବୃଦ୍ଧି କରି ହୃଦରୋଗ ଆଶଙ୍କା ଦୂର କରେ ।

♦ପେଟ କ୍ୟାନସର, ବ୍ରେଷ୍ଟ କ୍ୟାନସର ଓ ଫଙ୍ଗାଲ ଇନଫେକ୍ସନର ଉତ୍ତମ ପ୍ରତିରୋଧକ ।



# ଖୁସିର ରହସ୍ୟ

ଟେକ୍ନୋଲୋଜିର ଏହି ଯୁଗରେ ଅଧିକାଂଶ ଲେକେ ଏବର ସମୟରେ ଖୁସି ରହୁନଥିବା ପ୍ରକାଶ କରିଛନ୍ତି । ଯୁବବର୍ଗ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ତାଲିକାରେ ସାମିଲ । ନ୍ୟୁୟର୍କ ବିଶ୍ୱବିଦ୍ୟାଳୟା ବିଶେଷଜ୍ଞଗଣ ବିଭିନ୍ନ ପ୍ରାନ୍ତର ଲୋକଙ୍କ ଉପରେ ଗବେଷଣା କରି ସମାନ ତଥ୍ୟ ଅବଗତ କରାଇଥିବାର ଜଣାପଡ଼ିଛି । ତେବେ ଏହାର ସମାଧାନ ମଧ୍ୟ ଗବେଷକଗଣ ବାହାର କରିଛନ୍ତି ୨୦ହଜାର ବ୍ୟକ୍ତିଙ୍କ ଦୈନନ୍ଦିନ ଜୀବନଶୈଳୀରେ କିଛିଟା ପରିବର୍ତ୍ତନ କରାଗଲା । ପ୍ରଥମ କିଛି ମାସ ଏହି ବ୍ୟକ୍ତିମାନେ ସେଭଳି କିଛି ଫରକ ଅନୁଭବ କରିନଥିବାବେଳେ ତୃତୀୟ ମାସରେ ସେମାନଙ୍କ ଆନନ୍ଦ ରହିବାର ରହସ୍ୟ ଜାଣିପାରିଥିଲେ । ଗବେଷକଙ୍କ ମତରେ, ଡେସ୍କଟପ, ଲ୍ୟାପଟପ ପାମଟପ୍ କିଛି ମଧ୍ୟ ମନୁଷ୍ୟ ଜୀବନଶୈଳୀରେ ଏତେ ପ୍ରଭାବ ପକାଇନଥିଲା, ଯାହା ମାତ୍ର କିଛି ବର୍ଷରେ ସ୍ମାର୍ଟଫୋନ ପକାଇଛି । ତେଣୁ ସାଧାରଣ ଲୋକେ ସମୟ ଅନୁସାରେ ସଚେତନ ହୋଇଯାଆନ୍ତୁ ।

# ସୁନ୍ଦର ତ୍ୱଚାର ଦେଶୀ ଉପଚାର

**ଆଜିର ସମୟରେ ଯୁବତୀ ଓ ମହିଳାମାନେ ତ୍ୱଚାର ରଙ୍ଗ ତଥା ଆପର୍ଷଣୀୟ ଦେଖାଯିବା ପାଇଁ ସଚେତନ । ବଜାରରେ ମିଳୁଥିବା ନାମୀଦାମୀ କ୍ମାନୀର କ୍ରିମ ଲଗାଇବା ପରିବର୍ତ୍ତେ ଦେଶୀ ଉପଚାର କରିବା ହିଁ ଉଚିତ ।**



ନିୟମିତ ଭାବେ ଟମାଟୋ ଖାଆନ୍ତୁ କିମ୍ବା ନଚେତ ଟମାଟୋ ରସକୁ ତ୍ୱଚାରେ ଲଗାଇବା ଉଚିତ । ଏଥିରେ ଥିବା ଲାଇକୋପିନ ତ୍ୱାଚାକୁ ସନ୍ ବର୍ଣ୍ଣରୁ ରକ୍ଷା କରିଥାଏ । ଟମାଟୋ ପେଷ୍ଟକୁ ତ୍ୱଚାରେ ଲଗାଇଲେ ବୟସର ଛାପ ପଡ଼ିନଥାଏ । ସପ୍ତାହକୁ ୩ରୁ ୪ଥର ପାଚିଲା ଅମୃତଭଣ୍ଡା ଖାଇବା ତ୍ୱଚା ପାଇଁ ଭଲ । ଏଥିରେ ଥିବା ଭିଟାମିନ, ଓ ସି ତ୍ୱଚାରେ ଚମକ ଆଣିବାରେ ସାହାଯ୍ୟ କରେ । ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ ସପ୍ତାହକୁ ଥରୁଟିଏ ଅନ୍ତତଃ ଡାର୍କ ଚକୋଲେଟ୍ ଖାଇବା ଉଚିତ । ଏହା ତ୍ୱଚାକୁ ବିଭିନ୍ନ ପୋଷକ ତତ୍ତ୍ୱ ପ୍ରଦାନ କରେ । ଡାକ ଚକୋଲେଟରେ ଥିବା ଫ୍ଳାବୋନଏଡ୍ସ ତ୍ୱଚାକୁ ଦାଗ ହେବାରୁ ରକ୍ଷା କରିବା ସହ ଚମକ ବୃଦ୍ଧି କରିଥାଏ ।

ନିୟମିତ ଭାବେ ଦିନକୁ ଥରୁଟିଏ ଗ୍ରୀନ ଟି ପିଇଲେ ତ୍ୱଚା ସଂକ୍ରମିତ ହେଉନଥିବାର ପ୍ରକାଶ ।

ଗାଜରକୁ ବିଭିନ୍ନ ପ୍ରକାର ବ୍ୟଞ୍ଜନରେ ବ୍ୟବହାର କରି ଖାଇବା ସହ ଏହାର ରସକୁ ତ୍ୱଚାରେ ଲଗାଇବା ତ୍ୱଚା ପାଇଁ ଉପକାରୀ ।

ମାସକୁ ୨ଥର ଅଣ୍ଡାର ହଳଦିଆ ଅଂଶ ଖାଇଲେ ମଧ ଭଲ । ଏଥିରେ ଥିବା ପୋଷକ ତତ୍ତ୍ୱ ତ୍ୱଚାକୁ ସୂର୍ଯ୍ୟ କିରଣରୁ ରକ୍ଷା କରେ ।

କଖାରୁ ସିଝା ପ୍ରତିଦିନ ରୁଟି କିମ୍ବା ଭାତ ସହ ଯୁବତୀ ଓ ମହିଳାମାନେ ଖାଇବା ତ୍ୱାଚା ପାଇଁ ଉପକାରୀ ବୋଲି ବିଶେଷଜ୍ଞଙ୍କ ମତ ।







## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆଶଙ୍କାରେ ଲହର...

ଯାହା ଆଶଙ୍କା କରାଯାଉଥିଲା ତାହା ବାସ୍ତବତାରେ ପରିଣତ ହୋଇଛି । ଦେଶରେ ତୃତୀୟ ଲହର ଆରମ୍ଭ ହୋଇସାରିଛି । ଏବେ ଭାରତରେ ଦୈନିକ କୋଭିଡ ସଂକ୍ରମଣ ସଂଖ୍ୟା ୪୦ ହଜାର ଟପିସାରିଥିବା ବେଳେ କେବଳ କେରଳରେ ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଅଛନ୍ତି । ପରିସଂଖ୍ୟାନ କହେ ଯେ ମାତ୍ର ଏକ ସପ୍ତାହ ପୂର୍ବେ ଦୈନିକ ସଂକ୍ରମଣ ହାର ଠାରୁ ଆରୋଗ୍ୟ ହାର ଅଧିକ ଥିବାବେଳେ ଏବେ ସେ ଚିତ୍ର ବଦଳି ଯାଇଛି । ଏହାକୁ ତୃତୀୟ ଲହରର ଅୟମାରମ୍ଭ ବୋଲି କୁହାଯାଉଛି । କେବଳ କେରଳ ନୁହେଁ, ଦେଶର ଅନ୍ୟାନ୍ୟ ରାଜ୍ୟ: ଯଥା, କର୍ଣ୍ଣାଟକ, ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶ ଭଳି ରାଜ୍ୟରେ ଏଭଳି ସଂକ୍ରମଣ ବୃଦ୍ଧି ପରିଲକ୍ଷିତ ହୋଇଛି । ଏହା ବ୍ୟତୀତ ମହାରାଷ୍ଟ୍ର, କେରଳ, ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ର ପ୍ରଦେଶ, ମିଜୋରମ, ଆସାମ, ମଣିପୁର, ମେଘାଳୟ ଓ ଓଡ଼ିଶା ଭଳି ଦଶଟି ରାଜ୍ୟର ୪୬ଟି ଜିଲ୍ଲାରେ ଏବେ ପଜିଟିଭିଟି ହାର ୧୦ ପ୍ରତିଶତ ଉପରେ ରହିଛି । ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ଅନେକ ଦିନୁ ଦେଶବାସୀ ଏକ ଭୟ ଓ ଆଶଙ୍କା ଭିତରେ ରହି ଆସିଥିଲେ । ଏଥିରେ କୌଣସି ପ୍ରକାର ସହମତ ନଥିଲା । ବିଶେଷଜ୍ଞଙ୍କ ଠାରୁ ନେଇ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ କେତେକ ମହଲରୁ ଶୁଣିବାକୁ ମିଳୁଥିଲା ଯେ ତୃତୀୟ ଲହର ଆଉ ଆସିବନାହିଁ । ଯଦି ଆସେ, ତେବେ ତାହା ସେତେ ସାଂଘାତିକ ହେବନାହିଁ । ପୁଣି ଆଉ କିଛି ବିଶେଷଜ୍ଞ ମତ ଦେଉଥିଲେ ଯେ ଡେଲଟା ପ୍ଲସ୍ ଭୂତାଣୁ ସହ ଯେଉଁ ତୃତୀୟ ଲହର ଭାରତରେ ଆସିବ ତାହା ପ୍ରଥମ ଓ ଦ୍ୱିତୀୟ ଲହର ଠାରୁ ଅଧିକ ଘାତକ ହେବ । ଏହା ବିଶେଷ କରି ଶିଶୁ ଏବଂ ଯୁବବର୍ଗଙ୍କୁ ଆକ୍ରାନ୍ତ କରିବ । ତେବେ ସରକାର ସଦାବେଳେ ଏହି କଥା ଉପରେ ଜୋର୍ ଦେଇ ଆସୁଛନ୍ତି । ଯେ କରୋନା ମହାମାରୀ ଦେଶରୁ ଦୂର ହୋଇନାହିଁ ଏବଂ ଏହାକୁ ନିୟନ୍ତ୍ରଣ କରିବା ସକାଶେ ସମସ୍ତ ପ୍ରକାର କୋଭିଡ ଉପଯୁକ୍ତ ଆଚରଣ ଅନୁପାଳନ କରାଯିବା ଆବଶ୍ୟକ । ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁଦ୍ଧା ଏହି କଥା ଉପରେ ବାରମ୍ବାର ଜୋର ଦେଇ ଆସିଛନ୍ତି ଯେ କରୋନା ବିରୋଧୀ ସଂଗ୍ରାମ ଜାରି ରହିଛି ଏବଂ ଏଥିରେ ଆମେ ଏପର୍ଯ୍ୟନ୍ତ ନିର୍ଣ୍ଣାୟକ ବିଜୟ ହାସଲ କରିପାରି ନାହୁଁ । ତେଣୁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ପରସ୍ପର ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା ପୂର୍ବକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସୁଦୃଢ଼ୀକରଣ ପ୍ରୟାସ ଜାରି ରଖିଛନ୍ତି । ଟିକାକରଣ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯାଇଛି । ଏହା ସତ୍ତ୍ୱେ ତୃତୀୟ ଲହର ଆସିଛି ଏବଂ ତାହା କେତେ ବ୍ୟାପକ ଓ ମାରାତ୍ମକ ହେବ ତାହା କେହି ନିର୍ଦ୍ଦିଷ୍ଟ ଭାବେ ଆକଳନ କରିପାରୁନାହାନ୍ତି । କିନ୍ତୁ ବାସ୍ତବତା ହେଉଛି, କେବଳ ଭାରତ ନୁହେଁ, ବିଶ୍ୱର ଶତାଧିକ ରାଷ୍ଟ୍ର ଏବେ କରୋନାର ତୃତୀୟ ଲହର କବଳକୁ ଆସିସାରିଛି । ସେହିସବୁ ରାଷ୍ଟ୍ରମାନଙ୍କରେ ଏବେ ଭାଳେଣି ପଡ଼ିଛି । କେବଳ ଶୃଙ୍ଖଳିତ ଜୀବନଶୈଳୀ ଏବଂ କୋଭିଡ ଉପଯୁକ୍ତ ଆଚରଣ ଓ ଟିକାକରଣ ବ୍ୟତୀତ ଆଉ କିଛି ବୁଦ୍ଧିବାଟ ଦୃଶ୍ୟ ହେଉନାହିଁ । ସ୍ମରଣଯୋଗ୍ୟ ଯେ କରୋନା କେବଳ ଭାରତ ପାଇଁ ସଂକଟ ସୃଷ୍ଟି କରିନାହିଁ, ଏହା ଏକ ବୈଶ୍ୱିକ ସଂକଟ । ଏହା ବିରୋଧରେ ସମୂହ ସଂଗ୍ରାମ ଲୋଡ଼ା । କେବଳ ଭାରତତ ଏହା କବଳରୁ ମୁକ୍ତ ହେଲେ ଯେ ସୁରକ୍ଷିତ ରହିବ ତାହା ନୁହେଁ, ସାରା ପୃଥିବୀରୁ ଏହାକୁ ନିଶ୍ଚିହ୍ନ କରିବାକୁ ପଡ଼ିବ । ହଇଜା, ବସନ୍ତ ଓ ଅନ୍ୟ ମହାମାରୀ ଭଳି ଟିକାକରଣ ମାଧ୍ୟମରେ ଏହା ବିରୁଦ୍ଧରେ ସୁରକ୍ଷା କବଚ ପରିଧାନ କରିବାକୁ ହେବ । ତେଣୁ ପୁଣି ଥରେ ଦେଶବାସୀଙ୍କ ପାଇଁ ଏକ ଅଗ୍ନିପରୀକ୍ଷାର ଘଡ଼ି ଉପସ୍ଥିତ । ପୁଣି ଥରେ ନିଜର ସୀମିତ ଓ ଶୃଙ୍ଖଳିତ ଆଚରଣ ଦ୍ୱାରା ଏହି ମହାମାରୀ ଠାରୁ ନିଜକୁ, ନିଜ ପରିବାରକୁ ଓ ସମାଜକୁ ନିରାପଦ ରଖିବାର ଅବସର ଆସିଛି । ସରକାର ତାଙ୍କ ସ୍ତରରେ ଯାହା କରିବା କଥା କରୁଛନ୍ତି, କିନ୍ତୁ ପ୍ରଥମ ଓ ଦ୍ୱିତୀୟ ଲହର ଏହି ମହାଶିକ୍ଷା ଦେଇଛି ଯେ ନିଜେ ନିଜକୁ ସୁରକ୍ଷିତ ନରଖିଲେ କରୋନା ତା'ର ଘାତକ ସ୍ୱରୂପ ପ୍ରଦର୍ଶନ କରିବା ସୁନିଶ୍ଚିତ । ଆଶା କରିବା କଥା, ପ୍ରଥମ ଓ ଦ୍ୱିତୀୟ ଲହର ଭଳି ଆମେ ତୃତୀୟ ଲହରକୁ ମଧ୍ୟ ଅତିକ୍ରମ କରିପାରିବା । ଦେଶ ଓ ଦେଶବାସୀଙ୍କୁ ସୁରକ୍ଷିତ ରଖିପାରିବା ।

# ହେ ପ୍ରଭୁ ! ଆମେ ଏ କ'ଣ କଲୁ ?



ବିପିନ ବିହାରୀ ମହାନ୍ତି

ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ:
ବିପିନ ବିହାରୀ ପାଠାଗାର,
ଜଟଣୀ,ଖୋର୍ଦ୍ଧା,
ମୋ : ୯୯୩୮୩୪୪୧୩୮



୬ ଅଗଷ୍ଟ ୧୯୪୫ ମସିହାର ସ୍ନିଗ୍ଧ ଓ ଶୀତଳ ସକାଳ । ପ୍ରାଚୀରୁ ପ୍ରାଚ୍ୟ ଜଗତର ଉଦୟମାନ ସୂର୍ଯ୍ୟ ଜାପାନର ହିରୋସୀମା ଓ ନାଗାସାକି ସହର ଉପରେ କଅଁଳିଆ କିରଣ ଢ଼ାଳୁଛନ୍ତି ସୂର୍ଯ୍ୟ । ସମସ୍ତେ ଚଳଚଂଚଳ। ପିଲାମାନେ ଖେଳରେ ମାତିଛନ୍ତି; ସ୍ତ୍ରୀଲୋକମାନେ ନିଜ ନିଜ ରୋଷେଇରେ ବ୍ୟସ୍ତ, କାର୍ଯ୍ୟାଳୟ କର୍ମୀମାନେ ନିଜ ନିଜ କର୍ମ କ୍ଷେତ୍ରରେ ଯିବାକୁ ପ୍ରସ୍ତୁତ ହେଉଛନ୍ତି । ଠିକ୍ ଏତିକି ବେଳେ ବାହାରେ ଏକ ବିସ୍ଫୋରଣର ପ୍ରଚଣ୍ଡ ଆବାଜ୍ ଶୁଣାଗଲା। ସଙ୍ଗେ ସଙ୍ଗେ ଆକାଶରେ ଏକ ଜାଜ୍ୱଲ୍ୟମାନ ଆଲୋକର ଝଲକ ବିଜୁଳି ଲାଖେ ଖେଳିଗଲା । ବାସ୍ ... ସେତିକିରେ ସବୁ କିଛି ଶେଷ ତାପରେ ଆକୁଳ ଚିତ୍କାର ଆର୍ତ୍ତନାଦରେ ଚର୍ତୁଦିଗ କମ୍ପି ଉଠିଲା । ସୁଉଚ୍ଚ ଅଟ୍ଟାଳିକା ମାନ ଧ୍ୱଂସ ବିଧ୍ୱଂସ୍ତରେ ଘରିଆଡେ ଗଦା ହୋଇଉଠିଲା । ହିରୋସୀମା ଆକାଶ ସକାଳର ସୂର୍ଯ୍ୟକିରଣ ପରିବର୍ତ୍ତେ କଳା ଧୂଆଁର କୁଣ୍ଡଳୀରେ ଭର୍ତ୍ତି ହୋଇଉଠିଲା।

ତାହା ଥିଲା ମାନବ ସମାଜ ଉପରେ ପ୍ରଥମ ପରମାଣୁ ବୋମା ପ୍ରୟୋଗର ପ୍ରଥମ ବିଧ୍ୱଂସ୍ତ ଦୃଶ୍ୟ । "ଲିଟିଲବୟ" ନାମରେ ନାମିତ ଏହି ପରମାଣୁ ବୋମା ୧୯୪୫ ମସିହାର ଅଗଷ୍ଟ ୬ ତାରିଖରେ "ଇନୋଲାଗେ" ନାମକ ବୋମା ବର୍ଷଣକାରୀ ବିମାନରୁ ହିରୋସୀମା ସହର ଉପରକୁ ଆମେରିକା ତରଫରୁ ଫିଙ୍ଗା ଯାଇଥିଲା। ଏଥି ସହିତ ଆଉ ଦୁଇଟି ବିମାନବି ପଇଁତରା ମାରୁଥାନ୍ତି ।

"ଇନୋଲାଗେ" ବୋମା ବର୍ଷଣକାରୀ ବିମାନର ପାଇଲଟ କର୍ଣ୍ଣେଲ ପାଉଲ ତିବେତ୍‌ଙ୍କ ବର୍ଣ୍ଣନା ଅନୁସାରେ ଜାପାନର ଷ୍ଟାଣ୍ଡାର୍ଡ ସମୟ ସକାଳ ୮ଟା୧୫ ସମୟରେ ସେମାନେ ଯେତେବେଳେ ହିରୋସୀମା ଉପରେ "ଲିଟିଲବୟ"କୁ ନିକ୍ଷେପ କଲେ ତାହା ପ୍ରାୟ ୧ମିନିଟ ଭିତରେ ହିରୋସୀମା ସହରକୁ ଛୁଇଁ ପ୍ରାୟ ୨ ହଜାର ଫୁଟ ଉପରକୁ ଉଠି ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣ ସମୟରେ ଆକାଶରେ ଯେପରି ଗୋଟିଏ ସୂର୍ଯ୍ୟ ନୁହେଁ ଏକାବେଳକେ ଗୁଡାଏ ସୂର୍ଯ୍ୟର ଆଲୋକ ଖେଳି ଯାଉଥିଲା । ସେହି ମୁହୂର୍ତ୍ତରେ ଆମେ ହିରୋସୀମା ସହରକୁ ଦେଖିଲା ବେଳକୁ ତାହା ପ୍ରାୟ କଳା ଧୂଆଁର ଆବରଣରେ ଆଚ୍ଛାଦିତ ହୋଇସାରିଥିଲା । ବିମାନରେ ଥିବା ସାଥି ପାଇଲଟମାନଙ୍କ ମଧ୍ୟରେ କାହାର ପାଟି ଫିଟୁ ନଥାଏ । ସମସ୍ତେ ସମ୍ପୂର୍ଣ୍ଣ ଭାବେ ସ୍ତବ୍ଧ । କେତେସମୟ ପରେ ସାଥି ପାଇଲଟ ରର୍ବଟ ଲୁଇସଙ୍କ କାନ୍ଧରେ ହାତ ପକାଇ ତିବତ୍ କହିଲେ "ହେ ପ୍ରଭୁ ! ଆମେ କ'ଣ କଲେ?" "ଲିଟିଲ ବୟ" ହିରୋସୀମା ସହର ଉପରେ ଅପର୍ଯ୍ୟାପ୍ତ ପରିମାଣରେ ବାୟୁମଣ୍ଡଳୀୟ ଋପ ବୃଦ୍ଧି ଯୋଗୁଁ ଉତ୍ତାପ ବଢିଚାଲିଲା ଏଥି ସହିତ ଏହି ବୋମା ପର୍ଯ୍ୟାପ୍ତ ପରିମାଣରେ ତେଜସ୍କ୍ରିୟ ଗାମା ରଶ୍ମି ଏବଂ ନିଉଟ୍ରନ୍ କଣିକା ବିଚ୍ଛୁରିତ କରି ସମଗ୍ର ସହର ତଥା ତାହାର ଆଖପାଖ ଦେଢ କିଲୋମିଟର ବିସ୍ତୃତ ଜନବସତି ତଥା ଘରଦ୍ୱାର ଏବଂ ଦୋକାନ ବଜାର ଭାଙ୍ଗି ଏକ ଧ୍ୱଂସ ସ୍ତୁପ କରିଦେଲା ।

ପ୍ରତ୍ୟେକ୍ଷ ଦର୍ଶୀଙ୍କ ବର୍ଣ୍ଣନାନୁସାରେ ଯେତେବେଳେ ସେମାନେ "ଲିଟିଲବୟ"ର ବିସ୍ଫୋରଣ ଶୁଣିଲେ, ସେତେବେଳେ ଆକାଶରେ ଯେମିତି ଏକାବେଳକେ ଅନେକ ସୂର୍ଯ୍ୟଙ୍କ ରୋଷଣୀ ଖେଳିଯିବାର ଦେଖାଗଲା । ଏହି ବିସ୍ଫୋରଣ ଜନିତ ତାପ ଏବଂ ପବନ ଯେତେବେଳେ ଉପର ଆକଶରୁ ତଳଆଡକୁ ପ୍ରବାହିତ ହେଲା ସେତେବେଳକୁ ଘରଦ୍ୱାର, ଗଛଲତା, ଜୀବଜନ୍ତୁ ସମସ୍ତଙ୍କୁ ଜୀବନ୍ତ ଭାବେ ପୋଡ଼ି ପୋଡ଼ି ଭୂଇଁ ଆଡ଼କୁ ଅଗ୍ରସର ହେଉଥିଲା । ବିସ୍ଫୋରଣ ଜନିତ ତେଜସ୍କ୍ରିୟ ରଶ୍ମିର ପ୍ରବାହ ଯେ ଅନେକ ଲୋକଙ୍କୁ ଜାଳିପୋଡ଼ି ଧ୍ୱଂସ କରିଦେଲା, ସେକଥା ନୁହେଁ ବରଂ ତାହାର ପ୍ରବାହ ପରବର୍ତ୍ତୀ ବଂଶଧରଙ୍କୁ ବିକଳାଙ୍ଗ କରି ଜନ୍ମ ଦେଲା । ଏମିତିକି କେତେକ ଦମ୍ପତ୍ତି ନିଃସନ୍ତାନ ହୋଇଗଲେ । ଏହି ଭୟଙ୍କର ବିସ୍ଫୋରଣ ବେଳେ ଏବଂ ତାହାର ପରବର୍ତ୍ତୀ ସମୟରେ ପ୍ରାୟ ଦୁଇଲକ୍ଷ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ବିଶ୍ୱାସ କରାଯାଏ । ମାତ୍ର ଏହି ମୃତାହତ ଲୋକଙ୍କ ସଂଖ୍ୟା ଆହୁରି ଅଧିକ ବୋଲି ଅନ୍ୟମାନେ ମତ ବ୍ୟକ୍ତ କରନ୍ତି ।

ଜାପାନର ଦୁଃଖ ଏତିକିରେ ସରି ନଥିଲା । "ଲିଟିଲବୟ" ବିସ୍ଫୋରଣ ମାତ୍ର ତିନି ଦିନ ନ ପୁରୁଣୁ ଜାପାନର ଆଉ ଏକ ବଡ଼ ସହର ନାଗାସାକି ଉପରେ ପୁଣି ଏକ ଆଣବିକ ବୋମା ଆମେରିକା ତରଫରୁ ଫିଙ୍ଗା ଯାଇଥିଲା। ଏହି ଦ୍ୱିତୀୟ ବୋମାର ନାମ ଥିଲା "ଫ୍ୟାଟମ୍ୟାନ୍" । ଏହାର ନାମାନୁସାରେ ଏହି ବୋମା ପୂର୍ବର "ଲିଟିଲବୟ" ଠାରୁ ବେଶ୍ ବଡ଼ ଆକାରର ଓ ଅଧିକ ଶକ୍ତିଶାଳୀ ଥିଲା। ମାତ୍ର ନାଗାସାକି ସହରର ଭୌଗଳିକ ଅବସ୍ଥିତି ଦୃଷ୍ଟିରୁ ଏହି "ଫ୍ୟାଟ୍‌ମ୍ୟାନ" ବୋମା ହିରୋସୀମା ସହରରେ "ଲିଟିଲବୟ"ର ଧ୍ୱଂସ ଲୀଳା ଭଳି ଏତେ କ୍ଷତି କରି ପାରିନଥିଲା। ତଥାପି "ଫ୍ୟାଟ୍‌ମ୍ୟାନ୍"ର ବିସ୍ଫୋରଣରେ ପ୍ରାୟ ୭୦ ହଜାର ଲୋକ ମୃତ୍ୟୁବରଣ କରିଥିଲେ। ହିରୋସୀମା ଓ ନାଗାସାକି ସହର ଉପରେ ଏହି ଧ୍ୱଂସ ଲୀଳା ଦେଖି ସାରା ବିଶ୍ୱ ସେଦିନ ସ୍ତବ୍ଧ ହୋଇଯାଇଥିଲା । ସେହି ବିଧ୍ୱଂସ୍ତ ଘଟଣା ପରଠାରୁ ଆଣବିକ ଏବଂ ପାରମାଣବିକ ବୋମା ନିରସ୍ତ୍ରୀକରଣ ଉପରେ ବିଭିନ୍ନ କଟକଣା ମାନ ଆରମ୍ଭ ହେଲା । ଏଥିପାଇଁ କେତେ ଶାନ୍ତି ସୁଖର ସମ୍ମିଳନୀ ଆହ୍ୱାନ କରାଯାଇ ପୃଥିବୀରୁ ପାରମାଣବିକ ଶକ୍ତିର ଭୟାବହତାରୁ ରକ୍ଷା କରିବା ପାଇଁ କେତେ କାର୍ଯ୍ୟମାନ ଗ୍ରହଣ କରାଯାଉଅଛି ।

ଏହି ପରମାଣୁ ବୋମାର ନିର୍ମାତା "ଏଇନ୍‌ଷ୍ଟେଇନ୍" ପରେ ଦୁଃଖ ପ୍ରକାଶ କରି କହିଥିଲେ, 'ମୁଁ ଏହାର ଧ୍ୱଂସକାରୀ ଶକ୍ତି ଉପରେ ଚିନ୍ତା କରିନଥିଲି । ମୁଁ ଆଶା କରିଥିଲି ଏହା ବିଶ୍ୱର ମଙ୍ଗଳ ପାଇଁ ଶାନ୍ତିପୂର୍ଣ୍ଣ ବିନିଯୋଗ ହେବ ଅଥଚ ଆଜି ଏହାର ବିଧ୍ୱଂସ, ବିଧ୍ୱସ୍ତ ଓ ଭୟଙ୍କର ରୂପ ଦେଖି ମୁଁ ହତ୍ ଚକିତ ହୋଇଯାଉଛି । ଯଦି ଏଣିକି ପାରମାଣବିକ ଅସ୍ତ୍ରକୁ ନିରସ୍ତ୍ରୀକରଣ କରାନଯାଏ ଅର୍ଥାତ୍ ବନ୍ଦ କରିବାର କଟକଣା କରା ନଯାଏ, ଯଦି ତୃତୀୟ ବିଶ୍ୱଯୁଦ୍ଧ ହେବ ଏହା ହିଁ ବ୍ୟବହାର ହେବ ଏବଂ ଏହାଦ୍ୱାରା ସମଗ୍ର ପୃଥିବୀରୁ ମାନବର ସତ୍ତା ଲୋପ ପାଇଯିବ' ।

ଏକ ହିସାବରୁ ଜଣାପଡୁଛି ଯେ, ଆମେ ଏବେ ଏମିତି ଏକ ପୃଥିବୀରେ ବାସ କରୁଅଛୁ ଯେଉଁଠାରେ କି, ଏତେ ପାରମାଣବିକ ବୋମା ଏବଂ ଅନ୍ୟାନ୍ୟ ପାରମାଣବିକ ଶକ୍ତି ଗଚ୍ଛିତ ରହିଛି ଯେ, ଯାହାକି ସାରା ପୃଥିବୀକୁ ଥରେ ନୁହେଁ ପ୍ରାୟ ଏଗାର ହଜାର ଥର ଧ୍ୱଂସ କରିଦେଇପାରିବ ।

ଏପରି ସ୍ଥଳେ ଆମେ ବିଶ୍ୱବାସୀ ବିଶେଷ କରି ରାଜନେତା, ବୁଦ୍ଧିଜୀବି, ବୈଜ୍ଞାନିକ ଏବଂ ସେହି ସମ୍ବନ୍ଧୀ ବ୍ୟକ୍ତି ସମୂହକୁ ନିବେଦନ କରିବୁ ଯେ, ପରମାଣୁ ଶକ୍ତି ଉପରେ ସମସ୍ତ ଧ୍ୱଂସକାରୀ ଶକ୍ତିକୁ ନିୟନ୍ତ୍ରଣ ଭିତରେ ରଖି ଏହାର ଶାନ୍ତିପୂର୍ଣ୍ଣ ବିନିଯୋଗ କରନ୍ତୁ । ନଚେତ୍ ନିଃଶ୍ଚିହ୍ନ ହୋଇଯିବା ପାଇଁ ପ୍ରସ୍ତୁତ ରୁହନ୍ତୁ ।

# ଭିକ୍ଷାବୃତ୍ତି ଏକ ସାମାଜିକ ସମସ୍ୟା



ଗୋପାଳ ମହାପାତ୍ର

*ରାମଚନ୍ଦ୍ରପୁର, ରଣପୁର*
*ମୋ:୯୪୩୮୪୮୫୦୯୪*

ଏକ ଆଦର୍ଶ ଶାସନ ବ୍ୟବସ୍ଥାର ବୁନିଆଦି ହେଉଛି ସମାନତା, ସ୍ୱତନ୍ତ୍ରତା ଏବଂ କ୍ଷୁଦା ଏବଂ ଦାରିଦ୍ର୍ୟମୁକ୍ତ ଶାନ୍ତିପୂର୍ଣ୍ଣ ଜୀବନଯାପନ। ରାଷ୍ଟ୍ର ଏବଂ ସମାଜ ପାଇଁ କ୍ଷୁଧା (ଖାଦ୍ୟାଭାବ) ଏବଂ ଦାରିଦ୍ର୍ୟ ହେଉଛି ଏକ ସମସ୍ୟା। ଏହା ଏକ ବିଡ଼ମ୍ବନା ଏବଂ ଦୋଷପୂର୍ଣ୍ଣ ଶାସନ ବ୍ୟବସ୍ଥାର ଦ୍ୟୋତକ ମଧ। ଦେଶ ସ୍ୱାଧୀନ ହେବାର ସାତ ଦଶନ୍ଧିରୁ ଅଧିକ ସମୟ ବିତିଯାଇଥିଲେ ମଧ ଦେଶରେ ଭିକ୍ଷାବୃତ୍ତି ଏବଂ ଭିକାରୀଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢିବାରେ ଲାଗିଛି। ଏହା ଏକ ଲଜ୍ଜାଜନକ ଘଟଣା। ଏହି ଘଟଣା ଆମ ଶାସନ ବ୍ୟବସ୍ଥା ଉପରେ ଏକ କଳାଦାଗ ଭଳି। ଏଭଳିଏକ ସମ୍ବେଦନଶୀଳ ସମସ୍ୟା ଏବେ ଦେଶର ସର୍ବୋଚ୍ଚ ଅଦାଲତ ବା ସୁପ୍ରିମକୋର୍ଟଙ୍କ ନଜରକୁ ଆସିଛି ଓ କୋର୍ଟ ଏ ପ୍ରସଙ୍ଗରେ ଯାହା କହିଛନ୍ତି ତାହା କେବଳ ସ୍ୱାଗତଯୋଗ୍ୟ ନୁହେଁ ବରଂ ଅନୁକରଣୀୟ ମଧ। କୋର୍ଟ ସ୍ପଷ୍ଟ ଶବ୍ଦରେ ଏ ସମ୍ପର୍କିତ ଏକ ମାମଲାର ଶୁଣାଣି କରି କହିଛନ୍ତି ଯେ, ସଡକରୁ ଭିକାରୀମାନଙ୍କୁ ହଟାଇବା ପ୍ରସଙ୍ଗରେ ଧନୀକ ଲୋକଙ୍କ ମାନସିକତାକୁ କୋର୍ଟ ଆପଣେଇ ପାରିବେନାହିଁ। କାରଣ ଭିକ୍ଷାବୃତ୍ତି ବା ଭିକ୍ଷା ମାଗିବା ଏକ ସାମାଜିକ ଏବଂ ଆର୍ଥିକ ସମସ୍ୟା ଏବଂ ଏହା ଏକ ବିଶତା ମଧ। ସୁପ୍ରିମକୋର୍ଟର ବିଚାରପତି ଡି ୱାଇ ଚନ୍ଦ୍ରଚୂଡ ଏବଂ ବିଚାରପତି ଏମ.ଆର ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ଭିକାରୀମାନଙ୍କୁ ସକ୍ଷକ ଏବଂ ସାର୍ବଜନିକ ସ୍ଥଳରୁ ହଟାଇ ଦିଆଯିବା ପାଇଁ ଆଗତ ଏକ ମାମଲାର ଶୁଣାଣି କରି ଏକଥା କହିଛନ୍ତି। ଖଣ୍ଡପୀଠ ଭିକାରୀମାନଙ୍କୁ ହଟାଇବା ପାଇଁ ଆଦେଶ ଦେଇପାରିବେ ନାହିଁ ବୋଲି ରୋକଷଠାକ୍ ଶୁଣାଇ ଦେଇଥିଲେ। ମାନ୍ୟବର ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଭିକାରୀ ଏବଂ ଦାରିଦ୍ର୍ୟର ସୀମାରେଖା ତଳେ ରହୁଥିବା ଲୋକଙ୍କ ଦୁଃଖକୁ ବୁଝିପାରିଛନ୍ତି। ଖଣ୍ଡପୀଠ ଏଭଳି ଦୁର୍ଦ୍ଦଶାଜନକ ସ୍ଥିତିର କାରଣ ସମ୍ପର୍କରେ ବିବେଚନା କରି କହିଛନ୍ତି ଯେ, ଶିକ୍ଷାର ଅଭାବ ଏବଂ ରୋଜଗାର ନମିଳିବା କାରଣରୁ ବୁନିଆଦି ଆବଶ୍ୟକତାକୁ ପୂରଣ କରିବା ପାଇଁ କିଛି ଲୋକ ଭିକ୍ଷାବୃତ୍ତି କରିବା ପାଇଁ ବାଧ ହେଉଛନ୍ତ। ଖଣ୍ଡପୀଠ ପରୋକ୍ଷରେ ଭିକ୍ଷାବୃତ୍ତିକୁ ନିଷିଦ୍ଧ କରିବା ପରିବର୍ତ୍ତେ ଏହି ବୃତ୍ତିକୁ ଆପଣେଇ ଥିବା ଲୋକଙ୍କର ସମସ୍ୟା ଦୂର କରାଯିବା କଥା କହିଥିଲେ। ଏକଥା ସତ୍ୟ ଯେ, ଆବେଦନକାରୀ ନିଶ୍ଚିତ ଭାବିଥିବେ ଯେ, ସୁପ୍ରିମକୋର୍ଟ ସଡକ ଓ ସର୍ବସାଧାରଣ ସ୍ଥାନରେ ଭିକ୍ଷାବୃତ୍ତି କରୁଥିବା ଲୋକଙ୍କ ଉପରେ ପ୍ରତିବନ୍ଧ ଲଗାଇବେ। କିନ୍ତୁ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଯେଭଳି ଭାବରେ ସମସ୍ୟାର ବ୍ୟାଖ୍ୟା ଯେଭଳି ସମ୍ବେଦନ ଏବଂ ମାନବିକତାର ଆଧାରରେ କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ଅନ୍ୟପକ୍ଷରେ ଆଗାମୀ ଦିନରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ସିଦ୍ଧ ହେବ ବୋଲି କୁହାଯାଇପାରେ। ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଆବେଦନକାରୀଙ୍କ ଓକିଲଙ୍କୁ ପ୍ରଶ୍ନ କରିଥିଲେ ଯେ, ଲୋକେ ଭିକ୍ଷାବୃତ୍ତି କରନ୍ତି କାହିଁକି? ଦାରିଦ୍ର୍ୟ କାରଣରୁ ଏଭଳି ସ୍ଥିତି ଉପୁଜିଥାଏ।

ଏକ ସ୍ୱାଧୀନ ଦେଶରେ, ଏକ ଶୋଷଣ ବିହୀନ ସମାଜରେ ଏକ ସମାଜବାଦୀ ଦୃଷ୍ଟିକୋଣରେ ଏବଂ ଏକ ଲୋକ କଲ୍ୟାଣକାରୀ ସମାଜବାଦୀ ବ୍ୟବସ୍ଥାରେ କ୍ଷୁଦା ଏବଂ ଭିକ୍ଷାବୃତ୍ତି ଏକ ଲଜ୍ଜାଜନକ ଘଟଣା। ଏହାକୁ ବିଲୋପ କରିବା ଦିଗରେ ଆମ ଶାସନ ବ୍ୟବସ୍ଥା କିଛି ଠୋସ୍ ପଦକ୍ଷେପ ନେବା ଆବଶ୍ୟକ। ଏହା ଆମ ଶାସନର କର୍ଣ୍ଣଧାରଙ୍କ ପାଇଁ ଲଜ୍ଜାଜନକ ନିଶ୍ଚୟ। ଲୋକଙ୍କୁ ଖାଦ୍ୟ ଯୋଗାଇ ପାରୁନଥିବା ସରକାରକୁ କ'ଣ ଉତ୍ତମ ସରକାର ବୋଲି କୁହାଯାଇପାରିବ? ଯେଉଁ ବ୍ୟବସ୍ଥା ଲୋକଙ୍କୁ ସୁରକ୍ଷା ଦେଇ ପାରୁନଥିବ ସେ କ'ଣ ସୁସ୍ଥ ତଥା ସ୍ୱଚ୍ଛ ଶାସନ ବ୍ୟବସ୍ଥା କି? ପ୍ରକୃତପକ୍ଷେ ଦେଖିବାକୁ ଗଲେ ଦେଶର ମାତ୍ର କିଛି ଭାଗ ଲୋକଙ୍କୁ ଛାଡିଦେଲେ ବାକି ଆମେ ସବୁ ଗରିବ। ଗରିବ ଅର୍ଥ ଯାହା ଆମେ ପାଇବା କଥା ତାହା ଆମକୁ ମିଳିପାରୁନାହିଁ। ସର୍ବନିମ୍ନ ଆବଶ୍ୟକତା ମଧ ଆମକୁ ମିଳିପାରୁନାହିଁ। ଗୋଟିଏ ପକ୍ଷରେ ଅତିରିକ୍ତ ସଂସାଧନର ଅଭାବ ଏବଂ ଅନ୍ୟପକ୍ଷରେ ଖାଦ୍ୟାଭାବ ଏବଂ ଦାରିଦ୍ର୍ୟ, ଦୁଇବେଳାର ଖାଦ୍ୟ ଯୋଗାଡ଼ କରିବା ପାଇଁ ସଡ଼କରେ ଏବଂ ସର୍ବସାଧାରଣ ସ୍ଥଳରେ ଅନେକ ହାତ ପାତିବା ପାଇଁ ବିବଶ ହୋଇପଡୁଛନ୍ତି।

ମାନ୍ୟବର ସୁପ୍ରିମକୋର୍ଟ ସମସ୍ୟାର ବ୍ୟାଖ୍ୟା ଅତ୍ୟନ୍ତ ସମ୍ବେଦନାର ସହ କରିଛନ୍ତି। ଏଥିରେ ମାନବୀୟତା ମଧ ସ୍ପଷ୍ଟ। ଦାରିଦ୍ର୍ୟ, ଅଭାବ ଏବଂ ସରକାରଙ୍କର ଅସନ୍ତୁଳିତ ନୀତି ପାଇଁ ଏଭଳି ସ୍ଥିତି ଉପୁଜୁଛି। ଆଜିର ବ୍ୟବସ୍ଥା ଖାଦ୍ୟାଭାବ ନୁହେଁ ଭିକାରୀଙ୍କ ବିଲୋପ ପାଇଁ ଉଦ୍ୟମ କରୁଛି। ଦାରିଦ୍ର୍ୟ ନୁହେଁ ଦରିଦ୍ରଙ୍କ ବିଲୋପ ପାଇଁ ଯୋଜନା ପ୍ରସ୍ତୁତ କରୁଛି। ଏକଥା ଭାବିଲେ ଭଲଲାଗେ ଯେ, ସଡକ ପାଖରେ ଆଉ ଭିକାରୀ ଦେଖାନଗଲେ ଭଲହୁଅନ୍ତା, କିନ୍ତୁ ସଡକରୁ ଭିକାରୀଙ୍କୁ ହଟାଇ ଦିଆଯାଇ କ'ଣ ଦାରିଦ୍ର୍ୟ ଦୂରହୋଇଯିବ? କ'ଣ ଯେଉଁମାନେ ଅସମର୍ଥ, ଯେଉଁମାନଙ୍କ ପାଖରେ କିଛି ସାଧନ ନାହିଁ, ଯେଉଁମାନେ ଦୁଇବେଳା ଖାଇବାକୁ ପାଉନାହାଁନ୍ତି ସେମାନଙ୍କୁ ମରଣ ମୁହଁକୁ ଠେଲି ଦିଆଯିବ? ଦାରିଦ୍ର୍ୟ ଠାରୁ ଅଧିକ ଭୟାବହ ହେଉଛି କ୍ଷୁଧା (ଖାଦ୍ୟାଭାବ) ଏବଂ ଭିକ୍ଷାବୃତ୍ତିର ସ୍ଥିତି।

ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ବାର୍ଷିକ ଆୟ କମ୍ ଥିବା ଲୋକଙ୍କୁ ଗରିବ ଶ୍ରେଣୀଭୁକ୍ତ କରାଯାଇଛି। କିନ୍ତୁ ଯେଉଁମାନଙ୍କର କୌଣସି ଆୟ ପନ୍ଥାନାହିଁ ସେମାନଙ୍କୁ ସରକାର କେଉଁ ଶ୍ରେଣୀଭୁକ୍ତ କରିଛନ୍ତି? ସାଧାରଣ ଭାବରେ ଝୁମ୍ପୁଡିରେ ରହୁଥିବା, ଅଭାବରେ ଜୀବନ କାଟୁଥିବା ଲୋକଙ୍କୁ ଗରିବ କୁହାଯାଇଥାଏ ଓ ମହଲରେ ରହୁଥିବା ଲୋକଙ୍କୁ ଧନୀ କୁହାଯାଇଥାଏ। କିନ୍ତୁ ଭିକାରୀର କୌଣସି ସର୍ବମାନ୍ୟ ପରିଭାଷା ନାହିଁ। ଏଣୁ ଭିକ୍ଷା ଏବଂ ଭିକାରୀର ରେଖା କ'ଣ? କାହିଁକି ଏମାନଙ୍କ ପାଇଁ ରେଖା ନିର୍ଦ୍ଧାରଣ କରାଯାଇନାହିଁ? କିନ୍ତୁ ଏବେ କୋର୍ଟଙ୍କ ମନ୍ତବ୍ୟ ପରେ ଏଥିପାଇଁ ରାସ୍ତା ଖୋଲିପାରେ ବୋଲି ଆଶା କରାଯାଉଛି। ବିଚାରପତି ଚନ୍ଦ୍ରଚୂଡ ଆବେଦନକାରୀଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଓକିଲ ଚିନ୍ମୟ ଶର୍ମାଙ୍କୁ କହିଥିଲେ ଯେ, କେହି ଭିକ୍ଷାବୃତ୍ତି କରିବାକୁ ଚାହେଁ ନାହିଁ। ଅର୍ଥାତ୍ ସରକାର ଭିକ୍ଷାବୃତ୍ତି ସମସ୍ୟାକୁ ଭିନ୍ନ ଢଙ୍ଗରେ ସମାଧାନ କରିବା ଆବଶ୍ୟକ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)





## ଏଇ ସେ ଭାରତ ମାଟି

**କୁନା ସେଠୀ**

ବିଦେଶୀ ହାତରେ ପରାଧୀନ ହୋଇ
ଶ୍ରୀହୀନ ବେଶରେ ସର୍ବସ୍ୱ ହରାଇ
ଦିନେ ଯାଇଥିଲା ଲୋଟି
ମଥା ଯାଇଥିଲା ଫାଟି ।
ଏଇ ସେ ଭାରତ ମାଟି,
ଏଇ ସେ ଭାରତ ମାଟି ।।

ସବୁ ଥାଇ ତାର ସର୍ବ ହରା ହୋଇ
କାନ୍ଦୁଥିଲା ତାର ମଥାକୁ ବାଡେଇ
ଖୋଲି ଦେଇ ତାର ଚୁଟି
ହଜି ଯାଇଥିଲା ରୁଟି ।
ଏଇ ସେ ଭାରତ ମାଟି,
ଏଇ ସେ ଭାରତ ମାଟି ।।

ବୀର ଭାରତୀୟ ଟେକିଲେ ମଥାକୁ
ବୁଝି ଯେ ପାରିଲେ ମାଆର ବ୍ୟଥାକୁ
ଏକ ହେଲେ କୋଟି କୋଟି
ଗାଇଲେ ତା ନାମ ଗୋଟି ।
ଏଇ ସେ ଭାରତ ମାଟି
ଏଇ ସେ ଭାରତ ମାଟି ।।

ଜାତି, ଧର୍ମ ଭୁଲି ଗଲେ ସର୍ବେ ମାଡ଼ି
ଇଂରେଜୀ ର ଦମ୍ଭ ଦେଲେ ପରା ପୋଡ଼ି
ଖେଳାଇ ନିଜର ଗୋଟି
ଗଲେ ନାହିଁ ଜମା ହଟି ।
ଏଇ ସେ ଭାରତ ମାଟି
ଏଇ ସେ ଭାରତ ମାଟି ।।

ଅହିଂସା ପୂଜାରୀ ଅହିଂସା ଅସ୍ତ୍ର ରେ
ଗରଜନ କଲେ ଇଂରେଜୀ ଆଗରେ
ଚୁପ୍ କରାଇଲେ ପାଟି
ଖୋଲି ଦେଲେ ଘର ତାଟି ।
ଏଇ ସେ ଭାରତ ମାଟି
ଏଇ ସେ ଭାରତ ମାଟି ।।

କୋଟି ଜନତା ର ଗୋଟିଏ ଚିତ୍କାର
ଇଂରେଜୀ ଦରବ ବରଜନ କର
ଯିବେ ସେ ଇଂରେଜୀ ହଟି
ନ ଚେତ ଦେବାରେ ବାଟି ।
ଏଇ ସେ ଭାରତ ମାଟି
ଏଇ ସେ ଭାରତ ମାଟି ।।

ମହାଭାରତୀୟ ଭାରତ ବାସୀ
ଅଟନ୍ତି ପରା ସେ ବଡ ସାହାସୀ
ଲଢ଼ିଗଲେ ଗୋଟି ଗୋଟି
ଖୋଲି ଲେ ନିଜର ପାଟି ।
ଏଇ ସେ ଭାରତ ମାଟି
ଏଇ ସେ ଭାରତ ମାଟି ।

ଇଂରେଜୀ ଦଣ୍ଡକୁ ପଣ୍ଡ କରି ସର୍ବେ
ଛାତି କୁ ନିଜର ଦେଖାଇଲେ ଗର୍ବେ
କରମେ ନିଜର ଖଟି
ଧରମରେ ଗଲେ ଲୋଟି ।
ଏଇ ସେ ଭାରତ ମାଟି
ଏଇ ସେ ଭାରତ ମାଟି ।

ଫେରି ଆସିଲା ସେ ସ୍ୱାଧୀନ ଚଢ଼େଇ
ଦେଖାଇ ତ ପୁଣି ନିଜର ବଡେଇ
ବାନ୍ଧିଲା ମାଆର ଚୁଟି
କୋଳେ ଗଲା ତାର ଲୋଟି ।
ଏଇ ସେ ଭାରତ ମାଟି
ଏଇ ସେ ଭାରତ ମାଟି ।।।

+ ଭୂତସରସିଙ୍ଗି,ଗଞ୍ଜାମ





## ସମୟ

**ରମାକାନ୍ତ ଦାସ**

ସମୟ ଏକ ଅମୂଲ୍ୟ ସମ୍ପଦ
ଅପେକ୍ଷା କରେନାହିଁ କାହାକୁ
ପ୍ରତିଦିନ ଆଣେ ନୂତନ ସୁଯୋଗ
ବଦଳାଏ ଜୀବନକୁ ।।

ନୂତନ ପ୍ରଭାତେ ଆଣେ ସମୟ
କେତେ ଯେ ନୂତନ ସୁଯୋଗ
ସମୟର ମୂଲ୍ୟ ସଭିଏଁ ବୁଝିବା
ସମୟର କରି ସୁଦୁପଯୋଗ ।।

ଦୁଃଖରେ ସୁଖରେ ସବୁ ସମୟରେ
ସମୟହିଁ ଆମ ସାହାରା
ସମୟ ସହିତ ଚାଲିବା ଶିଖିଲେ
କେବେ ହବାନାହିଁ ସର୍ବହାର ।।

ତିନୋଟି ଅକ୍ଷର ଏ ସମୟ ଶବ୍ଦଟି
ଦେଇଥାଏ ବହୁ ଶିକ୍ଷା
ସମୟ ସହିତ ଚାଲୁଥିଲେ ନିତି
ନଇଁବନି କେବେ ମଥା ।।

ଜୀବନର ଏଇ ଚଲାପଥରେ
ସମୟ ଯେ ମୂଲ୍ୟବାନ
ଗୋଟିଏ ମୁହୂର୍ତ୍ତ ନଷ୍ଟ ନ କରିଲେ
ସୁଖମୟ ହେବ ଜୀବନ ।।

+ ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
(ମୋ)୯୬୬୮୮୧୫୩୬୯

## ପିମ୍ପୁଡି ଠୁ ଶିଖିବା...

**ଧୀରେନ୍ଦ୍ର ମଲ୍ଲିକ**



ଲମ୍ବା ଲମ୍ବା ଧାଡ଼ି କରିକି ଯାଉ
ଶାନ୍ତି ଶୃଙ୍ଖଳାରେ ସର୍ବଦା ଥାଉ
ଝଗଡ଼ା ଲାଗୁନୁ କେବେ
ହେ ମଣିଷ ଜାତି ଶିଖିଯା ଆମଠୁ
ଭଲରେ ରହିବ ତେବେ,

ଡର ନାହିଁ ଝଡ଼ ବାଆ ବତାସ
ହେବୁ ନାହିଁ ଆମେ କେବେ ହତାଶ
ରହିବୁ ଆପଣା ଘରେ
ହେ ମଣିଷ ଜାତି ଶିଖିଯା ଆମଠୁ
ପରିଶ୍ରମୀ ହୁଅ ଥରେ,

ଆକ୍ରମଣ ଯଦି କରଇ କିଏ
ପାଲଟା ଜବାବେ ନାମଟି ନିଏ
କରୁନା କେବେବି ଭୀତି
ହେ ମଣିଷ ଜାତି ଶିଖିଯା ଆମଠୁ
ଏକାଠି ରହିବ ନିତି,

ଛୋଟ ଜୀବ ବୋଲି ନାହିଁଟି ଦୁଃଖ
ଚାହିଁନାହୁଁ କେବେ ସରଗ ସୁଖ
ମନେ ନାହିଁ କିଛି କ୍ଷୋଭ
ହେ ମଣିଷ ଜାତି ଶିଖିଯା ଆମଠୁ
କରିବନି କେବେ ଲୋଭ,

ଅଳପ ବୁଦ୍ଧିରେ ରହିଛୁ ଖୁସି
କାହାରି କଥାରେ ଯାଉନା ଭାସି
ଉଚ୍ଚାକରି ଚାଲୁ ମଥା
ହେ ମଣିଷ ଜାତି ଶିଖିଯା ଆମଠୁ
ଶୁଣିବନି ପର କଥା,

ଭାବୁନାହୁଁ କେବେ ଆପଣା ପର
ଅଟଇ ଗୋଟିଏ ଜାତି ଆମର
ଭେଦଭାବ ମନେ ନାହିଁ
ହେ ମଣିଷ ଜାତି ଶିଖିଯା ଆମଠୁ
ଗରବ କରିବ କାହିଁ,

ଆସୁ ପଛେ ଯେତେ ବାଧା ବିଘିନ
ବିଭୁ ପାଦେ ରଖି ଆମରି ଧ୍ୟାନ
କରିଯିବୁ ନିଜ କର୍ମ,
ହେ ମଣିଷ ଜାତି ଶିଖିଯା ଆମଠୁ
ଏହାବି ତୁମରି ଧର୍ମ,

+ ନୀଳକଣ୍ଠପୁର, ମଙ୍ଗଳପୁର,
ଯାଜପୁର
(ମୋ)୭୯୦୪୩୯୨୬୮୬

# ପୁଣି ଅନୁସନ୍ଧାନ ଅଧିକାରିଣୀ



ଡିଜନି ପ୍ଲସ୍ ହଟ୍‌ଷ୍ଟାର ସିରିଜ୍ ପାଇଁ ପ୍ରସ୍ତୁତ ହେଉଥିବା ୱେବ୍-ସିରିଜ୍ 'ସିକ୍ସ ସସ୍‌ପେକ୍ଟସ୍'ରେ ଜଣେ ଅନୁସନ୍ଧାନକାରୀ ଅଧିକାରିଣୀ ଭୂମିକାରେ ଅବତୀର୍ଣ୍ଣ ହେବେ ଅଭିନେତ୍ରୀ ରିଚା ଚଡା। ପୁରୁଷ ପ୍ରାଧାନ୍ୟ ସମାଜରେ ରିଚା ଏକ ଜଟିଳ ମାମଲାର ଅନୁସନ୍ଧାନ କରି ନିଜକୁ ଜଣେ ସଚ୍ଚୋଟ ଅଧିକାରିଣୀ ବୋଲି ଦର୍ଶକଙ୍କ ସାମ୍ନାରେ ସାବ୍ୟସ୍ତ କରିବେ। ରିଚାଙ୍କ ସହ ପ୍ରମୁଖ ଭୂମିକାରେ ରହିବେ ଅଭିନେତା ପ୍ରତୀକ ଗାନ୍ଧୀ। ୨୦୦୮ରେ ବିକାଶ ସ୍ୱରୂପ ଲେଖିଥିବା କାହାଣୀର ନାମ ମଧ୍ୟ ଥିଲା 'ସିକ୍ସ ସସ୍‌ପେକ୍ଟସ୍'। ଏହି ୱେବ୍-ସିରିଜ୍‌ର ପ୍ରଯୋଜନା କରୁଛନ୍ତି ଅଜୟ ଦେବଗନ ଫିଲ୍ମସ୍ ଏବଂ ରିଲ୍ ଲାଇଫ୍ ଏଣ୍ଟରଟେନ୍‌ମେଣ୍ଟ। ରିଚା ଏହା ପୂର୍ବରୁ 'ମସାନ୍' ଓ 'ଫୁକ୍‌ରେ' ମୁଭିରେ ନିଜର ଭର୍ସାଟାଇଲ୍ ଆକ୍ଟିଂ ପ୍ରଦର୍ଶନ କରି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କେବଳ ସେତିକି ନୁହେଁ, ରିଚା ମଧ୍ୟ ଅତୀତରେ ତିଗମାଂଶୁ ଧୂଳିଆଙ୍କ ସହ 'ଗ୍ୟାଙ୍ଗସ ଅଫ୍ ୱାସେପୁର'ରେ ଜଣେ ସମର୍ପିତ ଅନୁସନ୍ଧାନକାରୀ ଅଧିକାରିଣୀ ଭୂମିକାରେ ଅଭିନୟ କରିଥିଲେ। 'ସିକ୍ସ ସସ୍‌ପେକ୍ଟସ୍' ତିଆରି ବେଳକୁ ସମ୍ଭବତଃ ତିଗମାଂଶୁଙ୍କର ରିଚାଙ୍କ କଥା ମନେ ପଡ଼ିଯାଇଛି। 'ସିକ୍ସ ସସ୍‌ପେକ୍ଟସ୍'; ୧୯୯୨ରେ ଜାତୀୟସ୍ତରରେ ଏକ ବଡ଼ ଧରଣର ଦୁର୍ନୀତିର ରହସ୍ୟ ଉନ୍ମୋଚନ ହେଇଥିବା ଘଟଣା ଉପରେ ପର୍ଯ୍ୟବସିତ।

ଏହି ଉପନ୍ୟାସକୁ ନେଇ ହିନ୍ଦୀ ଭାଷାରେ ପ୍ରଥମ କରି ୱେବ୍ ସିରିଜ୍ ହେଉଥିବା ଜଣାପଡ଼ିଛି। ଏକ ଉପନ୍ୟାସ କାହାଣୀ, ନିର୍ମାତା-ନିର୍ଦ୍ଦେଶକ ତିଗମାଂଶୁ ଧୂଳିଆ, ସହ କଳାକାର ପ୍ରତୀକ ଗାନ୍ଧୀ ଏବଂ ଜଣେ ସଚ୍ଚୋଟ ଅନୁସନ୍ଧାନକାରୀ ଅଧିକାରିଣୀ ଭାବେ ସୁଯୋଗ ପାଇଥିବାରୁ ମୁଁ ଗର୍ବିତ ଓ ଗୌରବାନ୍ୱିତ ବୋଲି ରିଚା କହିଛନ୍ତି।

# ଦୁଇ ଦିନରେ ସରିବ ଜାହ୍ନବୀଙ୍କ ବାହାଘର!



ଦୁଇ ଦିନରେ ସରିବ ଜାହ୍ନବୀଙ୍କ ବାହାଘର। ମହମବତୀ ଏବଂ ଜୁଇ ଫୁଲରେ ସଜେଇ ହେବ ମଣ୍ଡପ। ପିନ୍ଧିବେ କାଞ୍ଜିବରମ ପାଟ। ବିବାହର ସବୁ କିଛି ବୁଝାବୁଝି କରିବେ ଭଉଣୀ ଅଂଶୁଳ। ବେଚଲରେଟ୍ ପାର୍ଟିରେ ପିନ୍ଧିବେ କ୍ୟାପ୍ରି। ଆଉ ତିରୁପତିର ହେବ ବିବାହ। ଏକଥା ଆମେ କହୁନୁ ଖୋଦ୍ ଜାହ୍ନବୀ କପୁର କହିଛନ୍ତି। ଅଭିନେତ୍ରୀ ଜାହ୍ନବୀ କପୁର ନିକଟରେ ଏକ ମାଗାଜିନ ଫଟୋ ସୁଟ୍ ସମୟରେ ନିଜ ଭବିଷ୍ୟତର ବାହାଘରକୁ ନେଇ ମୁହଁ ଖୋଲିଛନ୍ତି। ସେ କହିଥିଲେ, ସେ ସବୁଠାରୁ ସାଧାରଣ ଢ଼ଙ୍ଗରେ ବିବାହ କରିବାକୁ ଚାହାନ୍ତି। ଦୁଇ ଦିନ ଭିତରେ ନିଜ ବିବାହକୁ ସେ ସାରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ବେଚଲରେଟ୍ ପାର୍ଟିରେ କ୍ୟାପ୍ରି ପିନ୍ଧିବେ। ଏଥିସହ ତିରୁପତିରେ ବିବାହ କରିବେ ବୋଲି ସେ କହିଛନ୍ତି। ଜାହ୍ନବୀ ଆହୁରି କହିଛନ୍ତି ତାଙ୍କ ମେହେନ୍ଦି ଆଉ ସଙ୍ଗୀତ ସେରିମୋନୀ ମା' ଶ୍ରୀଦେବୀଙ୍କ ପୈତୃକ ଘର ମାଇଲାପୋରାରେ ହେବ। ଗୋଲ୍ଡ ଏବଂ ଆଇଭରୀ ଥିମର କାଞ୍ଜିବରମ ଶାଢ଼ୀ ପିନ୍ଧି ସେ ବିବାହ ବେଦୀରେ ବସିବେ। ମଣ୍ଡପର ସାଜସଜା ଠାରୁ ଆରମ୍ଭ କରି ବାହାଘର ସବୁ କିଛି ତାଙ୍କ ଭଉଣୀ ଅଂଶୁଳ ବୁଝିବେ। ବିବାହ ବେଳେ ବାପା ବୋନି କପୁର ବେଶ୍ ଇମୋସନାଲ ହୋଇପାରନ୍ତି। ଭାବି ସ୍ୱାମୀ କିଭଳି ହେବା ଦରକାର ତାକୁ ନେଇ ମଧ୍ୟ ଜାହ୍ନବୀ ମୁହଁ ଖୋଲିଛନ୍ତି। ଜଣେ ବୁଦ୍ଧିମାନ ବ୍ୟକ୍ତିଙ୍କୁ ସେ ବିବାହ କରିବେ, କିନ୍ତୁ ଏଭଳି ମଣିଷ ତାଙ୍କୁ ଏଯାଏଁ ମିଳିନାହାନ୍ତି ବୋଲି ଜାହ୍ନବୀ କହିଛନ୍ତି।ସୂଚନା ମୁତାବକ, ନିକଟରେ ଜାହ୍ନବୀ ତାଙ୍କ ଅପ୍‌କମିଂ ଫିଲ୍ମ 'ଗୁଡ୍ ଲକ୍ ଜେରୀ'ର ସୁଟିଂ ପୂରା କରିଛନ୍ତତି। ଏହା ବ୍ୟତୀତ ସେ ଫିଲ୍ମ 'ଦୋସ୍ତାନା-୨'ରେ ମଧ୍ୟ ନଜର ଆସିବେ। ସେ ବାପା ବୋନି କପୁରଙ୍କ ସହ ମଧ୍ୟ ଏକ ଫିଲ୍ମ କରୁଛନ୍ତି। ଏହା ମାଲୟାଲମ ଫିଲ୍ମ 'ହେଲେନ୍'ର ରିମେକ୍, ଯେଉଁଥିରେ ଜାହ୍ନବୀ ଲିଡ୍ ରୋଲରେ ନଜର ଆସିବେ।

## ଆସ ଯିବା ଭାଉଜଙ୍କ ଘରକୁ

ଆପଣ ଚାହିଲେ ଭାଉଜ-ନଣନ୍ଦଙ୍କ ମଜା ମସ୍ତିର ପରିସରରେ ନିଜକୁ ସାମିଲ କରିପାରିବେ। ୮୦୯୩୦୨୬୬୯୭ ନମ୍ବରରେ ହ୍ୱାଟ୍‌ସଆପ୍ କରି ଆପଣ ଏହି ରିୟାଲିଟି ଗେମ୍ ସୋ'ରେ ଭାଗ ନେଇ ଅନେକ ଆକର୍ଷଣୀୟ ପୁରସ୍କାର ଜିତି ପାରିବେ। ନାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ପ୍ରତିଯୋଗିତାରେ ଉଭୟ ବିବାହିତ ଏବଂ ଅବିବାହିତ ନାରୀମାନେ ଅଂଶଗ୍ରହଣ କରିପାରିବେ। ଲକ୍‌ଡାଉନ୍‌ର କଟକଣା ଆମ ସାମାଜିକ ଜୀବନକୁ ବହୁମାତ୍ରାରେ ପ୍ରଭାବିତ କରିଛି। ମହାମାରୀ ରୋଗ ଡରରେ ପାରିବାରିକ ମିଳାମିଶା ପ୍ରାୟତଃ ବନ୍ଦ ହୋଇଯାଇଥିଲା କହିଲେ ଚଳେ। ଏବେ କିନ୍ତୁ ସଂକ୍ରମଣ ମାତ୍ରା କମିବା ପରେ ଗାର୍ଗୀ ଭାଉଜଙ୍କ ଘର ପୁଣି ଚଳଚଞ୍ଚଳ ହୋଇଉଠିଛି। ଗୃହିଣୀମାନେ ତାଙ୍କ ବ୍ୟସ୍ତ ବହୁଳ ଜୀବନ ଭିତରୁ କିଛି ସମୟ ବାହାର କରି ପୁଣି ଖଟି ଜମେଇବା ଆରମ୍ଭ କରିଦେଇଛନ୍ତି। ମଜାଦାର ଖେଳ ଓ ଭରପୂର ମନୋରଞ୍ଜନର ଝଲକ୍ 'ଭାଉଜ ନମସ୍କାର'ର ଲକ୍‌ଡାଉନ୍ ପରବର୍ତ୍ତୀ ଆଧାୟ ଗୁଡ଼ିକରେ ଦେଖିବାକୁ ମିଳିବ। ଚଳିତ ମାସ ୩୧ ତାରିଖରୁ ପ୍ରତି ଶନିବାର ଓ ରବିବାର ରାତି ୯ ଟାରେ 'ମଞ୍ଜରୀ' ଚ୍ୟାନେଲ୍‌ରେ ଏହି କାର୍ଯ୍ୟକ୍ରମ ପ୍ରସାରିତ ହେବ। ଗାର୍ଗୀ ଭାଉଜଙ୍କ ସହ ଏଥିରେ ପ୍ରଭୁ ଓ ବେଙ୍ଗାଲୁରୁରୁ ଆସିଥିବା ନଣନ୍ଦ ମୁଦ୍ରାଙ୍କୁ ଦେଖିବାକୁ ମିଳିବ।

# କଲର୍ ଅଫ୍ ଦ ଉଇକ୍



ପ୍ରିୟଙ୍କା ଚୋପ୍ରା, ସମନ୍ଥା ଆକିନେନୀ ଓ ମିଥିଳା ପାଲକର; ସମସ୍ତଙ୍କ ପସନ୍ଦର ରଙ୍ଗ ହେଉଛି ହଳଦିଆ। ଏମାନେ ନିଜର ଷ୍ଟାର୍ କ୍ରେଜ୍ ଦେଖାଇବାକୁ ଯାଇ ପ୍ରତି ସପ୍ତାହରେ ଗୋଟିଏ ରଙ୍ଗକୁ ଆପଣାଉଛନ୍ତି। କେବଳ ସେତିକି ନୁହେଁ, ମନ କଥା ମନରେ ରହିଲେ ହୁଅନ୍ତା, ଏମାନେ ନିଜ ପସନ୍ଦର ରଙ୍ଗକୁ ପୋଷାକ ମାଧ୍ୟମରେ ଦର୍ଶାଉଛନ୍ତି। ହଳଦିଆ ରଙ୍ଗର ପୋଷାକ ପିନ୍ଧି ଏମାନେ ବି-ଟାଉନ୍‌ର ହଳଦୀ ପରୀ ଭାବେ ପ୍ରଦର୍ଶିତ କରିବା ସହ ଏହାକୁ ଋତୁକାଳୀନ ଟ୍ରେଣ୍ଡ ବୋଲି ଦାବି କରିଛନ୍ତି।

ହଳଦିଆ ରଙ୍ଗର କୁର୍ତ୍ତା ସାଙ୍ଗକୁ ହାତରେ ସୁନାର ବ୍ରେସଲେଟ୍ ଓ ଆଖିରେ କଳା ରଙ୍ଗର ସନଗ୍ଲାସ୍ ପନ୍ଧି ପ୍ରିୟଙ୍କା ଆମେରିକାନ୍ ସିଙ୍ଗର୍ ତଥା ସ୍ୱାମୀ ନିକ ଜୋନାସ୍‌ଙ୍କ ସହ ଷ୍ଟନିଙ୍ଗ୍ ପୋଜ୍ ଦେଇ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ସେଇ ଫଟୋକୁ ପୋଷ୍ଟ କରିଛନ୍ତି। ଦକ୍ଷିଣୀ ସିନେ ଇଣ୍ଡଷ୍ଟ୍ରିର ନାମକରା ଅଭିନେତ୍ରୀ ସମନ୍ଥା ଆକିନେନୀ ଯେ ମାୟା ଚେସେଭ, ନିଥାନେ ଏନେ ପୋନଭାସନ୍ଥମ୍, ଡୋକୁଡୁ, ସୁପର ଡିଲକ୍ସ, ମାଜିଲୀ, ଓ ବେବି, ଜାନୁ ପରି ଚଳଚ୍ଚିତ୍ରର ନାୟିକା ସାଜି ଚର୍ଚ୍ଚିତ ହେଇଛନ୍ତି।

ସେମିତି ମ୍ହାଇ ଝିଅ ମିଥିଳା ପାଲକର ଟିଭି ସିରିଜ୍ 'ଗାର୍ଲ ଇନ ଦ ସିଟି' ଏବଂ ନେଟ୍‌ଫ୍ଲିକ୍ସରେ ପ୍ରସାରିତ 'ଲିଟିଲ ଥିଙ୍ଗସ'ରେ ଅଭିନୟ କରି ଦଶର୍କଙ୍କ ନଜରକୁ ଆସିଛନ୍ତି। ୨୦୧୪ରେ ମରାଠୀ ସିନେମା 'ମାଜା ହନିମୁନ' ଏବଂ ୨୦୧୬ରେ 'କପ୍ ସଙ୍ଗ୍'ର ନାୟିକା ସାଜି ସେ ଚର୍ଚ୍ଚିତ ହେଇଥିଲେ। ୨୦୧୮ରେ ହିନ୍ଦୀ ଫିଲ୍ମ 'କାରୱାଁ'ର ନାୟିକା ସାଜି ସେ ମଧ୍ୟ ଚର୍ଚ୍ଚାକୁ ଆସିଥିଲେ।

# ମଲାଇକା ଓ କରୀନାଙ୍କ ସହ ଲକ୍ ହେବାକୁ ଚାହୁଁଛନ୍ତି କରଣ!

ଫିଲ୍ମ ନିର୍ମାତା କରଣ ଜୋହର। ସେ ଅଭିନେତ୍ରୀ କରୀନା କପୁର ଏବଂ ମଲାଇକା ଅରୋଡାଙ୍କ ସହ ଗୋଟେ ଘରେ ଲକ୍ ହେବାକୁ ଚାହୁଁଛନ୍ତି। ଏକଥା ଆମେ କହୁନି, ସେ ଖୋଦ୍ କରିଛନ୍ତି। ଏହି ଦୁଇ ଜଣ ଅଭିନେତ୍ରୀଙ୍କ ସହ ଗୋଟିଏ ଘରେ ରହିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି କରଣ।

ଖୁବ୍‌ଶୀଘ୍ର ଓଟିଟି ପ୍ଲାଟଫର୍ମରେ ଷ୍ଟ୍ରିମିଂ ହେବ ବିଗ୍ ବସ୍ ସିଜିନ୍ ୧୫। ଚଳିତ ସିଜିନ୍‌କୁ ହୋଷ୍ଟ କରିବେ କରଣ ଜୋହର। ତେବେ ଏହା ପୂର୍ବରୁ ହିଁ ସେ ବିଗ୍ ବସ୍ ଘରେ ରହିବେନି ବୋଲି ସଫା ସଫା ମନା କରିଦେଇଛନ୍ତି। ସେ ନିଜ ଦୁଇ ଛୁଆ ୟଶ୍ ଏବଂ ରୁହିଙ୍କୁ ଛାଡି ରହିପାରିବେ ନାହିଁ ବୋଲି କହିଛନ୍ତି। କେବଳ ସେତିକି ନୁହେଁ ଫୋନରେ ତାଙ୍କର ଜୀବନ ରହିଛି। ସେ ତାଙ୍କ ଫୋନ୍ ବିନା ରହିପାରିବେ ନାହିଁ ବୋଲି କରଣ କହିଛନ୍ତି।

ଏହାପରେ କରଣଙ୍କୁ ପ୍ରଶ୍ନ କରାଯାଇଥିଲା, ଯଦି ତୁମକୁ ତୁମ ଫେଭରେଟ୍ ଷ୍ଟାରଙ୍କ ସହ ବିଗ୍ ବସ୍ ଘରେ ରହିବାକୁ କୁହାଯାଏ ତେବେ ରହିବେ କି ? ଏହାର ଉତ୍ତର କରଣ କହିଥିଲେ, ଯଦି ଏହି ଶୋକୁ କରୀନା କପୁର ଏବଂ ମଲାଇକା ଅରୋଡାଙ୍କ ସହ ଆସିବାକୁ ପଡେ ତେବେ ତାଙ୍କୁ କିଛି ଅସୁବିଧା ହେବ ନାହିଁ । ଏ ଦୁଇ ଜଣଙ୍କ ସହ ଗୋଟେ ଘରେ ରହିବା ବେଶ୍ ମଜାଦାର ହେବ। କରୀନା ଏବଂ ମଲାଇକା ଥିଲେ ତାଙ୍କୁ ଫୋନ୍‌ର ବି ଆବଶ୍ୟକ ପଡିବ ନାହିଁ ବୋଲି କରଣ କହିଛନ୍ତି।

କରୀନା, ମଲାଇକା ଏବଂ ଫିଲ୍ମ ମେକର କରଣ ଜୋହର, ଏ ତିନି ଜଣ ଭଲ ବନ୍ଧୁ। ପାର୍ଟି ହେଉ କିମ୍ବା କୌଣସି ଫଙ୍କସନ୍ ସବୁ ସ୍ଥାନରେ ଏ ତିନି ଜଣଙ୍କୁ ପ୍ରାୟତଃ ଏକାଠି ଦେଖିବାକୁ ମିଳେ।



# ପୁଣି ବାହାରିଲେ ଆଉ ଜଣେ ଐଶ୍ୱର୍ଯ୍ୟା!

ସାମ୍ନାକୁ ଆସିଲେ ଆଉ ଜଣେ ଐଶ୍ୱର୍ଯ୍ୟା। ହସ, ଠାଣି, ଆଉ ତାଙ୍କ ଆଖି ପୁରାପୁରି ନୀଳ ନୟନା ଐଶ୍ୱର୍ଯ୍ୟାଙ୍କ ଭଳି। କେବଳ ସେତିକି ନୁହେଁ ଆକ୍ଟିଂରେ ବି ସେ ମାହିର। ସାମ୍ନାକୁ ଆସିଛନ୍ତି ବଲିଉଡ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଆଉ ଜଣେ ଡୁପ୍ଲିକେଟ୍। ଐଶ୍ୱର୍ଯ୍ୟାଙ୍କ ଭଳି ଦେଖାଯାଉଥିବା ଏହି ସୁନ୍ଦରୀ ଜଣକ ହେଲେ ଅସିତା ସିଂ ରାଠୋର। ଅସିତା ପାଖାପାଖି ଐଶ୍ୱର୍ଯ୍ୟାଙ୍କ ଭଳି ଦେଖାଯାଆନ୍ତି। ଏଥିପାଇଁ ସେ ସୋଶାଲ ମିଡିଆରେ ଏବେ ବେଶ୍ ପପୁଲାର। ସେ ପ୍ରାୟତଃ ନିଜ ଭିଡିଓ ଏବଂ ଫଟୋ ଇନ୍‌ଷ୍ଟାଗ୍ରାମରେ ସେଆର କରନ୍ତି। ଏହି ଭିଡିଓରେ ସେ ଅଧିକାଂଶ ଫିଲ୍ମର ଗୀତ ଏବଂ ଡାଏଲଗର ଲିପ-ସିଙ୍କ କରୁଥିବା ଦେଖିବାକୁ ମିଳେ। କେବଳ ସେତିକି ନୁହେଁ ତାଙ୍କର ଢ଼େର ଫଲୋଅର୍ସ ମଧ୍ୟ ଅଛନ୍ତି। ଏହା ବ୍ୟତୀତ ଅସିତା ପ୍ରାୟତଃ ସଲମାନଙ୍କ ଭଳି ଦେଖାଯାଉଥିବା ବିକ୍ରମ ସିଂହ ରାଜପୁତଙ୍କ ସହ ରିଲ୍ ଭିଡିଓ ମଧ୍ୟ ତିଆରି କରନ୍ତି। ନିକଟରେ ସେ ସଲମାନଙ୍କ ସୁପରହିଟ୍ ଫିଲ୍ମ 'ମେନେ ପ୍ୟାର କିୟା'ର ଗୀତ 'ଆଜା ସାମ୍ ହୋନେ ଆଇ'ରେ ରିଲି ଭିଡିଓ ତିଆରି କରିଥିଲେ। ଏହି ଭିଡିଓଟି ବେଶ୍ ଭାଇରାଲ ହୋଇଥିଲା। ଏହାକୁ ସଲମାନ ଏବଂ ଐଶ୍ୱର୍ଯ୍ୟାଙ୍କ ପ୍ରଶଂସକମାନେ ମଧ୍ୟ ପସନ୍ଦ କରିଥିଲେ। ସୂଚନା ମୁତାବକ ଅସିତାଙ୍କ ପୂର୍ବରୁ ମଧ୍ୟ ୟୁଏଏସ୍‌ରେ ରହୁଥିବା ପାକିସ୍ତାନୀ ଝିଅ ଆମନା ଇମରାନ୍, ମାନସି ନାୟକ, ମାହଲାଘା ଝାବେରୀ ଏବଂ ଅମୁଜ ଅମୃତା ଭଳି କେତେକ ଯୁବତୀ ଐଶ୍ୱର୍ଯ୍ୟାଙ୍କ ଡପ୍ଲୁକେଟ୍ ହୋଇଥିବା ଯୋଗୁଁ ପପୁଲାର ହୋଇସାରିଛନ୍ତି। ଅସିତା ମଧ୍ୟ ଏବେ ଏହି ତାଲିକାରେ ସାମିଲ ହୋଇଛନ୍ତି। ସେ ମଧ୍ୟ ଧୀରେ ଧୀରେ ପପୁଲାର ହେବାକୁ ଲାଗିଲେଣି। ସୋଶାଲ ମିଡିଆରେ ତାଙ୍କର ୨୩ ହଜାରରୁ ଅଧିକ ଫଲୋଅର୍ସ ହୋଇ ସାରିଲେଣି।



# ସ୍ୱାମୀଙ୍କ ପାଇଁ ଘାଟାରେ ପଡିଲେ ଶିଳ୍ପା



ଚାରିଆଡୁ ଆଲୋଚନା। ଅପମାନ ଓ ଟାହି ଟାପରା। ସୋଶାଲ ମିଡିଆରେ ବି ଜୋରଦାର ଟ୍ରୋଲିଂ ପରେ ଏବେ କୋଟି କୋଟି ଟଙ୍କାର କ୍ଷତି। ଅଶ୍ଳୀଳ ଫିଲ୍ମ ମାମଲାରେ ସ୍ୱାମୀ ରାଜ କୁନ୍ଦ୍ରା ଗିରଫ ହେବା ପରେ ଘାଟାରେ ପଡିଛନ୍ତି ଅଭିନେତ୍ରୀ ଶିଳ୍ପା। ତାଙ୍କୁ ରାଜଙ୍କ ପାଇଁ ସହିବାକୁ ପଡିଛି କୋଟି କୋଟି ଟଙ୍କାର କ୍ଷତି। ରାଜ କୁନ୍ଦ୍ରା ଗିରଫ ପରେ ଶିଳ୍ପା ସେଟି ଲୋକପ୍ରିୟ ଟିଭି ରିଆଲିଟି ଶୋ' ସୁପର ଡ୍ୟାନ୍ସର-୪ରୁ ଗାଏବ୍ ହୋଇଯାଇଛନ୍ତି। ଶିଳ୍ପା ଗତ ୩ ସିଜନ ଧରି ଏହି ଶୋ'କୁ ଗୀତା କପୁର ଏବଂ ଅନୁରାଗ ବାସୁଙ୍କ ସହ ଜଜ୍ କରୁଥିଲେ। ଚଳିତ ବର୍ଷ ମଧ୍ୟ ସେ ଜଜ୍ ସିଟ୍‌ରେ ବସିଥିଲେ। କିନ୍ତୁ ସ୍ୱାମୀଙ୍କ ଗିରଫଦାରୀ ପାରେ ତାଙ୍କ ହାତରୁ ଏହି ଶୋ' ଏବେ ଚାଲି ଯାଇଛି। ଏଥିସହ ତାଙ୍କର ୨ କୋଟି ଟଙ୍କାର କ୍ଷତି ମଧ୍ୟ ହୋଇଛି। ଏହି ଶୋ'କୁ ଜଜ୍ କରିବା ପାଇଁ ଶିଳ୍ପାଙ୍କୁ ପ୍ରତି ଏପିସୋଡ ପିଛା ୧୮ରୁ ୨୦ ଲକ୍ଷ ଟଙ୍କା ଯାଏଁ ଫିସ୍ ମିଳୁଥିଲା। ପ୍ରତି ସପ୍ତାହରେ ଏହି ଶୋ'ର ଦୁଇଟି ଏପିସୋଡ ପ୍ରସାରିତ ହେଉଛି, କିନ୍ତୁ ଗତ ଚାରି ଏପିସୋଡ ଧରି ଶିଳ୍ପାଙ୍କୁ ଏହି ଶୋ'ର ସେଟ୍‌ରେ ଆଉ ଦେଖିବାକୁ ମିଳୁନାହିଁ। ତାଙ୍କ ସ୍ଥାନରେ ମେକର୍ସ ଅନ୍ୟ ଗେଷ୍ଟମାନଙ୍କୁ ଆମନ୍ତ୍ରଣ କରୁଛନ୍ତି। ଶିଳ୍ପା ଏହି ଶୋରୁ ଗାଏବ୍ ହେବା ପରେ ତାଙ୍କୁ କୁଆଡେ ଆଉଟ୍ କରାଯାଇଥିବା ନେଇ ଚର୍ଚ୍ଚା ହେଉଛି। ସେପଟେ କିନ୍ତୁ ଚ୍ୟାନେଲ ପକ୍ଷରୁ ଏନେଇ କୌଣସି ସୂଚନା ମିଳିନାହିଁ। ସୂଚନା ଯୋଗ୍ୟ, ଗତ ୧୯ ଜୁଲାଇରେ ମୁମ୍ବାଇ କ୍ରାଇମ ବ୍ରାଂଚ ପୁଲିସ ଅଶ୍ଳୀଳ ଫିଲ୍ମ ତିଆରି କରିବା ଅଭିଯୋଗରେ ରାଜ କୁନ୍ଦ୍ରାଙ୍କୁ ଗିରଫ କରିଥିଲା। ରାଜଙ୍କ ବିରୋଧରେ ତାଙ୍କ ପାଖରେ ପର୍ଯ୍ୟାପ୍ତ ପ୍ରମାଣ ଥିବା ପୁଲିସ କହିଛି। ସେପଟେ ଏହି ମାମଲାକୁ ନେଇ ଶିଳ୍ପାଙ୍କ କ'ଣ ଭୂମିକା ରହିଛି ସେ ନେଇ ମଧ୍ୟ ପୁଲିସ ଯାଂଚ କରୁଛି।

## ପୁଣି ଚର୍ଚ୍ଚାରେ କିଆରା ଆଡ୍‌ଭାନୀ

ପୁଣି ଚର୍ଚ୍ଚାରେ କିଆରା ଆଡ୍‌ଭାନୀ। ସେ ଦକ୍ଷିଣୀ ସିନେ ଇଣ୍ଡଷ୍ଟ୍ରିର ପ୍ରଯୋଜକ ଦିଲ୍ ରାଜୁ ଏବଂ ରାମଚରଣଙ୍କ ସହ ଚୁକ୍ତି କରିଛନ୍ତି। ପ୍ୟାନ୍ ଇଣ୍ଡିଆ ଫିଲ୍ମ କ୍ରମରେ 'ଆରସି-୧୫'ରେ କିଆରା ପ୍ରମୁଖ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। କିଆରା କହିଛନ୍ତି ଜନ୍ମଦିନ ଅବସରରେ ଏହା ମୋ ପାଇଁ ଅବିସ୍ମରଣୀୟ ଉପହାର। ମୁଁ ରାମଚରଣଙ୍କ ଭଳି ନିର୍ଦ୍ଦେଶକଙ୍କ ଫିଲ୍ମରେ ସୁଯୋଗ ପାଇଥିବାରୁ ନିଜକୁ କୃତଜ୍ଞ ମନେ କରୁଛି। ଆଗକୁ ଆସୁଛି କିଆରାଙ୍କ ଅଭିନୀତ ତେଲୁଗୁ, ତାମିଲ ଓ ହିନ୍ଦୀ; ତିନିଟି ଭାଷାର ଚଳଚ୍ଚିତ୍ର 'ଆରସି-୧୫'। ଏଇ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଏସ୍. ଶଙ୍କର। ଏହାର ପ୍ରଯୋଜନା କରିଛନ୍ତି ଦିଲ୍ ରାଜୁ ଓ ଶିରୀଶ ଗାରୁ। ୨୦୧୪ରେ 'ଫଗ୍‌ଲୀ ଦେବୀ' ଫିଲ୍ମରେ ପ୍ରଥମ କରି ପ୍ରବେଶ କରିଥିବା କିଆରା ହିନ୍ଦୀ ଚଳଚ୍ଚିତ୍ର 'ଏମ୍.ଏସ୍. ଧୋନୀ: ଦ ଅନ୍‌ଟୋଲ୍ଡ ଷ୍ଟୋରି'ରେ ଦର୍ଶକାଦୃତି ଲାଭ କରିଥିଲେ। ପରେ ମେସିନ୍, ଲଷ୍ଟ ଷ୍ଟୋରିଜ୍, କବୀର ସିଂହ, ଗୁଡ୍ ନ୍ୟୁଜ୍, ଗିଲ୍ଟି, ଲକ୍ଷ୍ମୀ, ଇନ୍ଦୁ କୀ ଯୱାନୀ, ଶେରଶାହ, ଭୁଲ ଭୁଲେୟା-୨, ଯୁଗ ଯୁଗ ଜିଓ, ମିଷ୍ଟର ଲେଲେ ଆଦିରେ ଦେଖିବାକୁ ମିଳିଛନ୍ତି।

# ବିକ୍ରମ ଚରିତ୍ରରେ ସିଦ୍ଧାର୍ଥ



'ଶେରଶାହ' ଚଳଚ୍ଚିତ୍ରର ଟ୍ରେଲରକୁ ଶେୟାର କରି ଏହା ତଳେ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ଲେଖିଛନ୍ତି, କ୍ୟାପ୍‌ଟେନ୍ ବିକ୍ରମ ବାତ୍ରା କାରଗିଲ୍ ଯୁଦ୍ଧରେ ଲଢ଼େଇ କରୁଥିବା ବେଳେ ମଧ୍ୟ ସେଠାକାର ସୂଚନା ଦେଉଥିଲେ। ଯୁଦ୍ଧକ୍ଷେତ୍ରରେ ତାଙ୍କ ପ୍ରାଣହାନି ହେଇଥିଲା। ସିଦ୍ଧାର୍ଥ ଆହୁରି ମଧ୍ୟ କହିଛନ୍ତି, ତାଙ୍କର ସୌଭାଗ୍ୟ ଯେ ସେ ସହିଦ ବିକ୍ରମ ବାତ୍ରାଙ୍କ ଭୂମିକାରେ କେବଳ ଅଭିନୟ କରିଛନ୍ତି। 'ଶେରଶାହ' ବ୍ୟତୀତ ଆଗକୁ ନୂଆ ଚଳଚ୍ଚିତ୍ର 'ଥ୍ୟାଙ୍କ୍ ଗଡ' ଓ 'ମିସନ୍ ମଞ୍ଜୁ' ପରି ଚଳଚ୍ଚିତ୍ରରେ ମଧ୍ୟ ସେ ପ୍ରମୁଖ ଭୂମିକାରେ ସିଦ୍ଧାର୍ଥ ଦେଖିବାକୁ ମିଳିବେ।

# ଟାଟା ପାୱାର ସହ ମିଶି ଲୋକଙ୍କୁ ଲୁଟୁଛନ୍ତି ସରକାର: କଂଗ୍ରେସ

ଭୁବନେଶ୍ୱର,୫/୮ (ନି.ପ୍ର): ଟାଟା ପାୱାର କମ୍ପାନୀର ବହୁବିଧ ଶୋଷଣ ଓ ଦାଦାଗିରି ପଛରେ ସରକାରଙ୍କ ପ୍ରଚ୍ଛନ୍ନ ସଂପୃକ୍ତି ଓ ସମର୍ଥନ ରହିଛି ବୋଲି ଆଜି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। କରୋନା କାଳରେ ଲକ୍‌ଡାଉନ ଯୋଗୁଁ ଲୋକେ ଘରେ ବନ୍ଦ ହୋଇରହିଥିବା ବେଳେ ସରକାର ଟାଟାପାୱାର କମ୍ପାନୀ ହାତକୁ ବିଦ୍ୟୁତ ସରବରାହ ଓ ବଂଟନ ବ୍ୟବସ୍ଥାକୁ ଟେକିଦେଲେ। ଗୋଟିଏ ଆର୍ଥିକ ବର୍ଷରେ ମାତ୍ର ଥରେ ବିଦ୍ୟୁତ ଶୁଳ୍କ ବୃଦ୍ଧି ପାଇପାରିବାର ବ୍ୟବସ୍ଥା ଥିବାବେଳେ କେବଳ ଟାଟାପାୱାରକୁ ହିଁ ଫାଇଦା ଦେବାକୁ ଦୁଇଦୁଇଥର କରି ୮୦ ପଇସା ବୃଦ୍ଧି କରିଦିଆଗଲା। ୫୧ ପ୍ରତିଶତ ଅଂଶଧନର ମାଲିକ ଟାଟାପାୱାର ଏବେ ନିଜକୁ ସର୍ବଶକ୍ତିମାନ ମନେକରୁଛି ଏବଂ ଗ୍ରାହକଙ୍କୁ ମନଇଚ୍ଛା ଶୋଷଣ କରୁଛି ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଅମିୟ ପାଣ୍ଡବ ଅଭିଯୋଗ କରିଛନ୍ତି। ୨୭ଲକ୍ଷ ଗ୍ରାହକଙ୍କ ଠାରୁ ଏହି ଅସତ୍ ଉପାୟରେ କୋଟି କୋଟି ଟଙ୍କା ଲୁଟ କରାଯାଉଛି ବୋଲି ସେ ଏ ସଂକ୍ରାନ୍ତୀୟ ତଥ୍ୟ ପ୍ରମାଣ ମଧ୍ୟ ଉପସ୍ଥାପନ କରିଥିଲେ। ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓ.ଇ.ଆର.ସି) ଏଥି ନେଇ ନୀରବଦ୍ରଷ୍ଟା ଓ ମୁକସାକ୍ଷୀ ସାଜିବା ପଛରେ ଓଡ଼ିଶା ସରକାରଙ୍କର ବଡ଼ ବଡ଼ ଅଫିସର ଓ ରାଜନେତାଙ୍କ ସଂପୃକ୍ତି ସ୍ପଷ୍ଟ ପ୍ରମାଣିତ ହୋଇଛି ବୋଲି ସେ କହିଛନ୍ତି। ବିନା ସୂଚନାରେ ଘଂଟା ଘଂଟା ବିଦ୍ୟୁତ କାଟିବା, ଅଭିଯୋଗ ପ୍ରତି ଆଦୌ ଗୁରୁତ୍ୱ ନଦେବା ସହିତ ଉପଭୋକ୍ତା ମାନଙ୍କୁ କଥା କଥାରେ ଧମକ ଦେବା ମନଇଚ୍ଛା ବିଦ୍ୟୁତ ସଂଯୋଗ କାଟିଦେବା ଟାଟାପାୱାରର ଦାଦାଗିରିର ନମୂନା। ଅନଲାଇନରେ ପାଠପଢ଼ିବାକୁ ସରକାର କହୁଥିବା ବେଳେ ତାଙ୍କ ପିଲାମାନେ ବିନା ବିଦ୍ୟୁତରେ ଅନ୍ଧାରରେ ପାଠ ପଢ଼ିପାରୁନାହାଁନ୍ତି। ଅନ୍ୟତମ ପ୍ରବକ୍ତା ରଜନୀ କୁମାର ମହାନ୍ତି ବିଦ୍ୟୁତ ସରବରାହ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ କ୍ଷତିର ବିବରଣୀ ପ୍ରଦାନ କରିଥିଲେ। ଦିଲ୍ଲୀରେ ଏହି କ୍ଷତିର ପରିମାଣ ମାତ୍ର ୧୯.୨୫ ଥିବା ବେଳେ ଓଡ଼ିଶା କ୍ଷେତ୍ରରେ ଏହା ୨୮.୨୪% କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। କେନ୍ଦ୍ରସରକାରଙ୍କ ଉଦୟ ଯୋଜନାରେ ଏହି କ୍ଷତିକୁ ୧୫% ଯାଏ ହ୍ରାସ କରିବାକୁ ନିର୍ଦ୍ଧାରିତ ହୋଇଥିଲା ବେଳେ ଓଡ଼ିଶା ସରକାରଙ୍କୁ ଏହି ଲକ୍ଷସ୍ଥଳରେ ପଂହଚିବାକୁ ଆଉ କେତେବର୍ଷ ଲାଗିବ ବୋଲି ସେ କହିଥିଲେ ଏବଂ ଏଥିଯୋଗୁଁ କେନ୍ଦ୍ରୀୟ ଆର୍ଥିକ ଅନୁଦାନ ଓ ପ୍ରୋତ୍ସାହନ ରାଶି ବାବଦରେ ରାଜ୍ୟ ଯେଉଁ ସହାୟତାରୁ ବଂଚିତ ହେବ ସେଥିପାଇଁ ରାଜ୍ୟ ସରକାର ଦାୟି ରହିବେ ବୋଲି ସେ ଚେତାବନୀ ଦେଇଥିଲେ।

# ତିନି ଦିବସୀୟ ଯୁବ ରେଡକ୍ରସ୍ କାଉନସେଲର ମାନଙ୍କ ରିଫ୍ରେସର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର,୫/୮ (ନି.ପ୍ର): ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡିଶା ରାଜ୍ୟ ଶାଖ ପକ୍ଷରୁ ଆୟୋଜିତ ତିନି ଦିବସୀୟ ଯୁବ ରେଡକ୍ରସ୍ ପରାମର୍ଶ ଦାତା ମାନଙ୍କ ପୁନଃପ୍ରଶିକ୍ଷଣ (ରିଫ୍ରେସର) କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଅଛି। ଏହି ତାଲିମ କାର୍ଯ୍ୟକ୍ରମର ମାଧ୍ୟମରେ ଯୁବ ରେଡକ୍ରସ୍‌ର ପ୍ରମୁଖ କାର୍ଯ୍ୟକ୍ରମ ଗୁଡିକୁ ବଳବତର ଓ କାର୍ଯ୍ୟକ୍ଷମ କରିବା ସହିତ ତାଲିମପ୍ରାପ୍ତ ଯୁବ ରେଡ଼କ୍ରସ କାଉନସେଲର ମାନେ ଯୁବ ରେଡ଼କ୍ରସ୍ ସ୍ୱେଚ୍ଛାସେବୀ ମାନଙ୍କୁ ଉପଯୁକ୍ତ ଦିଗଦର୍ଶନ ଦେଇପାରିବେ। ତତ୍‌ସହିତ ସେମାନଙ୍କର ସାମାଜିକ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଦିଗରେ ସହାୟକ ହୋଇପାରିବେ।

ଉକ୍ତ ପ୍ରଶିକ୍ଷଣଶିବିରର ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ରେଡକ୍ରସ୍, ଓଡିଶା ଶାଖାର କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରେଡ଼କ୍ରସ୍‌ର ଇତିହାସ, ମୌଳିକ ନୀତି, ରେଡ଼କ୍ରସ୍‌ର ଚିହ୍ନ ଏବଂ ଏହାର ବ୍ୟବହାର, ଏଡ଼ସ୍ ସଚେତନତା ଓ ରେଡ ରିବନ କ୍ଲବର କାର୍ଯ୍ୟକ୍ରମ, ବିପର୍ଯ୍ୟୟ ପରିଚାଳନାରେ ମନୋସ୍ତାତ୍ୱିକ ଯତ୍ନ, ସ୍ୱେଚ୍ଛାକୃତ ରକ୍ତଦାନ, ବିପର୍ଯ୍ୟୟ ପରିଚାଳନା, ପ୍ରାଥମିକ ଚିକିତ୍ସା ଆଦି ବିଷୟରେ ବିଭିନ୍ନ ଦକ୍ଷ ବ୍ୟକ୍ତିମାନେ ଆସି ପ୍ରଶିକ୍ଷଣ ଦେଇଥିଲେ।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ରାଜ୍ୟ ନୋଡାଲ ଅଫିସର ତଥା ଉପସଚିବ ଡ. ରମେଶ ଚନ୍ଦ୍ର ବେହେରା, ଯୋଗ ଦେଇ ନିଜର ଉତ୍ସାହ ଜନକ ଶବ୍ଦରେ ସମର୍ପିତ ଶିକ୍ଷକମାନଙ୍କୁ ଉପଯୁକ୍ତ ସେବକ ଭାବରେ ଅଭିହିତ କରିଥିଲେ। ଯୁବ ରେଡର୍କସ କାର୍ଯଧାରା ମାଧ୍ୟମରେ ପରାମର୍ଶଦାତାମାନେ ଯୁବଗୋଷ୍ଠିଙ୍କ ବ୍ୟକ୍ତିତ୍ୱ ନିର୍ମାଣ ସହିତ ରାଷ୍ଟ୍ର ପ୍ରଗତିରେ ସହାୟକ ହେବା ନିମନ୍ତେ ଆହ୍ୱାନ ଦେବା ସହିତ ସେମାନଙ୍କୁ ରାଷ୍ଟ୍ରଗଠନର ଆଧାର ଭାବରେ ଅଭିହିତ କରିଥିଲେ।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କାଉନସେଲର ଦିଲ୍ଲିପ କୁମାର ଭୋଇ, ଓ ସସ୍ମିତା ପଟ୍ଟନାୟକ ନିଜସ୍ୱ ଅନୁଭୁତି ପ୍ରଦାନ କରିଥିଲେ ଏବଂ ଅତିଥି ମାନଙ୍କ ଦ୍ୱାରା କାଉନସେଲର ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ସୁସାହିତ୍ୟିକା ନନ୍ଦିନୀଙ୍କ ୧୫ତମ ଶ୍ରାଦ୍ଧବାର୍ଷିକ ଓ ସ୍ମୃତିଚାରଣ ସଭା

ଭୁବନେଶ୍ୱର,୫/୮ (ନି.ପ୍ର): ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଆନୁକୂଲ୍ୟରେ ଉତ୍କଳ ନନ୍ଦିନୀ, ଚିର ବିପ୍ଳବିନୀ, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ, ସୁସାହିତ୍ୟିକା, ସଙ୍ଗଠକ ତଥା ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରିଣୀ ନନ୍ଦିନୀ ଶତପଥୀଙ୍କ ୧୫ତମ ଶ୍ରାଦ୍ଧବାର୍ଷିକ ଓ ସ୍ମୃତିଚାରଣ ସଭା ସ୍ଥାନୀୟ ପ୍ରତିମୂର୍ତ୍ତି ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ଅଧ୍ୟକ୍ଷ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପ୍ରଦ୍ୟୁମ୍ନ ଶତପଥୀ ବରେଣ୍ୟ ଅତିଥି ଭାବେ, ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ, ସରକାରଙ୍କ ସଂସ୍କୃତି ଅନୁସଚିବ ତଥା ପୂଜ୍ୟପୂଜା ପ୍ରାଣ ଲକ୍ଷ୍ମୀଧର ବେହେରା ଉପସ୍ଥିତ ରହି ମାଲ୍ୟାର୍ପଣ କରିବା ସହିତ ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ଶତପଥୀ ମତବ୍ୟକ୍ତ କରିଥିଲେ ଯେ, ଆଜି ହେଉଛି ଓଡ଼ିଶା ସାମ୍ବାଦିକତା ଦିବସ ସହିତ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଜନ୍ମଦିବସ। ଶ୍ରୀମତୀ ଶତପଥୀ କେନ୍ଦ୍ର ତଥା ରାଜ୍ୟ ସରକାରରେ ଥାଇ ବିଭିନ୍ନ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟ କରିବା ସହିତ ଓଡ଼ିଆ ସାହିତ୍ୟକୁ ବହୁ ଆଗକୁ ନେଇଥିଲେ। ମୁଖ୍ୟମନ୍ତ୍ରୀତ୍ୱ କାଳରେ ଭୁସଂସ୍କାର ଆଇନକୁ କାର୍ଯ୍ୟକାରୀ କରିବା, ଯୌତୁକ ବିରୋଧରେ ଅଭିଯାନ ଆରମ୍ଭ କରି ଯୌତୁକ ନିରୋଧ ଆଇନ ପ୍ରଣୟନ କରିବା, ହରିଜନ ଓ ଆଦିବାସୀମାନଙ୍କ ପାଇଁ କଳିଙ୍ଗ କୁଟୀର ଯୋଜନା କରାଇବା ପ୍ରମୁଖ ଅବଦାନ ତାଙ୍କର ଥିଲା। ସମସ୍ତ ମହିଳାମାନଙ୍କ ସର୍ବକାଳୀନ ଆଦର୍ଶ ଭାବେ ସେ ପ୍ରେରଣାର ସ୍ରୋତ ପାଲଟିଛନ୍ତି। ଏହି ଅବସରରେ ସଂଗଠନର ସମର୍ପିତ ସଦସ୍ୟ, ପାଲା ସଂସ୍କୃତିର ମହାନ୍ ସାଧକ, ଗାୟକ ଆହ୍ଲାଦ ସୁରେନ୍ଦ୍ର ଛୋଟରାୟଙ୍କୁ ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂଗଠନର ବରିଷ୍ଠ ସଦସ୍ୟ ପ୍ରାକ୍ତନ ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଡଃ ଅସିତ୍ ଦାସ, ସୀତାଂଶୁ ଶେଖର ମହାରଣା, ରୋହିତ କୁମାର, ସମିତା ମହାରଣା, ମହେନ୍ଦ୍ର ହରିଚନ୍ଦନ, ନାରାୟଣ ଖୁଂଟିଆ, ଡଃ ଜୟଶ୍ରୀ ଧଳ, ସନ୍ତୋଷ କୁମାର ବେହେରା, ରାଜା ପ୍ରମୁଖ ସ୍ମୃତିଚାରଣ ସଭାରେ ଉପସ୍ଥିତ ରହିଥିଲେ। ଅଭିଯାନର ସଂଯୋଜକ ନାରାୟଣ ଓଝା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମ ସ ାଳନ କରିଥିଲେ ଯୁବ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ।

# ଅନୁସୂଚିତ ଜନଜାତି ମୋର୍ଚ୍ଚାର ୫ ଉପସଭାପତି, ୨ ସାଧାରଣ ସଂପାଦକ, ୬ ସଂପାଦକଙ୍କ ତାଲିକା ଘୋଷଣା

ଭୁବନେଶ୍ୱର,୫/୮ (ନି.ପ୍ର): ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଆଜି ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ନାମ ତାଲିକା ଘୋଷଣା କରିଛନ୍ତି। ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଜ୍ୟ ଉପସଭାପତି ଭାବେ ବିଧାୟିକା କୁସୁମ ଟେଟେ, ରାମଚନ୍ଦ୍ର ହାସଂଦା, ବିଜୟ ଦିଶାରୀ, ମମିତା ନାୟକ, ବିହାରୀ ମାଝୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ସାଧାରଣ ସଂପାଦକ ଭାବେ ଗୋବର୍ଦ୍ଧନ ଭୋଏ ଓ କୌଳାସ ନାୟକ; ରାଜ୍ୟ ସଂପାଦକ ଭାବେ ବିଦ୍ୟାଧର ଶବର, ଜଳନ୍ଧର ନାୟକ, ବସନ୍ତ ପ୍ରଧାନ, ଅନନ୍ତ ଟୁଡୁ, ସିଦ୍ଧାର୍ଥ ସିଂହ, ବିରେନ୍ଦ୍ର ପୂଜାରୀ; କୋଷାଧ୍ୟକ୍ଷ ଭାବେ ବିନୋଦ ହେମ୍ବ୍ରମଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି। ଅନୁସୂଚିତ ଜନଜାତି ମୋର୍ଚ୍ଚାର ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ ବରିଷ୍ଠ ନେତା ତଥା ସାଂସଦ ଜୁଏଲ ଓରାମ, କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ, ବିଧାୟକ ଭାସ୍କର ମଢେଇ, ପୂର୍ବତନ ସାଂସଦ ବଳଭଦ୍ର ମାଝୀ ଓ ପର୍ଶୁରାମ ମାଝୀ, ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସଂପାଦକ କାଳିରାମ ମାଝୀ, ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଖାମ ସିଂହ ମାଝୀ, ବିଧାୟକ ଶଙ୍କର ଓରାମ, ନବ ଚରଣ ମାଝୀ, ଡ. ବୁଦ୍ଧାନ ମୁର୍ମୁ, ଭବାନୀ ଭୋଇ, ଇ. ଗଣେଶ ରାମ ସିଂହ ଖୁଂଟିଆ, ଆଦିତ୍ୟ ମାଢୀ, ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ପୂର୍ଣ୍ଣିମା କେରକେଟା, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ୍, କରେନ୍ଦ୍ର ମାଝୀ, ପଦ୍ମଚରଣ ହାଇବ୍ରୁ, ଭବାନୀ ଶଙ୍କର ନାୟକ ଓ ଧନୁର୍ଜୟ ସିଦ୍ଧୁଙ୍କୁ ମନୋନୀତ କରାଯାଇଛି। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦିଲୀପ ନାଏକ, କ୍ଷେତ୍ରମୋହନ ସିଂହ, ନିକଲାସ ଟୋପୋ, ମନୋଜ ବାର୍ଲା, ନରସିଂହ ମିଂଜ, ସରୋଜ ସବର, ସରୋଜ ମାଝୀ, ଅଜୟ ସବର, ଅଜିତ ରାୟ, ଜଗନ୍ନାଥ ଛତ୍ରିଆ, ପୁରନ୍ଦର ସିଂହ, ସିନଦ୍ଧାର୍ଥ ସିଂହ, ଦଶମତି ଛତର, ମରେନଧଂଜ ନାୟକ, ଧନପତି ନାୟକ, ଧୀରବନ୍ଧୁ ମୁର୍ମୁ, ଡ. ପ୍ରିୟଙ୍କା ମାରାଣ୍ଡି, ହେମାନନ୍ଦ ମାଝୀ, ରଥା ଉଲକା, ଦେବ ମାଡକାମୀ, ଜଗନ୍ନାଥ ଭୂୟାଁ, ହୃଷିକେଶ, ଦେହୁରୀ, ପ୍ରଶୁଧନ ମାଝୀ, ଅଂଜନା ଭୋଇ, ଦୁର୍ଗାଚରଣ ଭୋଇ, ସନ୍ତୋଷୀ ନାଏକ, ଅମିତ ନାଏକ, ସାମଲ ନାଏକ, ଲକ୍ଷ୍ମଣ ଗଣ୍ଡ, ଶଶିଧର ମାଝୀ, କୃଷ ଟାଟି, ଅନୁପମା ନାୟକ, ସତ୍ୟବ୍ରତ ନାୟକ, ପୀତାମ୍ବର ମାଝୀ ଏବଂ ଖେଲେରାମ ମାଝୀଙ୍କୁ ମନୋନୀତ କରାଯାଇଛି ବୋଲି ଶ୍ରୀ ଗଣ୍ଡ ପ୍ରେସ ବାର୍ତାରେ ଜଣାଇଛନ୍ତି। ମୋଦି ସରକାରଙ୍କ ବିଭିନ୍ନ ଜନଜାତି କଲ୍ୟାଣ ଯୋଜନାକୁ ତୃଣମୂଳ ସ୍ତରରେ ପହଂଚାଇବା ମୋର୍ଚ୍ଚାର ପ୍ରମୁଖ କାର୍ଯ୍ୟ ହେବ। ଏହା ସହ ରାଜ୍ୟ ସରକାରଙ୍କ ଜନଜାତି ବିରୋଧୀ ନୀତି ବିରୁଦ୍ଧରେ ଆଗାମୀ ଦିନରେ ସାରା ରାଜ୍ୟରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି।

# ଇଷ୍ଟକୋଷ୍ଟ ରେଳବାଇର ମହାପ୍ରବନ୍ଧକଙ୍କୁ ଭେଟିଲେ ସୁର ରାଉତରାୟ



ଭୁବନେଶ୍ୱର,୫/୮ (ନି.ପ୍ର): ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ବୁଧବାର ଇଷ୍ଟକୋଷ୍ଟ ରେଳବାଇର ମହାପ୍ରବନ୍ଧକ ବିଦ୍ୟା ଭୂଷଣଙ୍କୁ ତାଙ୍କ ଚନ୍ଦ୍ରଶେଖରପୁର କାର୍ଯ୍ୟାଳୟରେ ଭେଟି ବିଭିନ୍ନ ଦାବି ଜଣାଇଥିଲେ। ଜଟଣୀ ରେଳବାଇ ଡାକ୍ତରଖାନାରେ ଗାଇନିଂ, ସର୍ଜରୀ ଓ ମେଡିସନି ବିଭାଗର ଡାକ୍ତର ସଂଖ୍ୟା ବୃଦ୍ଧି, ବେଡ ସଂଖ୍ୟାର ବୃଦ୍ଧି ଓ ଷ୍ଟାଫ କ୍ୱାଟର୍ର ବଢ଼ାଇବାକୁ ଦାବି ଜଣାଇଥିଲେ। ରେଳ ପ୍ଲାଟଫର୍ମ ବଢ଼ାଇବା ପାଇଁ ମଧ୍ୟ ଅନୁରୋଧ କରିଥିଲେ। ମୁଖ୍ୟତଃ ଜଟଣୀ ଫାଇଓଭର ଜମି ଅଧିଗ୍ରହଣ ଏକମାସ ହେବ ସରିଯାଇଛି। ଟେଣ୍ଡର ପରେ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟହେବ ବୋଲି ମହାପ୍ରବନ୍ଧକ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ରାଉତରାୟଙ୍କ ବିଭିନ୍ନ ଅଭିଯୋଗ ଓ ଦାବିକୁ ମହାପ୍ରବନ୍ଧକ ଗ୍ରହଣ କରିଥିଲେ।

# ନନ୍ଦିନୀ ଦେବୀଙ୍କ ପନ୍ଦରତମ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର,୫/୮ (ନି.ପ୍ର): ଓଡ଼ିଶାର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କର ପନ୍ଦରତମ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତତ୍ୱ କରି ନନ୍ଦିନୀ ଦେବୀ ଏକାଧାରାରେ ଜଣେ ନାରୀନେତ୍ରୀ, ଲେଖିକା ଓ ସାମ୍ବାଦିକା ବୋଲି କହିବା ସହିତ ତାଙ୍କ ପ୍ରତିମୂର୍ତି ଥିବା ଛକର ନାମ ନନ୍ଦିନୀ ଦେବୀ ଛକ ନାମରେ ନାମିତ କରି ସମସ୍ତେ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ।

# ଓଡ଼ିଶାରେ ଆଉ ୫୦ଟି ସ୍ଫୁର୍ତ୍ତି କ୍ଲଷ୍ଟର ଖୋଲିବାକୁ କେନ୍ଦ୍ରକୁ ପ୍ରସ୍ତାବ ଦେଲେ ଏମ୍‌ଏସ୍‌ଏମ୍‌ଇ ସଚିବ

ଭୁବନେଶ୍ୱର,୫/୮ (ନି.ପ୍ର): ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ନୂଆଦିଲ୍ଲୀଠାରେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ସଚିବ ବି.ବି. ସ୍ୱାଇଁ, ଖାଦ୍ୟପ୍ରକ୍ରିୟାକରଣ ସଚିବ ଶ୍ରୀମତୀ ପୁଷ୍ପା ସୁବ୍ରମଣ୍ୟମ୍ ଏବଂ ବ୍ୟାଙ୍କିଂ ସଚିବ ଡ. ଦେବାଶିଷ ପଣ୍ଡାଙ୍କୁ ପୃଥକ ପୃଥକ ଭାବେ ସାକ୍ଷାତ କରିଛନ୍ତି। ଗତ ୨ ତାରିଖ ଦିନ ତାଙ୍କ ସାକ୍ଷାତବେଳେ ଓଡ଼ିଶାରେ ଆଉ ୫୦ଟି ସ୍ଫୁର୍ତି କ୍ଲଷ୍ଟର ସ୍ଥାପନ ନିମନ୍ତେ ରହିଥିବା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଏହି କ୍ଲଷ୍ଟରରେ ରାଜ୍ୟର ପାରମ୍ପରିକ ଶିଳ୍ପୀ/ଶିଳ୍ପର ବିକାଶ ଦିଗରେ କାର୍ଯ୍ୟ କରାଯିବ ଏବଂ ପ୍ରତି କ୍ଲଷ୍ଟର ୨ରୁ ୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରିବାକୁ ସେ ଏହି ପ୍ରସ୍ତାବରେ ଉଲ୍ଲେଖ କରିଛନ୍ତି। ସେହିପରି ଅନ୍ୟ ୫୦ଟି ଶିଳ୍ପାଂଚଳ ପାଇଁ ପ୍ରତ୍ୟେକକୁ ୫୦ କୋଟି ଲେଖାଏଁ ଅର୍ଥ ମଂଜୁର କରିବାକୁ ସେ ଅନୁରୋଧ ରଖିଛନ୍ତି। ସିଟିଟିସି ଭଳି ଆଉ ୫ଟି ବୈଷୟିକ କେନ୍ଦ୍ର ସ୍ଥାପନ କରିବା ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପୂର୍ବଭାରତର ମୁଖଶାଳା ଓଡ଼ିଶାରେ ଏକ ସର୍ବାଧୁନିକ ଏମ୍‌ଏସ୍‌ଏମ୍‌ଇ ବିଶ୍ୱବିଦ୍ୟାଳୟ ସ୍ଥାପନ କରି ନୂତନ ଗବେଷଣା, ସୃଜନଶୀଳ କାର୍ଯ୍ୟକ୍ରମ ଓ ଶିଳ୍ପାୟନ ହେଲେ ଯୁବବର୍ଗ କର୍ମସଂସ୍ଥାନ ପାଇଁ ସଶକ୍ତ ହୋଇପାରିବେ ବୋଲି ସାକ୍ଷାତବେଳେ ଆଲୋଚନା କରିଛନ୍ତି। ଏଥି ସହିତ ବ୍ୟାଙ୍କିଂ ସଚିବ ଶ୍ରୀ ପଣ୍ଡାଙ୍କୁ ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଯୋଜନା ଓ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନାରେ ଆର୍ଥିକ ଋଣ ଯୋଗାଇ ଦେବା ପାଇଁ ରାଜ୍ୟ ବ୍ୟାଙ୍କ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଛନ୍ତି। ଓଡ଼ିଶାରେ ଭାରତ ସରକାରଙ୍କ ଦ୍ୱାରା ଏକ ଅଭିଜ୍ଞ ବିଦେଶ ବାଣିଜ୍ୟ ଅଧିକାରୀ ନିଯୁକ୍ତି କରାଗଲେ ରାଜ୍ୟର ରପ୍ତାନୀ ପ୍ରୋତ୍ସାହନ ଏବଂ ବିପଣନ ସଂସ୍ଥା ଏ କ୍ଷେତ୍ରରେ ସୁଚାରୁ ରୂପେ କାର୍ଯ୍ୟ କରିପାରନ୍ତା। ରପ୍ତାନୀ ପାଇଁ ବାଣିଜ୍ୟ ଭିତିଭୂମି (ଟାଇ)କୁ ସରଳୀକରଣ କରାଯାଇ ପ୍ରକଳ୍ପ ଅନୁମୋଦନ ପାଇଁ ବିକେନ୍ଦ୍ରୀକରଣକୁ ପ୍ରାଧାନ୍ୟ ଦେବା ସହ ଏହାକୁ ଶତପ୍ରତିଶତ ଆର୍ଥିକ ସହାୟତା ଯୋଗାଇ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏହି ଗସ୍ତ ସମୟରେ ପ୍ରମୁଖ ଶାସନ ସଚିବ ଭାରତ ସରକାରଙ୍କ ଖାଦ୍ୟୋଦ୍ୟୋଗ ମନ୍ତ୍ରାଳୟର ସଚିବଙ୍କ ସହିତ ସାକ୍ଷାତ କରିଥିଲେ। ରାଜ୍ୟରେ ଅଧିକାଂଶ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପି.ଏମ୍.ଏଫ୍.ଏମ୍.ଇ ଯୋଜନା ଅଧୀନରେ ବ୍ୟାଙ୍କ ଋଣ ନିମନ୍ତେ ଆବେଦନ କରିବା ସମୟରେ ଜମି ପଟ୍ଟା ଗୋଷ୍ଠୀ ନାମରେ ନରହିବା କାରଣରୁ ପ୍ରତିବନ୍ଧର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଏହି ଜମି ପଟ୍ଟା ସମ୍ବନ୍ଧିତ ନିୟମରେ କିଂଚିତ କୋହଳ ନୀତି ଅବଲମ୍ବନ କରିବାକୁ ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ ଜାରୀ କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି।

# ଧବଳେଶ୍ୱର ପୀଠର ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୫/୮ (ନି.ପ୍ର): ଲୋକସେବା ଭବନଠାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଧ୍ୟକ୍ଷତା କରି ଧବଳେଶ୍ୱର ପୀଠରେ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ସହିତ ଚାଲୁ ରହିଥିବା ବିଭିନ୍ନ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ମହାନଦୀ ଭିତରେ ଥିବା ଧବଳେଶ୍ୱର ପୀଠର ଚତୁଃପାଶ୍ୱର୍ରେ ପଥର ପ୍ୟାକିଂ କରାଯିବା ସହିତ ପୀଠକୁ ସଂଯୋଗ ନିମନ୍ତେ ରୋପେୱ୍ୱେ ଏବଂ ଅନ୍ୟ ଏକ ନୂତନ ପୋଲ ନିର୍ମାଣ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏଥି ସହିତ ପୀଠରେ ବ୍ୟାପକ ବନୀକରଣ କରାଯାଇ ଏହାର ସବୁଜିମା ଓ ପାରିପାଶ୍ୱର୍କ ସୌନ୍ଦର୍ଯ୍ୟକରଣ ବୃଦ୍ଧି କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଧବଳେଶ୍ୱର ପୀଠ ଓଡ଼ିଶାର ଅନ୍ୟତମ ଶୈବପୀଠ ଭାବରେ ପ୍ରସିଦ୍ଧି ଲାଭ କରିଥିବାବେଳେ ଯାନିଯାତରା ସମେତ ବର୍ଷର ସବୁ ସମୟରେ ଦର୍ଶନାର୍ଥୀଙ୍କ ପ୍ରବଳ ସମାଗମ ହୋଇଥାଏ। ଏଥି ସହିତ ପର୍ଯ୍ୟଟନ ଦୃଷ୍ଟିକୋଣରୁ ମଧ୍ୟ ଧବଳେଶ୍ୱର ପୀଠର ଗୁରୁତ୍ୱ ରହିଛି। ତେଣୁ ପୀଠରେ ପର୍ଯ୍ୟଟନର ଭିତିଭୂମି ନିର୍ମାଣ ସହିତ ସର୍ବାଙ୍ଗୀନ ଉନ୍ନତି ଦିଗରେ ପଦକ୍ଷେପ ନିଆଯାଉଛି। ଏହା ଦ୍ୱାରା ଅଧିକରୁ ଅଧିକ ଭକ୍ତ ଓ ପର୍ଯ୍ୟଟକ ଆକୃଷ୍ଟ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ।

ବୈଠକରେ ମହାନଦୀ-କାଠଯୋଡ଼ି ସିଷ୍ଟମର ମୁଖ୍ୟଯନ୍ତ୍ରୀ ଭକ୍ତଚରଣ ମହାନ୍ତି, କଟକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ଅଧୀକ୍ଷଣ ଯନ୍ତ୍ରୀ ଅମରେନ୍ଦ୍ର ମହାନ୍ତି, ଆଠଗଡ଼ ଉପଜିଲ୍ଲାପାଳ ଅଜାମ୍ବର ମହାନ୍ତି ଏବଂ ଉଦ୍ୟାନକୃଷି ବିଭାଗ ଉପନିର୍ଦ୍ଦେଶକ ସୁଧାକର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଗ୍ରାମୀଣ ଗୃହ ନିର୍ମାଣ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତର ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ: ବିଜେଡି

ଭୁବନେଶ୍ୱର,୫/୮ (ନି.ପ୍ର): ଓଡିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ପ୍ରସଙ୍ଗରେ ଲୋକସଭାରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ସ୍ୱାଧୀ ନିରଞ୍ଜନ ଜ୍ୟୋତି ବିଜେପି ସାଂସଦ ସୁରେଶ ପୂଜାରୀଙ୍କ ପ୍ରଶ୍ନରେ ଯେଉଁ ଉତର ରଖିଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ବିଭ୍ରାନ୍ତିକର ଏବଂ ପକ୍ଷପାତିତାକୁ ଦର୍ଶାଉଛି ଯାହା ତାଙ୍କ ଦପ୍ତର ପାଇଁ ଆଦୌ ସ୍ପୃହଣୀୟ ନୁହେଁ ବୋଲି କହିଛନ୍ତି ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ର।

ଲୋକସଭାରେ ବିଜେପି ସାଂସଦ ଶ୍ରୀ ପୂଜାରୀଙ୍କ ୨୫୦୫ ନମ୍ବର ପ୍ରଶ୍ନର ଉତର ଉପରେ ମନ୍ତବ୍ୟ ଦେଇ ଡକ୍ଟର ପାତ୍ର କହିଛନ୍ତି ଯେ ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ରରେ ଓଡିଶା ଏକ ଅଗ୍ରଣୀ ରାଜ୍ୟ ହୋଇଥିବାବେଳେ ରାଜ୍ୟ ସରାକରଙ୍କୁ ବଦନାମ ସହିତ ଓଡିଶାର ଗରିବ ଲୋକଙ୍କୁ ଘର ପାଇବାରୁ ବଂଚିତ ପାଇଁ ବିଜେପି ଏଭଳି ଷଡଯନ୍ତ୍ର କରୁଛି। କେନ୍ଦ୍ରମନ୍ତ୍ରୀ ତାଙ୍କ ଉତରରେ ବିଜେପି ସାଂସଦଙ୍କ ଏକ ପ୍ରତିନିଧି ଦଳ ଦେଇଥିବା ସ୍ମାରକପତ୍ର ସଂକ୍ରାନ୍ତରେ ଯାହା ଉଲ୍ଲେଖ କରିଛନ୍ତି ତାହା ଅତ୍ୟନ୍ତ ଦୁଃଖଦାୟକ। ମନ୍ତ୍ରୀଙ୍କ ଉତରରେ କେବେହେଲେ କୌଣସି ରାଜନୈତିକ ଦଳର ସ୍ମାରକପତ୍ର ବିଷୟରେ ଉଲ୍ଲେଖ କରାଯାଏ ନାହିଁ। ତେଣୁ ଏଭଳି ଉତର ରାଜନୈତିକ ଉଦ୍ଦେଶ୍ୟ ମୂଳକ ଏବଂ ଇଚ୍ଛାକୃତ ଭାବେ ଓଡିଶା ସରକାରଙ୍କୁ ନିନ୍ଦିତ କରିବା ଲାଗି ଉଦ୍ଦିଷ୍ଟ। ଏଥିରୁ ଜଣାପଡୁଛି ଯେ ସଂସଦରେ ମନ୍ତ୍ରୀଙ୍କର ଉତର ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ବିଜେପିକୁ ରାଜନୈତିକ ଫାଇଦା ଦେବାପାଇଁ ଏଭଳି ବିଭ୍ରାନ୍ତିକର ବ୍ୟକ୍ତବ୍ୟ ତାଙ୍କ ମନ୍ତ୍ରାଳୟ ପକ୍ଷରୁ ରଖାଯାଇଛି ଯାହାକୁ କି ପୂର୍ବରୁ ଓଡିଶା ସରକାର ସ୍ପଷ୍ଟ କରିସାରିଛନ୍ତି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ସଂସଦୀୟ ଉତରକୁ ରାଜନୀତିକରଣ କରି କେନ୍ଦ୍ରମନ୍ତ୍ରୀ ତାଙ୍କ କାର୍ଯ୍ୟାଳୟର ସମ୍ମାନ ହ୍ରାସ କରୁଛନ୍ତି ଏବଂ ୨୫୦୫ ନମ୍ବର ପ୍ରଶ୍ନର ଉତରରେ ସେ ରଖିଥିବା ବକ୍ତବ୍ୟକୁ ସଂଶୋଧନ କରିବା ସହିତ ଏଭଳି ବିଭ୍ରାନ୍ତିକର ଭୁଲ ତଥ୍ୟ ନରଖିବାକୁ ବିଜେଡି ଦୃଢ ଭାବେ ଦାବି କରିଛି। ଓଡିଶା ହେଉଛି ସେହି ରାଜ୍ୟ ଯାହାକୁ ଭାରତ ସରକାର ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ ଓ ପ୍ରଶଂସା କରିଛନ୍ତି।

# ବିଜେପି କର୍ମୀଙ୍କୁ ଆକ୍ରମଣ ଘଟଣାର ସରଜମିନ ତଦନ୍ତ କଲେ ରାଜ୍ୟ ସଭାପତି

## ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଖଣ୍ଡେ ନ ମିଳିବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ: ସମୀର ମହାନ୍ତି

ଭୁବନେଶ୍ୱର,୫/୮ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀମାନେ ଖଣ୍ଡେ ଘରେ ପାଇବାରୁ ବଂଚିତ ହେଉଛନ୍ତି। ଏହାକୁ ବିରୋଧ କରିବାରୁ ବିଜେପି କାର୍ଯ୍ୟକର୍ତାମାନଙ୍କୁ ଶାସକ ଦଳ କର୍ମୀମାନେ ଆକ୍ରମଣ କରିଛନ୍ତି। ଏହି ଘଟଣାର ସରଜମିନ ତଦନ୍ତ କରିବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧୀ ଦଳ ଭଦ୍ରକ ଜିଲ୍ଲା ତିହିଡି ବ୍ଲକ କୁବେରା ଗ୍ରାମପଂଚାୟତ ପହଂଚି ଘଟଣାର ସତ୍ୟାସତ୍ୟ ପରଖିଛନ୍ତି।। ଏହା ସହ ଯୋଗ୍ୟ ହିତାଧିକାରୀ ପରିବାର ଲୋକଙ୍କୁ ପ୍ରତିନିଧୀ ଦଳ ଭେଟି ଆଲୋଚନା କରିଛନ୍ତି। ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ମୁହଁ ଖୋଲିବାରୁ ବିଜେପି କର୍ମୀମାନଙ୍କୁ ଆକ୍ରମଣ କରାଯାଇଛି। ଅନ୍ୟପଟେ ଶାସକ ଦଳ ନିର୍ଦ୍ଦେଶରେ ପୁଲିସ ବିଜେପି କର୍ମୀମାନଙ୍କୁ ଗିରଫ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଦୁର୍ନୀତି ବିରୁଦ୍ଧରେ ସ୍ୱର ଉଠାଇବାରୁ ରାତି ଅଧରେ ଗ୍ରୀଲ ଡାଡି ଘରେ ପଶି ପୁଲିସ ନାଲି ଆଖି ଦେଖାଇ ସାଧାରଣ ଲୋକଙ୍କୁ ଗିରଫ କରିଛି। ଏଭଳି ଅତ୍ୟାଚାର ବ୍ରିଟିଶ ପୁଲିସ ଜୁଲୁମ ଠାରୁ ଟପିଗଲାଣି। ପୁଲିସ ଏଭଳି କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ। ଗିରଫ ହୋଇ କୋର୍ଟ ଫରୱାର୍ଡ ହୋଇଥିବା ଅମର ନାୟକ , ନିଶିକାନ୍ତ ନାଏକ, ଲଲାଟ ପରିଡାଙ୍କ ପରିବାର ସଦସ୍ୟଙ୍କୁ ଶ୍ରୀ ମହାନ୍ତି ଭେଟି ଆଲୋଚନା କରିଥିଲେ। ରାଜ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଖଣ୍ଡେ ନ ମିଳିବା ପର୍ଯ୍ୟନ୍ତ ବିଜେପି ଲଢେଇ ଜାରି ରଖିବ ବୋଲି ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି। ପ୍ରାଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟକୁ ୨୬ ଲକ୍ଷରୁ ଅଧିକ ଘର ଆସିଛି। କିନ୍ତୁ ଦୁର୍ଭାଗ୍ୟର କଥା ଏବେବି ଅନେକ ଯୋଗ୍ୟ ହିତାଧିକାରୀ ଘର ଖଣ୍ଡେ ପାଇବାରୁ ବଂଚିତ ରହିଛନ୍ତି। ତିହିଡି ବ୍ଲକ ଅଧ୍ୟକ୍ଷଙ୍କ ନିଜ ଗ୍ରାମରେ ବିଜୁଳି ପହଂଚି ପାରି ନାହିଁ। ନାଳ ନର୍ଦ୍ଦମା ପାଣି ରାସ୍ତା ଉପରେ ଭାସୁଛି। ଚତୁର୍ଦ୍ଦଶ ଅର୍ଥ କମିଶନରେ ମୋଦି ସରକାର ପ୍ରତି ପଂଚାୟତକୁ ବ୍ୟାପକ ମାତ୍ରାରେ ଅର୍ଥ ପଠାଉଥିଲେ ସୁଦ୍ଧା ରାଜ୍ୟ ସରକାର ଏହି ଅର୍ଥକୁ ହରିଲୁଟ୍ କରୁଛନ୍ତି। ଚତୁର୍ଦ୍ଦଶ ଅର୍ଥ କମିଶନରେ ଆସିଥିବା ଅର୍ଥ କୁଆଡେ ଗଲା ଏବଂ କାହିଁକି ଖର୍ଚ୍ଚ ହୋଇନାହିଁ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ଜଣେ ବି ଅଯୋଗ୍ୟ ହିତାଧିକାରୀକୁ ପକ୍କା ଘର ନଦିଆଯାଉ। ଯେଉଁ ଅଧିକାରୀ ଏହି ଦୁର୍ନୀତିରେ ସିଧାସଳଖ ସମ୍ପୃକ୍ତ, ତାଙ୍କ ଉପରେ କଠୋର ଓ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଶ୍ରୀ ମହାନ୍ତି ଦାବି କରିଛନ୍ତି। ଏହି ପ୍ରତିନିଧୀ ଦଳରେ ବରିଷ୍ଠ ନେତା ମନମୋହନ ସାମଲ, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ ଓ ଅଭିମନ୍ୟୁ ସେଠୀ, ରାଜ୍ୟ ମୁଖପାତ୍ର ଠାକୁର ରଂଜିତ ଦାସ, ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ ଆଚାର୍ଯ୍ୟ, ଭଦ୍ରକ ଜିଲ୍ଲା ସଭାପତି ହେମନ୍ତ ପାଢୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ଧଳ, ମନସ୍ମିତା ଖୁଂଟିଆ, ମହିଳା ମୋର୍ଚ୍ଚା ସଭାନେତ୍ରୀ ହରପ୍ରିୟା ସାହୁ ପ୍ରମୁଖ ସାମିଲ ଥିଲେ।

## ଭିକ୍ଷାବୃତ୍ତି ଏକ ସାମାଜିକ ସମସ୍ୟା...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଏକଥା ମଧ୍ୟ ସତ୍ୟ ଯେ ସରକାରଙ୍କ ଯୋଜନା ଅନେକଙ୍କ ନିକଟରେ ପହଞ୍ଚିପାରୁନାହିଁ। ଏଭଳି ଲୋକଙ୍କ ନିକଟରେ ଯୋଜନା କେମିତି ପହଞ୍ଚି ପାରିବ ସେ କଥା ଦେଖିବା ସରକାରଙ୍କର ଦାୟିତ୍ୱ। ସର୍ବସାଧାରଣ ସ୍ଥଳରେ ଭିକ୍ଷାବୃତ୍ତି କରୁଥିବା ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେବା ଆବଶ୍ୟକ। ଭିକ୍ଷାବୃତ୍ତି ଯଦି ଏକ ସାମାଜିକ ସମସ୍ୟା ତେବେ ସମାଜ ମଧ୍ୟ ସମସ୍ୟାର ସମାଧାନ ପାଇଁ ଆଗଭର ହେବା ଆବଶ୍ୟକ। କେବଳ ସରକାର ଚାହିଁଲେ ମଧ୍ୟ ସମସ୍ୟାର ସମାଧାନ ଅସମ୍ଭବ ଯଦି ସମାଜ ଓ ସାଧାରଣ ଲୋକେ ସହଯୋଗ ନକରିବେ।

ଦେଶରେ ଭିକ୍ଷାବୃତ୍ତି ନିବାରଣ ଆଇନ୍ ୧୯୫୯ କାର୍ଯ୍ୟକାରୀ ହେଉଚି। ଏହି ଆଇନ ଅନୁସାରେ ଭିକ୍ଷାବୃତ୍ତି ଏକ ଦଣ୍ଡନୀୟ ଅପରାଧ। ଏହା ସତ୍ୱେ ୨୦୧୧ର ଜନଗଣନା ଅନୁସାରେ ଦେଶରେ ପାଖାପାଖି ୪ଲକ୍ଷ ଲୋକ ଭିକ୍ଷାବୃତ୍ତି କରୁଥିବାର ସରକାରୀ ତଥ୍ୟ ରହିଛି। ଏବେ ଏହି ସଂଖ୍ୟା ଆହୁରି ବଢିଯିବଣି ନିଶ୍ଚୟ। କୁଶ କାଲରା ନାମକ ଜନୈକ ବ୍ୟକ୍ତି ଭିକ୍ଷାବୃତ୍ତି ନିରୋଧ ପାଇଁ କରୁଥିବା ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଯାହାର ଶୁଣାଣି ଗତ ଜୁଲାଇ ୨୭ ତାରିଖରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠଙ୍କ ଇଜଲାସରେ ହୋଇଥିଲା। ଖଣ୍ଡପୀଠ ଶୁଣାଣିବେଳେ କହିଥିଲେ ଯେ, ଭିକ୍ଷାବୃତ୍ତି ଉପରେ ପ୍ରତିବନ୍ଧ ଲଗାଯାଇପାରିବ ନାହିଁ କିମ୍ବା ସେମାନଙ୍କୁ ଜେଲକୁ ପଠାଯାଇପାରିବ ନାହିଁ। ବରଂ ଭଲ ହେବ ଯଦି ସରକାର ଏମିତି କିଛି ଯୋଜନା କରିବେ ଯାହାଦ୍ୱାରା କାହାରିକୁ ଭିକ୍ଷାବୃତ୍ତି କରିବାକୁ ପଡ଼ିବ ନାହିଁ।

# ନଦୀରେ ବୁଡି ମହିଳା ମୃତ



ବସ୍ତା,୦୫/୦୮ (ନି.ପ୍ର): ବସ୍ତାଥାନା ଅଧିନସ୍ଥ ବାସୁଚକୁରୀ ପଞ୍ଚାୟତ ବାସୁ ଚକୁରୀ ଗ୍ରାମରେ ମୟୂରଭଞ୍ଜ ଜିଲ୍ଲା କେନ୍ଦୁକୁଟା ଗ୍ରାମର ମୋହନ ସରେନ ବାସୁଚକୁରୀ ଗ୍ରାମରେ ଦିର୍ଘ ୩ ବର୍ଷ ଧରି ନିଜ ସ୍ତ୍ରୀ ପେତେ ସରେନ ସହିତ ରହି ଆସୁଥିଲେ। ହେଲେ ପ୍ରତିଦିନ ଭଳି ଗତକାଲି ପେତେ ସରେନ ୨୩ ପାଇକଡିହା ନଦୀ ପାରିହୋଇ ବିଲକାମ କରିବାପାଇଁ ଯାଇଥିଲେ। ହେଲେ ସଂଧ୍ୟା ରେ ଘରକୁ ନଫେରିବାରୁ ସ୍ୱାମୀ ମୋହନ ଚାରିଆଡେ ଖୋଜାଖୋଜି କରିଥିଲେ ହେଲେ ଆଜି ନଦୀରେ ଭାଷୁଥିବା ଦେଖି ଗ୍ରାମଲୋକେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରୁ ଶବ ଉଦ୍ଧାରକରି ଏକ ଅପମୃତ୍ୟୁ ମାମଲା ରୁଜୁକରିବା ସହିତ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

# ଏନଡିଆରଏଫ ତୃତୀୟ ବାଟାଲିୟନ, ମୁଣ୍ଡୁଳିରେ ରକ୍ତଦାନ ଶିବିର ଆୟୋଜିତ



ଭୁବନେଶ୍ୱର,୦୫/୦୮(ନି.ପ୍ର): ଅମୃତ ମହୋତ୍ସବ (ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି) ଅବସରରେ ତୃତୀୟ ବାଟାଲିୟନ, ଏନଡିଆରଏଫ, ମୁଣ୍ଡୁଳି ପକ୍ଷରୁ କେନ୍ଦ୍ରୀୟ ରେଡକ୍ରସ ବ୍ଲଡ ବ୍ୟାଙ୍କ, କଟକଙ୍କ ସହାୟତାରେ ବାଟାଲିୟନ ପରିସରରେ ଏକ ରକ୍ତଦାନ ଶିବିର ଅଗଷ୍ଟ ୫, ୨୦୨୧ରେ ଆୟୋଜିତ ହୋଇଛି। ଶିବିରରେ ଏକ ଶହରୁ ଅଧିକ ଏନଡିଆରଏଫ ଅଫିସର, ସବ-ଅଫିସର ଓ ଅନ୍ୟ ରାଙ୍କର ଅଧିକାରୀ ରକ୍ତଦାନ କରିଥିଲେ। ତୃତୀୟ ବାଟାଲିୟନର କମାଣ୍ଡାଣ୍ଟ ଶ୍ରୀ ଜାକବ କିସପୋଟା ରକ୍ତଦାନ ଶିବିର ଉଦଘାଟନ କରିଥିଲେ। ନିଜ ବକ୍ତବ୍ୟରେ ରକ୍ତଦାନକୁ ମହତ ଦାନ ବୋଲି ଶ୍ରୀ କିସପୋଟା କହିବା ସହ ରକ୍ତଦାନ ଦ୍ୱାରା ଆମେ ଅନ୍ୟର ଜୀବନ ବଞ୍ଚାଇ ପାରିବା ବୋଲି କହିଥିଲେ। ଏହି ଅବସରରେ ଶ୍ରୀ କିସପୋଟା ରେଡକ୍ରସର ଡାକ୍ତର ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଅସହାୟଙ୍କୁ ସାମାଜିକ ସଂଗଠନର ସହାୟତା

ଜଳେଶ୍ୱର,୦୫/୦୮ (ନି.ପ୍ର): ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆ ଅଂଚଳର କୁମ୍ଭାରସାହି ଗାଁର ନାଗ ରଣା ୨୦ବର୍ଷ ତଳେ ଅସୁସ୍ଥ ହୋଇ ନିଜ ଘରେ ରହି ଆସୁଥିଲେ। ତାର କେହି ନ ଥିବାରୁ ନିଜ ସ୍ତ୍ରୀ ସୁଆଗୀ ରଣା ସହିତ ପୈତୃକ ଘରେ ରହି ଆସୁଥିଲେ। ଏବେ ବାର୍ଦ୍ଧକ୍ୟ ଅବସ୍ଥାରେ ସାବତ ପୁଅ ଭାନୁ ବିନ୍ଧାଣି ତାଙ୍କର ସମସ୍ତ ଗହଣା ଓ ଟଙ୍କା ନେଇ ଦାନ୍ତୁନ ଠାରେ ରହୁଥିବା ବେଳେ ଗ୍ରାମର ଜନୈକ ପ୍ରଭାବଶାଳୀ ବ୍ୟକ୍ତି ତାଙ୍କର ପୈତୃତ ସମ୍ପତ୍ତିକୁ ହାତେଇ ନେଇଛନ୍ତି। ଫଳରେ ନିରାଶ୍ରୟ ନାଗ ରଣାକୁ ଗ୍ରାମବାସୀମାନେ କୁଡିଆ ଘର ଟିଏ କରାଇ ଦେଇଥିବା ବେଳେ ସରକାରଙ୍କ ଆବାସ ଯୋଜନାରୁ ସେ ବଂଚିତ। ଏ ସମ୍ପର୍କରେ ସମାଜସେବୀ ସନ୍ତୋଷ କୁମାର ଜେନାଙ୍କୁ ମେ ଆଇ ହେଲ୍ପ ୟୁ ସଂଗଠନ ପକ୍ଷରୁ ଖବର ଦେବାପରେ ସଂଗଠନ ପକ୍ଷରୁ ୨ ମାସର ରାସନ୍, ପନିପରିବା, ମୁଢ଼ି, ଶାଢ଼ି, ଗାମୁଛା ଇତ୍ୟାଦି ଯୋଗାଇ ଦିଆଯାଇଛି। ସଂଗଠନ ପକ୍ଷରୁ ଏ ସମ୍ପର୍କରେ ସରପଂଚ ଓ ବିଡିଓ ଙ୍କୁ ଅବଗତ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୧ ଲକ୍ଷ ଦୁଗ୍ଧ ଚାଷୀଙ୍କୁ ମିଳିଲା ....

ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ଏହା ସେମାନଙ୍କ ରୋଜଗାର ବଢାଇବା ସହିତ ଗ୍ରାମ ଅର୍ଥନୀତିକୁ ମଧ୍ୟ ଚଳଚଂଚଳ କରେ। ମା ମାନଙ୍କ ରୋଜଗାର ବଢାଇବା ସହିତ ସାଧାରଣ ଲୋକଙ୍କ ବିଶେଷକରି ପିଲାମାନଙ୍କ ପୁଷ୍ଟି ସାଧନରେ ଦୁଗ୍ଧର ବହୁତ ବଡ ଭୂମିକା ରହିଛି ବୋଲି ସେ କହିଥିଲେ। ତେଣୁ ଦୁଗ୍ଧ ଉତ୍ପାଦନରେ ଅଭିବୃଦ୍ଧି ଆଣି ରାଜ୍ୟର ପୁଷ୍ଟି ସ୍ତରକୁ ଆହୁରି ଉନ୍ନତି ଆଣିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଦୁଗ୍ଧ ଚାଷୀଙ୍କ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରି ରିହାତି ଯୋଗାଇ ଦେଉଛନ୍ତି। ଚାଷୀମାନେ ଏହି ଯୋଜନାର ଉପଯୋଗ କରି ରାଜ୍ୟର ଦୁଗ୍ଧ ଉତ୍ପାଦନ ଲକ୍ଷ୍ୟ ପୂରଣରେ ସହଯୋଗ କରିବା ପାଇଁ ସେ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଅରୁଣ ସାହୁ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ୫-ଟି ଓ ମୋ ସରକାର ରାଜ୍ୟ ପ୍ରଶାସନର ମୂଳମନ୍ତ୍ର ବୋଲି ପ୍ରକାଶ କରି ସେ କହିଲେ ଯେ ଏହାର ପ୍ରୟୋଗ ଦ୍ୱାରା ରାଜ୍ୟ ପ୍ରାଣୀ ସଂପଦ କ୍ଷେତ୍ରରେ ପରିବର୍ତ୍ତନର ଧାରା ଆସିପାରିଛି। ହକିରେ ଭାରତର ବିଜୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ମଧ୍ୟ କୃତଜ୍ଞତା ପ୍ରକାଶ କରି ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ଯୋଗୁ ଆଜି ଓଡିଶା ବିଭିନ୍ନ କ୍ଷେତ୍ରରେ ଗୌରବାନ୍ୱିତ ହୋଇପାରିଛି। ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ନବରଂଗପୁର ବିଧାୟକ ସଦାଶିବ ପ୍ରଧାନୀ ଓ ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ପ୍ରମୁଖ ସେମାନଙ୍କର ବକ୍ତବ୍ୟରେ ଚାଷୀ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବରଗଡ, ନବରଂଗପୁର ଓ କଟକର ୩ ଜଣ ଚାଷୀ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇ ସ୍ୱତନ୍ତ୍ର ସହାୟତା ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ବରଗଡରୁ ଶ୍ରୀମତୀ ସତ୍ୟବତୀ ସାହୁ, ନବରଂଗପୁରରୁ ଶ୍ରୀ ଖୋକନ ବିଶ୍ୱାସ ଓ କଟକରୁ ଶ୍ରୀମତୀ ବିଜୟଲକ୍ଷ୍ମୀ ସ୍ୱାଇଁ ଆଲୋଚନାରେ ଭାଗ ନେଇ କହିଥିଲେ ଯେ ରାଜ୍ୟ ସରକାର ସେମାନଙ୍କ ଦୁଗ୍ଧ ଚାଷ ପାଇଁ ଅନେକ ପ୍ରକାଶ ସହାୟତା ଦେଉଛନ୍ତି। ଗୋଖାଦ୍ୟ, ଔଷଧ, କ୍ୟାଲସିଅମ, ମିନେରେଲ ମିକ୍ସଚର ଆଦି ଅନେକ ସହାୟତା ମିଳୁଛି। ଦୁଗ୍ଧ ଚାଷ ଦ୍ୱାରା ସେମାନଙ୍କ ଆର୍ଥିକ ଉନ୍ନତି ହେବା ସହିତ ସେମାନେ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ଦେଇପାରିଛନ୍ତି ଏବଂ ଘର ଖଣ୍ଡେ ଖଣ୍ଡେ କରିପାରିଛନ୍ତି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମତ୍ସ୍ୟ ଓ ପଶୁସଂପଦ ବିଭାଗର ସଚିବ କେ. ରଘୁ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଆର.କେ. ଶର୍ମା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଓମ୍‌ଫେଡ ଜରିଆରେ ରାଜ୍ୟର ୩୭୦୦ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଏବଂ ୨.୬୩ ଲକ୍ଷ ଦୁଗ୍ଧ ଚାଷୀ ଏହା ଜରିଆରେ ଦୁଗ୍ଧ ଉତ୍ପାଦନ କରୁଛନ୍ତି। ଏଥିରେ ୧୨୯୨ଟି ମହିଳା ସମବାୟ ସମିତି ରହିଛି ଏବଂ ୧ ଲକ୍ଷ ୫ ହଜାର ମହିଳା ଚାଷୀ ମଧ୍ୟ ଦୁଗ୍ଧ ଉତ୍ପାଦନରେ ଯୋଗଦାନ ରଖିଛନ୍ତି।

### ଜର୍ମାନୀକୁ ମାତ୍ ଦେଇ ....

ଗୋଲ ରକ୍ଷଣ ଭାରତକୁ ବହୁ ପ୍ରତୀକ୍ଷିତ ଓ ଐତିହାସିକ ବିଜୟ ଆଣି ଦେଇଥିଲା। ବିଜୟର ବଡ଼ ଶ୍ରେୟ ଯାଇଥିଲା ଶ୍ରୀଜେଶଙ୍କ ନିକଟକୁ। ଭାରତର ଫରୱାର୍ଡ ଖେଳାଳିଙ୍କ ଠାରୁ ଆରମ୍ଭ କରି ରକ୍ଷଣ ଭାଗ ପର୍ଯ୍ୟନ୍ତ, ସମସ୍ତଙ୍କ ପ୍ରଦର୍ଶନ ଥିଲା ଅତୁଳନୀୟ। ସତେଯେମିତି ଏହି ମ୍ୟାଚ ପାଇଁ ସବୁ ଯାକ ଶକ୍ତି ସାଇତି ରଖିଥିଲା ଭାରତୀୟ ଦଳ। ବିଜୟ ପରେ ଉତ୍ସବ ମୁଖର ହୋଇ ଯାଇଥିଲା ଟୋକିଓ ଗ୍ରାଉଣ୍ଡ। ସାରା ଭାରତରେ ଉତ୍ସବ ମନାଇଥିଲେ ଦେଶବାସୀ। ଆଉ ଏହି ବିଜୟ ଓଡ଼ିଶା ପାଇଁ ମଧ୍ୟ ବଡ଼ ଗୌରବ ଆଣିଦେଇଛି। ପ୍ରଥମ ଥର ପାଇଁ ଦୁଇ ଓଡ଼ିଆ ଖେଳାଳି ଅଲିମ୍ପିକ୍ସରେ ମେଡାଲ ଜିତିଛନ୍ତି। ଦଳଗତ ଇଭେଣ୍ଟରେ ବ୍ରୋଂଜ ପଦକ ପାଇ ଇତିହାସ ରଚିଥିବା ଏହି ଖେଳାଳି ହେଉଛନ୍ତି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହି ଦାସ। ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ଉଭୟ ଖେଳାଳି ଅଢ଼େଇ କୋଟି ଲେଖାଏଁ ପୁରସ୍କାର ଜିତିବାକୁ ହକଦାର ହୋଇଛନ୍ତି।

### ଡେଲଟା ଭାରିଆଣ୍ଟ ପାଇଁ ବୁଷ୍ଟର ଡୋଜ ଦେବାକୁ....

ବ୍ୟକ୍ତିଙ୍କୁ ୩ ମାସ ମଧ୍ୟରେ ବୁଷ୍ଟର ଡୋଜ୍ ଦିଆଯିବ। ଗତ ସପ୍ତାହରେ ଇସ୍ରାଏଲ ରାଷ୍ଟ୍ରପତି ବୁଷ୍ଟର ଡୋଜ୍ ନେଇ ଦେଶରେ ୬୦ ବର୍ଷରୁ ଅଧିକ ବୟସ୍କଙ୍କୁ ବୁଷ୍ଟର ଡୋଜ୍ ଟିକାକରଣର ଶୁଭାରମ୍ଭ କରିଥିଲେ। ଆମେରିକା ମଧ୍ୟ ବୁଷ୍ଟର ଡୋଜ୍ ଯୋଗେଇ ଦେବାକୁ ଫାଇଜର ଓ ବାୟୋଟେକ ସହ ଚୁକ୍ତି କରିଛି।

### ଆସନ୍ତା ୨୪ ଘଣ୍ଟା ପ୍ରବଳ ....

ରାୟଗଡ଼ା ଆଦି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯିବା ସହିତ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଅଗଷ୍ଟ ୬ରୁ ୭ ତାରିଖ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରଯାଇଛି। ଏଯାବତ ଗୋପାଳପୁରରେ ୩୪.୪ ଡିଗ୍ରି ସେଲସିୟସ ସର୍ବାଧିକ ତାପମାତ୍ରା ରହିଥିବା ବେଳେ ଫୁଲବାଣୀରେ ୧୯.୦ଡିଗ୍ରି ସେଲସିୟସ ସର୍ବନିମ୍ନ ତାପମାତ୍ରା ରହିଛି।

### ୧୬ରୁ ନବମ ଶ୍ରେଣୀ....

କୋଭିଡ୍ କଟକଣା ମଧ୍ୟରେ କ୍ଲାସ କରିବାକୁ ଗଣଶିକ୍ଷା ସଚିବ ଚିଠି ଲେଖିଛନ୍ତି। ସୂଚନା ଅନୁଯାୟୀ ରବିବାର ଓ ସାଧାରଣ ଛୁଟିରେ କ୍ଲାସ ହେବ ନାହିଁ। ସ୍କୁଲ ଖୋଲିଲେ ମଧ୍ୟ ଛାତ୍ରଛାତ୍ରୀ କ୍ଲାସ ଆସିବାକୁ ବାଧ୍ୟ ନୁହନ୍ତି। ଅଭିଭାବକ ଚାହିଁଲେ ପିଲାମାନେ ଅନଲାଇନ୍ କ୍ଲାସ କରିପାରିବେ।

## ବିଦେଶୀ ମଦ ସହ ବାଇକ ଜବତ, ଜଣେ ଗିରଫ

ଧର୍ମଶାଳା,୦୫/୦୮ (ନି.ପ୍ର): ଯାଜପୁର ଜିଲା ବଡଚଣା ଅଂଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଉଥିବା ନେଇ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ତେବେ ଅବକାରୀ ବିଭାଗ ସେପରି କିଛି ପଦକ୍ଷେପ ନେଉ ନଥିବାରୁ ବଡଚଣା ପୁଲିସ ଗତକାଲି ମଦ ନେଇ ଆସୁଥିବା ଜଣେ ଯୁବକକୁ ଗିରଫ କରିବା ସହିତ ତା ନିକଟରୁ ୨୦ ବୋତଲ ବିଦେଶୀ ମଦ ଜବତ କରିଛି। ରାଧାଦେଇପୁର ପଂଚାୟତ ପାଇକରାପୁର ଗ୍ରାମର ପ୍ରକାଶ ସାହୁ ବାଇକରେ ମଦ ନେଇ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବଡଚଣା ପୁଲିସ ତାର ପିଛା କରିଥିଲା। ମହୁରା ପୋଲ ନିକଟରେ ପୁଲିସ ତାକୁ ଅଟକାଇ ଗାଡି ଯାଂଚ କରିବାରୁ ତା ନିକଟରୁ ମଦ ଜବତ ହୋଇଥିଲା। ବଡଚଣା ଥାନା କେସ ନମ୍ବର ୨୯୫/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଚିତ ରଂଜନ ଜେନା ସୂଚନା ଦେଇଛନ୍ତି।

# ରାଜ୍ୟ ସ୍ତରୀୟ ସିନିୟର କ୍ରିକେଟ ମ୍ୟାଚ ପାଇଁ ମୟୂରଭଞ୍ଜ ଦଳର କଟକ ଗସ୍ତ



ବାରିପଦା,୦୫/୦୮ (ନି.ପ୍ର): ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ସିନିୟର ଏକ ଦୀବସୀୟ କ୍ରିକେଟ ପ୍ରତିଯୋଗୀତା ପାଇଁ ୨୦ ଜଣିଆ ମୟୂରଭଞ୍ଜ ଦଳ କଟକ ଗସ୍ତ କରିଥିବାର ଜଣାଯାଇଛି। ଗତ ଫେବୃୟାରୀ ମାସରେ ଅନୁଷ୍ଠିତ ହୋଇଥିବା ଭିଜନ ୨୦-୨୪ ଆନ୍ତ ଜିଲ୍ଲା କ୍ରିକେଟ ମ୍ୟାଚରେ ପ୍ରଦର୍ଶନ ଭିତରୁ ଚୟନ ହୋଇଥିବା ଖେଳାଳୀ ଅଭିଜିତ ପ୍ରସାଦ ଘଣା, ଅବିନାଶ ଖଣ୍ଡେଲୱାଲ, ଅଭିଜ୍ଞାନ ମହାନ୍ତି, ଓମପ୍ରକାଶ ମହାନ୍ତି, ପ୍ରିତଲାଲ ସିଂ, ଦିବ୍ୟଲୋଚନ ଦାସ, ଜୟରାମ ଟୁଡୁ, ବାସ୍ତବ କୁମାର, ସୁବ୍ରତ କୁମାର ସିଂ, ସଞ୍ଜୟ କୁମାର ବେହେରା, ସୃତି ରଞ୍ଜନ ନାଏକ, ଅଭିଷେକ ପରିଡା, ଦେବାଶିଷ ମହାନ୍ତ, ଶ୍ରୀମନ୍ତ ସାହୁ, ରିଶଭ ଶର୍ମା, ଆଦିତ୍ୟ କୁମାର ବସା, ଅନିକେତ ପରିଡା, ଜୟପ୍ରକାଶ ନାରାୟଣ ପାତ୍ର, ହଂସରାଜ ସାହୁ ପ୍ରମୁଖ କଟକ ଗସ୍ତ କରିଥିବାର ଜଣାଯାଇଛି। ଦଳର କୋଚ ଓ ମେନେଜର ଭାବରେ ଅମୀତ ବିଶ୍ୱାସ ମଧ୍ୟ ଗସ୍ତ କରିଛନ୍ତି। ଲିଗ ମ୍ୟାଚରେ ପ୍ରଥମେ ୫ତାରିଖରେ ଗଜପତିକୁ ଏବଂ ପରେ ଜଗତସିଂହପୁର, କୋରାପୁଟ, ସମ୍ବଲପୁର, ରାଉରକେଲା ଓ ରାୟଗଡା ଟିମକୁ ମୟୂରଭଞ୍ଜ ଦଳ ଭେଟିବା ଲାଗି କାର୍ଯ୍ୟସୂଚୀ ଥିବାର ଜଣାଯାଇଛି। ପ୍ରକାଶ ଥାଉକି ଓଡିଶା କ୍ରିକେଟ ଏସୋସିଏସନର ନିୟମ କ୍ରମେ ଦଳରେ ୧୯ ବର୍ଷରୁ କମ ୫ ଜଣ ୨୩ରୁ କମ ୩ଜଣ ଖେଳାଳୀ ଓ ୯ଜଣ ସିନିୟର ଖେଳାଳୀ ସ୍ଥାନ ପାଇଥିବା ବେଳେ, ରାଇରଙ୍ଗପୁର ଉପଖଣ୍ଡରୁ ୪ଜଣ, କରଂଜିଆରୁ ୩ଜଣ ଏବଂ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନରୁ ଖେଳାଳୀ ମାନେ ଏହି ଟିମରେ ସାମିଲ ହୋଇଥିବାର ମୟୂରଭଞ୍ଜ ଆଥଲେଟିକ ଏସୋସିଏସନର ସମ୍ପାଦକ କିଶୋର କୁମାର ବିଶ୍ୱାଳ ସୁଚନା ପ୍ରଦାନ କରିଛନ୍ତି।

## ଶବକୁ ଅସମ୍ମାନ ଘଟଣାରେ ବିଜେପି ପକ୍ଷରୁ ନିନ୍ଦା

ଜଳେଶ୍ୱର ୫/୮(ନିପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ଆରୁହା ପଂଚାୟତର ଶାଳିକୋଠା ଗ୍ରାମର ପୂର୍ଣ୍ଣ ସିଂହ ସ୍ତ୍ରୀ ନିଖୋଜର ୩ଦିନ ପରେ ନୟନଯୋରୀରୁ ଶବ ଉଦ୍ଧାର ହୋଇଥିଲା। ପୁଲିସ୍ ସହାୟତାରେ ଉଦ୍ଧାର କରାଯାଇଥିବା ଶବକୁ ବ୍ୟବଚ୍ଛେଦ ଲାଗି ଏକ ଟ୍ରଲି ରିକ୍ସାରେ ବୋହି ନେଇଥିଲେ ଜିକେ ଭଟ୍ଟର ହସ୍‌ପିଟାଲକୁ। ସରକାର ଶବକୁ ସମ୍ମାନ ଦେବାଲାଗି ଯୋଜନା କରିଛନ୍ତି। ହେଲେ ତାର ବ୍ୟତିକ୍ରମ ଏଠାରେ ଦେଖିବାକୁ ମିଳୁଛି ବୋଲି ବିଜେପି ପକ୍ଷରୁ ନିନ୍ଦା ପ୍ରସ୍ତାବ ଆଗତ କରାଯିବା ସହିତ ଏହି ଘଟଣାରେ ଜଳେଶ୍ୱରର ପ୍ରଶାସନୀକ ଅଧିକାରୀ ଓ ବିଧାୟକ କାହିଁକି ଚୁପ୍ ବସିଛନ୍ତି ବୋଲି ପ୍ରଶ୍ନ ଉଠାଇଛି ବିଜେପି। କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଜିଲା ଉପସଭାପତି ସାବିତ୍ରୀ ଜେନା, ବିଶ୍ୱରୂପ ଦାସ, ଅରୁଣ ବେଜ, ତୁଷାର ରଂଜନ ଦେ ପ୍ରମୁଖ ଉପସ୍ଥିତ ରହି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଥିଲେ।

## ମାମୀ ରାଣୀ ମହାନ୍ତି ହେଲେ ଶ୍ରୀଜଗନ୍ନାଥ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା

ଜଳେଶ୍ୱର,୦୫/୦୮ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟିରେ ଥିବା ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମାମୀରାଣୀ ମହାନ୍ତି ଅଧ୍ୟାକ୍ଷାଭାବେ ନିୟୋଜିତ ହୋଇଛନ୍ତି। ଗତ ଜୁଲାଇ ମାସ ୩୧ ତାରିଖରେ ଅଧ୍ୟକ୍ଷା ରାଜେଶ୍ୱରୀ ପାଣିଗ୍ରାହୀ ଅବସର ନେବାପରେ ଉକ୍ତ ପଦବୀ ଖାଲି ରହିଥିଲା। ଗତ ୨ତାରିଖ ଦିନ ଶ୍ରୀମତୀ ମହାନ୍ତି ଅଧ୍ୟାକ୍ଷା ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ରାଜନିତୀ ବିଭାଗରେ ୧୯୯୦ରୁ କାର୍ଯ୍ୟରତ ଥିଲେ। ଭୋଗରାଇ, କଟିସାହିର ସ୍ୱର୍ଗତ ଗଣେଶ କିଙ୍କର ମହାନ୍ତିଙ୍କ କନ୍ୟା ଅଟନ୍ତି। ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ ସେ ବିଦ୍ୟାଳୟର ବାକିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବା ସହିତ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ସହିତ ସମନ୍ୱୟ ରକ୍ଷାକରି ଛାତ୍ରଛାତ୍ରୀଙ୍କ ଶିକ୍ଷା ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ଷ୍ଟାଫ ସିଲେକ୍ସନ କମିଶନ ଦୁର୍ନୀତିର ପ୍ରତିବାଦ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କଲା ବିଜେପି ଯୁବମୋର୍ଚ୍ଚା

ବାଲେଶ୍ୱର,୦୫/୦୮ (ନି.ପ୍ର): ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ୍ ଦୁର୍ନୀତିରେ ସମ୍ପୂର୍ଣ୍ଣ ସରକାରୀ କଳର ସମ୍ପୃକ୍ତି ଥିବା ଅଭିଯୋଗ କରି ବାଲେଶ୍ୱର ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଜେପି ଯୁବମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ସ୍ୱାଧୀନ ପଣ୍ଡା ଓ ନାରାୟଣ ମହନ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ନିଯୁକ୍ତି ପ୍ରକ୍ରିୟାରେ ବିଜେପିର ବହୁ କର୍ମକର୍ତ୍ତା ଓ ସଦସ୍ୟ ରାଜ୍ୟ ସରକାରଙ୍କ ଦୁର୍ନୀତି ତୀବ୍ର ସମାଲୋଚନା କରିଥିଲେ। ଏସଏସସିର ସଦସ୍ୟଙ୍କ ବ୍ୟକ୍ତିଗତ ସଚିବ ବିରଂଚି ସାହୁ ନିକଟରୁ କୋଟି କୋଟି ଟଙ୍କା ଓ ସୁନାଗହଣା ଜବତ ଘଟଣା ରାଜ୍ୟ ସରକାରଙ୍କ ମେଧା ଚୟନ ଭିତ୍ତିକ ନିଯୁକ୍ତି ପ୍ରକ୍ରିୟା ଏକ ପ୍ରହସନ ବୋଲି ପ୍ରମାଣିତ ହୋଇଛି ବୋଲି ବିଜେପି କର୍ମକର୍ତ୍ତାମାନେ କହିଥିଲେ। ରାଜ୍ୟରେ କଳା ଶାସନ ଚଳାଇଥିବା ନବୀନ ପଟ୍ଟନାୟକଙ୍କ ସରକାର କେବଳ ବର୍ଷ ବର୍ଷ ଧରି ଦୁର୍ନୀତି ଚଳାଇଥିବା ବେଳେ ଏଥିରେ ରାଜ୍ୟ ମନ୍ତ୍ରୀମଣ୍ଡଳଠାରୁ ଅମଲାତନ୍ତ୍ର ପର୍ଯ୍ୟନ୍ତ ବହୁ ବ୍ୟକ୍ତିଙ୍କର ସମ୍ପୃକ୍ତି ଥିବା ନେତାମାନେ କହିଥିଲେ। ଏହି ଅବସରରେ ବିଜେପି ଯୁବମୋର୍ଚ୍ଚା କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟ ବିପିନ ମାରାଣ୍ଡି, ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଶାହା, ସୁବୋଧଚନ୍ଦ୍ର ପଣ୍ଡା, ଯୁବମୋର୍ଚ୍ଚା ମିଡିଆ ସଂଯୋଜକ ଶୋଭାକର ସାହୁ, ତପନ ରାଉତ, ଜିତୁ ସାହୁ, ପଙ୍କଜ ଦାସ, ରାଜେଶ ବେହେରା, ଚିତରଞ୍ଜନ ସେଠୀ, ବିଶାଳ ଜୈନ, ସତ୍ୟନାରାୟଣ ଗିରି, ପ୍ରଦୀପ୍ତ ଦାସ, ଶୁଭେନ୍ଦୁ ଦାସ, ଗୌତମ ବରାଳ, କାଳିଚରଣ ସିଂ, ମଧୁମିତା ମୁର୍ମୁ, ପ୍ରଦୀପ ଦାସ, ରାହୁଲ କୁମାର ଦାସ, ସଞ୍ଜୟ ପ୍ରଧାନ ପ୍ରମୁଖ ଏହି ବିକ୍ଷୋଭ ସମାବେଶରେ ଅଂଶଗ୍ରହଣ କରିଥିଲେ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୧ ଗିରଫ

ଭୁବନେଶ୍ୱର,୦୫/୦୮ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୧ ଜଣଙ୍କୁ ଗିରଫ ଜବତ କରା ଯାଇଛି। ୧୦୫୮ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୨୪,୧୮,୬୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି।

# ବାରିପଦାରୁ ପ୍ରଥମଥର ପାଇଁ ଗଡିଲା ବିଦ୍ୟୁତ ଚାଳିତ ରେଳଇଞ୍ଜିନ



ବାରିପଦା,୦୫/୦୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ରାଜତନ୍ତ୍ର ସମୟରୁ ସ୍ଥାପିତ ହୋଇଥିବା ରେଳ ଚଳାଚଳରେ ଯୋଡି ହୋଇଛି ଆଉ ଏକ ନୁତନ ଅଧ୍ୟାୟ। ବାରିପଦା ଠାରୁ ସାଲିମାର (ପଶ୍ଚିମବଙ୍ଗ)କୁ ସକାଳ ୬.୩୦ମିନିଟ ସମୟରେ ପ୍ରଥମ କରି ବିଦ୍ୟୁତ ଚାଳିତ ରେଳ ଗଡିବାର ଶୁଭାରମ୍ଭ ହୋଇଛି। ପୂର୍ବତନ ମୋରଡା ବିଧାୟକ ତଥା ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ରେଳବୋର୍ଡ ସଦସ୍ୟ ହେମନ୍ତ ଶାହା ପ୍ରମୁଖ ସବୁଜ ପତାକା ଦେଖାଇ ବାରିପଦା ଷ୍ଟେସନରୁ ଏହାର ଶୁଭାରମ୍ଭ କରିଛନ୍ତି। ରାଜତନ୍ତ୍ର ସମୟରେ ଏହା ନେରୋଗେଜ ସହିତ ଷ୍ଟିମ ଇଞ୍ଜିନ ଦ୍ୱାରା ବାଙ୍ଗିରୀପୋଷି ଠାରୁ ରୁପ୍ସା ପର୍ଯ୍ୟନ୍ତ ରେଳ ଚଳାଚଳ କରୁଥିଲା। ପରେପରେ ଏହା ବ୍ରଡ୍ ଗେଜରେ ପରିବର୍ତ୍ତିତ ହେବା ସହ ବାଙ୍ଗିରୀପୋଷିରୁ ଭୁବନେଶ୍ୱର ସୁପରଫାଷ୍ଟ, ବାଙ୍ଗିରୀପୋଷି ରୁ ବାଲେଶ୍ୱର ଡି.ଏମ୍.ୟୁ ଓ ବାରିପଦା ଠାରୁ ସାଲିମାର ପର୍ଯ୍ୟନ୍ତ ଟ୍ରେନ ଡିଜେଲ ଇଞ୍ଜିନ ଦ୍ୱାରା ଚଳପ୍ରଚଳ କରୁଥିଲା। ଏବେ ବିଦ୍ୟୁତ କରଣ କାମ ବାରିପଦା ପର୍ଯ୍ୟନ୍ତ ଶେଷ ହୋଇଯାଇଥିବା ଯୋଗୁଁ ଆଜି ପ୍ରଥମ କରି ଶାଲୀମାର ଟ୍ରେନକୁ ବିଦ୍ୟୁତ ଇଞ୍ଜିନ ସଂଯୋଗୀକରଣ କରାଯାଇ ରେଳ ଚଳାଚଳ କରାଯାଇଛି। ଖୁବଶିଘ୍ର ଏହା ବାଙ୍ଗିରୀପୋଷି ପର୍ଯ୍ୟନ୍ତ ହୋଇଯିବ ବୋଲି ମଧ୍ୟ କୁହାଯାଇଛି। ତେବେ ଏହି ରେଳ ଚଳାଚଳ ବିଦ୍ୟୁତ ଦ୍ୱାରା ପରିଚାଳିତ ହେବା ଦ୍ୱାରା ଏବଂ କଲିକତାକୁ ସିସାସଳଖ ରେଳ ଚଳାଚଳ କରିବା ଦ୍ୱାରା ମୟୂରଭଞ୍ଜ ବାସୀ ବହୁତ ଲାଭବାନ ହେବେ ବୋଲି ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ କହିଛନ୍ତି। ବାରିପଦା ଷ୍ଟେସନ ମେନେଜର ରଣଜିତ କୁମାର ମହାନ୍ତି ସମସ୍ତ କାର୍ଯ୍ୟର ସୁପରି ଚାଳନା କରିଥିଲେ।

# କଣ୍ଟ୍ରାକ୍ଟରଙ୍କୁ ଧମକ ଓ ଅପହରଣ ଉଦ୍ୟମ ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ଗିରଫ

ପାରାଦ୍ୱୀପ,୦୫/୦୮ (ନି.ପ୍ର): ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ କମ୍ପାନୀ ର ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର ଙ୍କୁ ଧମକ ଓ ଅପହରଣ ଉଦ୍ୟମ ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପାରାଦ୍ୱୀପ ଆଦର୍ଶ ଥାନା। ଘଟଣାରୁ ପ୍ରକାଶଯେବୁଧବାର ରାତି ପ୍ରାୟ ୧୦.୩୦ ସମୟରେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ କମ୍ପାନିରକନଭେୟର ବେଲ୍ଟରେ କୋର୍ଗୋ ଲୋଡିଂ ଚାଲିଥିବା ବେଳେ ଠିକାଦାରଙ୍କ ତିନିଜଣ ଟେକ୍ନିସିଆନ ତଦାରଖ କରୁଥିଲେ। ଉକ୍ତ ସମୟରେ ୪ ଜଣ ଯୁବକ ଉକ୍ତ ସ୍ଥାନରେ ପହଞ୍ଚି ସେମାନଙ୍କୁ ସହଦେବ ସାମନ୍ତରାୟ ଡାକୁଥିବା କହିବା ସହିତ ସେମାନଙ୍କୁ ମାଡ ମାରି ଜବରଦସ୍ତି ଅପହରଣ କରିବାକୁ ଉଦ୍ୟମ କରିଥିଲେ। ସେଠାରେ ନିୟୋଜିତ ସିକ୍ୟୁରିଟିକମ୍ପାନୀକୁ ଜଣାଇବା ସହିତ ଯୁବକ ମାନଙ୍କୁ ପ୍ରତିରୋଧ କରିଥିଲେ। ଘଟଣାସ୍ଥଳରେ ଲୋକ ଜମା ହେବା ସହିତ କମ୍ପାନୀ ର ଅନ୍ୟ କର୍ମଚାରୀ ପହଞ୍ଚିବାରୁ ସମ୍ପୃକ୍ତ ଯୁବକମାନେ ଟେକ୍ନିସିଆନମାନଙ୍କୁ ଛାଡି ପାଳାଇଯାଇଥିଲେ। ଘଟଣା ସମ୍ପର୍କରେ କମ୍ପାନୀ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ଦିଆଯିବା ପରେ, ପାରାଦ୍ୱୀପ ଆଦର୍ଶ ଥାନା ପକ୍ଷରୁ ମୁଖ୍ୟ ଅଭିଯୁକ୍ତ ସହଦେବ ସାମନ୍ତରାୟ ଙ୍କୁ ଗିରଫ କରାଯିବା ସହିତ କୋର୍ଟ ଚାଲାଣ କରାଯିବାସହ ତଦନ୍ତ ଜାରି ରଖିଛି।

# ମନ୍ଦିରରେ ସର୍ବସାଧାରଣଙ୍କ ଦର୍ଶନକୁ ଅନୁମତି ପାଇଁ ହିନ୍ଦୁ ଜାଗରଣ ମଞ୍ଚର ଦାବି

ଭଦ୍ରକ,୦୫/୦୮ (ନି.ପ୍ର): କରୋନା ମହାମାରୀ ପାଇଁ ସବୁଠି ଲକଡାଉନ୍ ଜାରୀ ହୋଇଥିଲା। ଏହି କ୍ରମରେ ସମସ୍ତ ଦେବଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନ ବନ୍ଦ ରହିବା ସହ ସାଧାରଣ ଶ୍ରଦ୍ଧାଳୁଙ୍କୁ ମନ୍ଦିର ଦର୍ଶନ ମନା ଥିଲା। ସାଧାରଣ ହିତରେ ଜାରୀ ଏହି ଲକଡାଉନ ଓ ସରକାରୀ କଟକଣାକୁ ସମସ୍ତ ଶ୍ରଦ୍ଧାଳୁ ମାନି ଆସିଥିଲେ। କିନ୍ତୁ ଇତି ମଧ୍ୟରେ ଅଗଷ୍ଟ ମାସ ୧ ତାରିଖ ଠାରୁ ଏହି କଟକଣାକୁ ବହୁମାତ୍ରାରେ କୋହଳ କରାଯାଇଛି। ଏହାବ୍ୟତୀତ ପରିସ୍ଥିତିକୁ ଦେଖି ଆବଶ୍ୟକ ନିଷ୍ପତ୍ତି ନେବାକୁ ଜିଲ୍ଲାପାଳଙ୍କୁ ରାଜ୍ୟ ସରକାର କ୍ଷମତା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ଦିରରେ ପୂଜାର୍ଚ୍ଚନା ସହିତ ଦିଅଁ ଦର୍ଶନ ପାଇଁ ଅନୁମତି ଦେବାକୁ ବହୁ ପୂଜାକଙ୍କ ସମେତ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଜରିଆରେ ଅନୁରୋଧ କରାଯାଇଛି। ମଞ୍ଚର ସଭାପତି ସୁବୋଧ କୁମାର ସାହୁଙ୍କ ସମେତ ବିଭାଗ ସଂଯୋଜକ ପ୍ରେମାନନ୍ଦ ବେହେରା, ନଗର ସଂଯୋଜକ ମନୋରଂଜନ ନାୟକ, ସହ ସଂଯୋଜକ ବିଜୟ କୁମାର ଜେନା, ପୂଜକ ରସିକ ଶିରୋମଣୀ ଦିକ୍ଷୀତ ଜିଲ୍ଲାପାଳଙ୍କୁ ଗୁରୁବାର ସାକ୍ଷାତ କରି ଏ ସମ୍ପର୍କରେ ଅନୁରୋଧ କରିଛନ୍ତି। ଗତ ୨ବର୍ଷ ଧରି କରୋନା କଟକଣା ପାଇଁ ମନ୍ଦିର ବନ୍ଦ ରହିଛି। ଫଳରେ କୌଣସି ଶ୍ରଦ୍ଧାଳୁ ଦେବାଳୟକୁ ଆସୁ ନାହାନ୍ତି। ଶ୍ରଦ୍ଧାଳୁମାନେ ଦେବପୂଜା ସହିତ ପୂଜକମାନଙ୍କୁ ଦକ୍ଷୀଣା ଦେଇଥାନ୍ତି। ସେମାନଙ୍କ ଦାନ ଦକ୍ଷୀଣାରେ ପୂଜକମାନଙ୍କ ପରିବାର ପ୍ରତିପୋଷଣ ହୋଇଥାଏ। ଫଳରେ ପୂଜକ ଗୋଷ୍ଠୀ ଗତ ୨ବର୍ଷ ଧରି ଆର୍ଥୀକ ଅନାଟନ ମଧ୍ୟରେ ଗତି କରୁଛନ୍ତି। ତେଣୁ ପ୍ରଶାସନ କୋଭିଡ କଟକଣା ମଧ୍ୟରେ ଶ୍ରଦ୍ଧାଳୁଙ୍କୁ ଦେବ ଦର୍ଶନ ପାଇଁ ଅନୁମତି ଦେଲେ, ପୂଜକ ଶ୍ରେଣୀ ଏହା ଦ୍ୱାରା ଉପକୃତ ହୋଇ ପାରନ୍ତେ। ତେଣୁ ତୁରନ୍ତ ସମସ୍ତ ଦେବାଳୟ ଖୋଲିବାକୁ ପ୍ରଶାସନ ଅନୁମତି ଦେବାକୁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି ରଖିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବେଣୁଧର ପାଣିଗ୍ରାହୀ, ଅମରେନ୍ଦ୍ର ପଣ୍ଡା, କ୍ଷୀରୋଦ ଭଟ୍ଟାଚାର୍ଯ୍ୟ, ଶ୍ୟାମ ପ୍ରସାଦ ଶତପଥୀ, ରବିନାରୟଣ ଦାଶ, ବିଦେଶ କୁମାର ପତ୍ରୀ, ମାନଗୋବିନ୍ଦ ପାଣିଗ୍ରାହୀ, ମଦନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ପଦୋନ୍ନତି ପାଇଥିବା ୯ ଜଣ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର, ୦୫/୮(ନିପ୍ର): ବାଲେଶ୍ୱର ଜିଲାରରେ ୭୩ ଜଣ ହାଇସ୍କୁଲ ଶିକ୍ଷକ ପ୍ରଧାନ ଶିକ୍ଷକଭାବେ ପଦୋନ୍ନତି ପାଇଥିବା ବେଳେ ଜଳେଶ୍ୱର ବ୍ଲକରେ ୯ଜଣ ପଦୋନ୍ନତି ପାଇଛନ୍ତି। ଖୁଲୁଡା ଶୀତଳା ଉଚ୍ଚ ବିଦ୍ୟାଳୟରେ ଡ. ଅଜିତ୍ କୁମାର ମହାନ୍ତି, ସମ୍ପଡିଆ ନିଗମାନନ୍ଦଉଚ୍ଚ ବିଦ୍ୟାଳୟରେ ବିଦ୍ୟାପତି ଦେ, ଶାଳିକୋଠାର ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟରେ ହରେକୃଷ୍ଣ ଜେନା, ପଶ୍ଚିମବାର୍ଡ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ମନୋଜ ମହାନ୍ତି, ଜମାଳପୁର ବିଏନ୍ ଏକାଡେମୀରେ ଅଜୟ କୁମାର ଦାସ, ଭେଲୋରା ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ରାଜେନ୍ଦ୍ର ଦତ୍ତ, ବାଗପୁଞ୍ଜିର ଏ.ସି.ଦେବ ଉଚ୍ଚ ବିଦ୍ୟାଳୟରେ ପଞ୍ଚାନନ ସାଉ, ଗଡସାହିବାଲିଆପାଳର ଏସ ଆର ସରକାରୀ ଉଚ୍ଚ ବିଦ୍ୟାଳୟରେ ଯୁଗଳ କିଶୋର ଜେନା, ଗୁଆଗଡିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶରତ କୁମାର ଚନ୍ଦ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇଛନ୍ତି। ଓଷ୍ଟା ଜଳେଶ୍ୱର ଶାଖା ପକ୍ଷରୁ ପ୍ରଧାନ ଶିକ୍ଷକ ମାନଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଜ୍ଞାପନ କରାଯାଇଥିବା ବେଳେ ଓଷ୍ଟା ଜିଲା ସଂପାଦକ ମନୋରଂଜନ ଦାସ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଉପରୋକ୍ତ ୯ଜଣ ଶିକ୍ଷକ ମଧ୍ୟରୁ ୭ଜଣ ବିଜ୍ଞାନ ଶିକ୍ଷକ ରହିଥିବାରୁ ଅବିଳମ୍ବେ ସେମାନଙ୍କ ସ୍ଥାନରେ ବିଜ୍ଞାନ ଶିକ୍ଷକ ନିଯୁକ୍ତ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି।

# ଦିନକରେ ୫୯ ନୂଆ କରୋନା ସଂକ୍ରମିତ

ବାଲେଶ୍ୱର,୦୫/୦୮ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ମାତ୍ର ୫୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ରାଣୀପାଟଣାରୁ ୩ଜଣ, ତେଲେଙ୍ଗାସାହିରୁ ୨ଜଣ, ସହଦେବଖୁଂଟାରୁ ୨ଜଣ, ନେଳିଆବାଗରୁ ୨ଜଣଙ୍କ ସମେତ ମାନସିଂବଜାର, ଗୋପାଳଗାଁ, ସୁନହଟ, ବୈରାମନଗର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ରହିଛନ୍ତି। ସେହିଭଳି ବାହାନାଗା ବ୍ଲକରୁ ଜଣେ, ବାଲିଆପାଳ ବ୍ଲକରୁ ୭ଜଣ, ବସ୍ତା ବ୍ଲକରୁ ୬ଜଣ, ଭୋଗରାଇ ବ୍ଲକରୁ ୬ଜଣ, ଜଳେଶ୍ୱର ବ୍ଲକରୁ ୨ଜଣ, ନୀଳଗିରି ବ୍ଲକରୁ ୧୦ଜଣ, ରେମୁଣା ବ୍ଲକରୁ ୪ଜଣ, ସଦର ବ୍ଲକରୁ ୮ଜଣ, ସିମୁଳିଆରୁ ଜଣେ ଓ ସୋର ବ୍ଲକରୁ ୨ଜଣ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ତେବେ ସମସ୍ତ ନୂଆ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଇଛି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୮,୨୬୫ରେ ପହଞ୍ଚିଥିବା ବେଳେ ଏବେ ସୁଦ୍ଧା ୩୭,୨୮୩ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଏବେ ସକ୍ରିୟ ଥିବା ୭୮୦ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୭୧୯ଜଣ ଗୃହ ସଙ୍ଗରୋଧରେ ଏବଂ ୫୧ଜଣ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ଘଣ୍ଟା ମଧ୍ୟରେ ୩୧ ଓ ୮୦ବର୍ଷର ଦୁଇ ଜଣ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘୋଷଣା କରାଯାଇଥିବା ବେଳେ ଜିଲାରେ ଏବେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୯୭ରେ ପହଞ୍ଚିଥିବା ସରକାରୀ ୱେବସାଇଟରେ ସୂଚନା ଦିଆଯାଇଛି। ଜିଲାରେ ଚାଲିଥିବା ସ୍ୱତନ୍ତ୍ର ପର୍ଯ୍ୟାୟ ଟିକାକରଣରେ ଦିନକରେ ଆଜି ମୋଟ ୧୬,୧୬୨ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ଅଦ୍ୟାବଧି ଜିଲାରେ ମୋଟ ୮,୫୧,୨୫୮ପାନ ଟିକା ପ୍ରଦାନ କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୬,୬୪,୦୩୦ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୦୫/୦୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୬,୬୪,୦୩୦ ନମୂନାର ପରୀକ୍ଷଣ କରା ଯାଇଛି। ଏହା ସହିତ ଦେଶରେ ବର୍ତ୍ତମାନ ସୁଦ୍ଧା ୪୭,୪୮,୯୩,୩୬୩ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି।

# ଅରୁଣ ଦେଙ୍କ ବିୟୋଗରେ ବିରଳା ଟାୟାର୍ସ ଏମ୍ପ୍ଲୋଇଜ ଏଣ୍ଡ ୱାର୍କର୍ସ ୟୁନିୟନର ଶୋକସଭା



ବାଲେଶ୍ୱର,୦୫/୦୮ (ନି.ପ୍ର): ବିରଳା ଟାୟାର୍ସ ଏମ୍ପ୍ଲୋଇଜ ଏଣ୍ଡ ୱାର୍କର୍ସ ୟୁନିୟନ ପକ୍ଷରୁ ଓଡ଼ିଶାର ଅନ୍ୟତମ ବିଶିଷ୍ଟ ଶ୍ରମିକ ନେତା, ଦକ୍ଷ ରାଜନୀତିଜ୍ଞ ତଥା ବାଲେଶ୍ୱରର ପୂର୍ବତନ ବିଧାୟକ ଅରୁଣ ଦେଙ୍କ ବିୟୋଗରେ ଏକ ଶୋକସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଦେଙ୍କ ବାସଭବନରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ଆଲୋକ କୁମାର ଦାଶ ସଭାପତିତ୍ୱ କରିଥିଲେ। ସଂଗଠନର ସମ୍ପାଦକ ଶରତ କୁମାର ଦାସ, କାର୍ଯ୍ୟକାରୀ ସଭାପତି ଭୋଳାନାଥ ବେହେରା, ଉପ-ସଭାପତି ପୀତାମ୍ବର ମହାପାତ୍ର ଓ ଚିତ୍ତରଂଜନ ବେହେରା, ସାଂଗଠନିକ ସମ୍ପାଦକଚିତ୍ତରଂନ ଦତ୍ତ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବରିଷ୍ଠ ସାମ୍ବାଦିକ ରଂଜନ ବାଗ, ବିଷ୍ଣୁପ୍ରସାଦ ମହାନ୍ତି, ରଂଜନ ପ୍ରଧାନ, ବଂଶୀଧର ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଦେଙ୍କ ସାଂଗଠନିକ ଦକ୍ଷତା, ରାଜନୈତିକ ଜୀବନଧାରା ଓ ଜନସେବା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ବାଲେଶ୍ୱରରୁ ବିଧାୟକ ଭାବେ ୫ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ଏହି ବିଚକ୍ଷଣ ରାଜନୈତିଜ୍ଞ ସଂକିର୍ଣ୍ଣ ରାଜନୀତିରୁ ସର୍ବଦା ଊର୍ଦ୍ଧ୍ୱରେ ରହୁଥିଲେ। ସେ ସର୍ବଦା ଜଣେ ସାଧାରଣ ଲୋକଙ୍କ ଭଳି ଜୀବନ ବିତାଉଥିବା ବେଳେ ତାଙ୍କ ନିକଟକୁ କୌଣସି କାର୍ଯ୍ୟ ପାଇଁ ସବୁଦଳର ଲୋକଙ୍କ ପାଇଁ ଅବାଧ ପ୍ରବେଶ ଥିଲା ବୋଲି ବକ୍ତାମାନେ ଏହି ଶୋକସଭାରେ ପ୍ରକାଶ କରିଥିଲେ। ଜଣେ ସର୍ବଦଳୀୟ ନେତା ଭାବେ ବାଲେଶ୍ୱରର ବିକାଶ ଦିଗରେ ସେ ସବୁବେଳେ ଚିନ୍ତା କରିଆସୁଥିଲେ। ତାଙ୍କର ବିୟୋଗ କେବଳ ବାଲେଶ୍ୱର ଜିଲା ନୁହେଁ ବରଂ ଓଡ଼ିଶା ପାଇଁ ଅପୂରଣୀୟ କ୍ଷତି ବୋଲି ଏହି ଶୋକସଭାରେ ମତ ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ତାଙ୍କର ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିରଳା ଟାୟାର୍ସ ଏମ୍ପ୍ଲୋଇଜ ଏଣ୍ଡ ୱାର୍କର୍ସ ୟୁନିୟନର ଓ କର୍ମକର୍ତ୍ତା, ସଦସ୍ୟଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## କ୍ରାନ୍ତି ଦିବସରେ ଜିକେ ଭଞ୍ଜ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ ଏବଂ ୨୪ ତାରିଖରେ ଆର୍‌ଆଇ ଅଫିସ୍ ସମ୍ମୁଖରେ ଧାରଣାରେ ବସିବ କଂଗ୍ରେସ

ଜଳେଶ୍ୱର,୦୫/୦୮ (ନି.ପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀସ୍ତରୀୟ କଂଗ୍ରେସର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ଶୋଭା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଉପସଭାପତିଭାବେ ନଗେନ୍ଦ୍ର ସିଂ, ସାଧାରଣ ସମ୍ପାଦକ ଭାବେ ହେମନ୍ତ ଗିରି, ସମ୍ପାଦକ ଭାବେ ରବିନ୍ଦ୍ର ଭଂଜ, ସାମାଜିକ ଗଣମାଧ୍ୟମ ସମ୍ପାଦକଭାବେ ଅଂଜନ ସିଂ ଏବଂ ଖଗେନ୍ଦ୍ର ସାମଲଙ୍କୁ ଜିଲା ସଭାପତି ସଂଜୀବ ଗିରିଙ୍କୁ ଉତ୍ତରୀୟ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜଳେଶ୍ୱରରେ ସ୍ୱାସ୍ଥ୍ୟସେବା ସମସ୍ୟାକୁ ନେଇ ଆସନ୍ତା କ୍ରାନ୍ତି ଦିବସରେ ଜିକେ ଭଞ୍ଜ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ, ଭୂମିହୀନଙ୍କୁ ପଟ୍ଟା, କାଳିଆ ଯୋଜନାରେ ଚାଷୀଙ୍କୁ ସାମିଲ ଇତ୍ୟାଦି ପ୍ରସଙ୍ଗ ନେଇ ଅଗଷ୍ଟ ୨୪ରେ ସମସ୍ତ ଆର୍‌ଆଇ ଅଫିସ୍ ଘେରିବ ବୋଲି କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ଏଥିରେ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ରାଜୀବ ପରିଡା, ଟାଉନ୍ ସଭାପତି ଗିରିଜା ଶଂକର ଦାସ, କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ସତ୍ୟ ନାରାୟଣ ଗୁପ୍ତା, ସତ୍ୟ ସୁନ୍ଦର ଦାସ, ସବ୍ୟସାଚୀ ଦାସ, ଗୋପାଳକୃଷ୍ଣ ଜେନା, ମଦନ ପାତ୍ର, ରାଧାରାଣୀ ପାତ୍ର, ସଂଜୁଲତା ପଣ୍ଡା, କାବେରୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଓ.ଏସ.ଏସ.ସି ମହାଦୁର୍ନୀତି ପ୍ରତିବାଦରେ ବିଜେପି ଯୁବମୋର୍ଚ୍ଚାର ବିକ୍ଷୋଭ




ବାରିପଦା,୦୫/୦୮ (ନି.ପ୍ର): ବାରିପଦା ଠାରେ ମୟୁରଭଞ୍ଜ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଓ.ଏସ.ଏସ.ସି ବିଭାଗରେ ହୋଇଥିବା ଲାଂଚ କାରବାର ତଥା ଦୁର୍ନୀତି ବିରୋଧରେ ଯୁବ ସଭାପତି ବଳରାମ ସାହୁଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବଥିଲା। ଓଡିଶା ସରକାରଙ୍କ ଷ୍ଟାଫ୍ ସିଲେକ୍ସନ କମିଶନ ଏକ ଚାକିରୀ ବିକ୍ରି କମିଶନରେ ପରିଣତ ହୋଇଛି ବୋଲି ବିଜେପି ଯୁବମୋର୍ଚ୍ଚା ପ୍ରକାଶ କରିଛି ଏବଂ ଏହି ମହାଦୁର୍ନୀତି ର ସିବିଆଇ ତଦନ୍ତ ଦାବି କରିଛି। ମେଧା ବଦଳରେ ଟଙ୍କା କାରବାର କରି ରାଜ୍ୟ ସରକାର ବହୁ ଯୋଗ୍ୟ ଶିକ୍ଷିତ ଛାତ୍ରଛାତ୍ରୀ ଙ୍କ ଭବିଷ୍ୟତ ସହିତ ଖେଳୁଥିବା କହି ବିଜେପି ମୟୁରଭଞ୍ଜ ଯୁବମୋର୍ଚ୍ଚା ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଏହି ବିକ୍ଷୋଭରେ ଜିଲ୍ଲା ବିଜେପି ସଭାପତି କାନ୍ଦ୍ରା ସରେନ, ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସରେନ, ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ ସହରାଂଚଳ କମିଟି ସଂଯୋଗକ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସାରସକଣା ବିଧାୟକ ଡ. ବୁଢ଼ାନ ମୁର୍ମୁ, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସୁଜାତା ମୁର୍ମୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ର, ବିଜୟ ଦାସ, କବି ବିଷ୍ଣୁ ଶତପଥୀ, ମହିଳାମୋର୍ଚ୍ଚା ସଭା ନେତ୍ରୀ ସରୋଜିନୀ କିସ୍କୁ, ଶୋଭାବତୀ ଓତା, ସୁମନ ସିଂ, କୁମାର ମଙ୍ଗଳମ, ସୁକୁଲ ମୁର୍ମୁ, ଦେବାନନ୍ଦ ମୁର୍ମୁ, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମଣ ତ୍ରିପାଠୀ, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦେବବ୍ରତ ସାମଲ, ଉପସଭାପତି ସୋମନାଥ ବେହେରା, ଜ୍ୟୋର୍ତିମୟୀ ପରିଡା, ନଗର ସଭାପତି ନିରଞ୍ଜନ ଦାଶ, ନଗର ଯୁବ ସଭାପତି ସାଗର ପାତ୍ର, ଜଗଦୀଶ ବିନ୍ଧାଣୀ, ସସ୍ମିତା ବେହେରା, ସସ୍ମିତା ପୃଷ୍ଟି, ହେମଲତା ଦାସ, ବିନୋଦ ହେମ୍ବ୍ରମ, ଶଶିକାନ୍ତ ମହାପାତ୍ର, ରାମଚନ୍ଦ୍ର ଟୁଡୁ, କୁନା ମହାନ୍ତ, ମନୋଜ ବେହେରା, ନୟନ ଦାସ, ଚିନ୍ମୟ ପଲେଇ, ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବିଧାନସଭା ପରିସରରେ ପଣ୍ଡିତ ନୀଳକଣ୍ଠ ଦାଶଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୦୫/୦୮ (ନି.ପ୍ର): ଭାରତୀୟ ସ୍ୱାଧୀନତା ସଂଗ୍ରାମର ବିଶିଷ୍ଟ ସାରଥୀ, ଦାର୍ଶନିକ, କବି, ବିଶିଷ୍ଟ ବ୍ୟବସ୍ଥାପକ, ସଂସ୍କାରକ ପଣ୍ଡିତ ନୀଳକଣ୍ଠ ଦାଶଙ୍କ ୧୩୭ତମ ଜୟନ୍ତୀ ବିଧାନସଭା ପରିସରରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଉପବାଚସ୍ପତି ରଜନୀକାନ୍ତ ସିଂ ଯୋଗ ଦେଇ ପଣ୍ଡିତ ନୀଳକଣ୍ଠ ଦାଶଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ପଣ୍ଡିତ ନୀଳକଣ୍ଠ ଦାଶଙ୍କ ଅତୁଳନୀୟ ଅବଦାନ ରହିଥିବା ସହ ଜଣେ ବିଶିଷ୍ଟ ବ୍ୟବସ୍ଥାପକ ରୂପେ ଭାରତୀୟ ସାମ୍ବିଧାନିକ ଇତିହାସରେ ଚିରସ୍ମରଣୀୟ ରହିବେ ବୋଲି ଉପବାଚସ୍ପତି ଶ୍ରୀ ସିଂ ପ୍ରକାଶ କରିଥିଲେ।

# ନିମ୍ନମାନର ମନ୍ଦିର ଉନ୍ନତିକରଣ କାର୍ଯ୍ୟକୁ ନେଇ ସେବାୟତଙ୍କ ଧାରଣା



ବାରିପଦା,୦୫/୦୮ (ନି.ପ୍ର): ୨ୟ ଶ୍ରୀକ୍ଷେତ୍ର ଭାବରେ ପରିଚିତ ବାରିପଦାର ଶ୍ରୀଶ୍ରୀ ହରିବଳଦେବ ଜୀଉ ମହାପ୍ରଭୁଙ୍କ ମନ୍ଦିରର ଉନ୍ନତି କରଣ କାର୍ଯ୍ୟ ନିମ୍ନମାନର ହେଉଥିବାର ଅଭିଯୋଗ ଆଣି ମନ୍ଦିର ସମ୍ମୁଖରେ ଧାରଣା ଦେଲେ ସେବାୟତ। ସୂଚନା ଅନୁଯାୟୀ ନିର୍ବାଚନ ପୂର୍ବରୁ ବହୁବାର ଦାବୀ ପରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ମନ୍ଦିରର ଉନ୍ନତିକରଣ ପାଇଁ ୫ କୋଟି ଟଙ୍କାର ସହାୟତା ରାଶି ମିଳିଛି। ଏବେ ମନ୍ଦିରର ଉନ୍ନତି କରଣ ତଥା ସଜ୍ଜି କରଣ କାର୍ଯ୍ୟ ମଧ ଚାଲିଛି। ତେବେ ଏହି ଉନ୍ନତି କରଣ କାର୍ଯ୍ୟ ଭୁବନେଶ୍ୱର ଓବିସିସି ସଂସ୍ଥା ମାଧ୍ୟମରେ ଚାଲୁ ରହିଥିବା ବେଳେ, ମନ୍ଦିରର ସେବାୟତ ମାନେ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ସେବାୟତ ମାନଙ୍କ ଅଭିଯୋଗ ମୁତାବକ ମନ୍ଦିରର ଭଲ ସ୍ଥାନ ତଥା ନିର୍ମାଣ ଗୁଡିକୁ ଭାଙ୍ଗି ନଷ୍ଟ କରାଯାଉଥିବା ବେଳେ, ଯାହା ଆବଶ୍ୟକତା ଅଛି ତାହା କରାଯାଉ ନାହିଁ। ରୋଷଘର ନିର୍ମାଣ ଠିକ ଭାବରେ ହୋଇ ନଥିବାରୁ ସେବାୟତ ମାନଙ୍କୁ ହଇରାଣ ହେବାକୁ ପଡୁଛି। ସେହିପରି ମନ୍ଦିର ପାହାଚ, ନାଟ ମନ୍ଦିର ଆଦି ସ୍ଥାନରେ ଖଣ୍ଡଲାଇଟ ଟାଇଲ ଲଗାନଯାଇ ଗ୍ରାନାଇଟ ଲଗାଯିବା ଫଳରେ ପାଣିପଡି ସହଜରେ ଖସଡା ହୋଇ ଯାଉଥିବାରୁ ବିଭିନ୍ନ ସମୟରେ ସେବାୟତ ମାନେ ପାଦ ଖସାଇ ପଡିଯାଇ ଆହତ ହେଉଛନ୍ତି ଏବଂ ଆଗାମୀ ଦିନରେ ମନ୍ଦିର ସମ୍ପୂର୍ଣ୍ଣ ଖୋଲା ଗଲେ ଭକ୍ତମାନେ ମଧ ପଡି ଆହତ ହେବେ। ମନ୍ଦିର ବେଢା ଭିତରେ ପୂର୍ବରୁ ରହିଥିବା ମାଙ୍କଡା ପଥରକୁ ନଉଠାଇ ତା ଉପରେ ଖଣ୍ଡଲାଇଟ ମାର୍ବଲ ଲଗାଯାଉଛି। ଏଣୁ ଚାଲିଥିବା ମନ୍ଦିର ଉନ୍ନତିକରଣ କାର୍ଯ୍ୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ଠିକ ଭାବରେ ନିର୍ମାଣ କରାଯିବାକୁ ଧାରଣା ମାଧ୍ୟମରେ ଦାବୀ କରିଛନ୍ତି ସେବାୟତ ମାନେ।

## ‘ଡିଆଇପିଆରଓ’ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାଲେଶ୍ୱର,୦୫/୦୮ (ନି.ପ୍ର): ବାଲେଶ୍ୱରରୁ ଭଦ୍ରକକୁ ବଦଳି ହୋଇ ଯାଉଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆରଓ) ରମେଶ ଚନ୍ଦ୍ର ନାୟକଙ୍କୁ ସାମ୍ବାଦିକ ମହଲରୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ସାମ୍ବାଦିକ ପ୍ରକୋଷ୍ଠରେ ଆୟୋଜିତ ସମ୍ବର୍ଦ୍ଧନା ପର୍ବରେ ବର୍ଷୀୟାନ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ବାଲେଶ୍ୱରର ପୂର୍ବତନ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହରମୋହନ ଜେନା, ସମାଜ ବାଲେଶ୍ୱର ସଂସ୍କରଣ ଡେସ୍କ ଇନଚାର୍ଜ ଶଶିରଂଜନ ମଲିକ, ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି, ଉଜ୍ଜ୍ୱଳ ଚନ୍ଦ୍ର କର, ଉବାଚକ ମହାନ୍ତି, ଅପର୍ଣ୍ଣା ମହାପାତ୍ର, ସନ୍ଦୀପ୍ତ କୁମାର ଦାସ, ଗୟାଧର କର, ପଦ୍ମଲୋଚନ ମହାନ୍ତି, ବ୍ରହ୍ମାନନ୍ଦ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇ ଶ୍ରୀ ନାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ବାଲେଶ୍ୱରରେ ସ୍ୱଳ୍ପ ସମୟର ରହଣି ମଧ୍ୟରେ ଶ୍ରୀ ନାୟକ ପ୍ରଶାସନ ଓ ସାମ୍ବାଦିକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଚାଲିଥିଲେ। ଜଣେ ଅମାୟିକ ଓ ବିବାଦଶୂନ୍ୟ ଅଧିକାରୀ ଭାବେ ଶ୍ରୀ ନାୟକ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ। ନିଜର କାର୍ଯ୍ୟଦକ୍ଷତା ଯୋଗୁଁ ଲାଇବ୍ରେରିଆନରୁ ଚାକିରି ଆରମ୍ଭ କରି ଶେଷରେ ସେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଦରେ ପହଞ୍ଚି ପାରିଥିଲେ ବୋଲି ସମସ୍ତେ କହିଥିଲେ। ଯେଉଁଠିକି ଗଲେ ବି ସେଠାକାର କାର୍ଯ୍ୟକ୍ଷେତ୍ରରେ ସେ ଉତ୍ତମ ବାତାବରଣ ସୃଷ୍ଟି କରିପାରିବେ ବୋଲି ବକ୍ତାମାନେ ମତ ଦେଇଥିଲେ। ସମ୍ବର୍ଦ୍ଧିତ ଅବସରରେ ଶ୍ରୀ ନାୟକ ସନ୍ତୋଷ ପ୍ରକାଶ କରିବା ସହ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକାଳ ମଧ୍ୟରେ ବାଲେଶ୍ୱରର ସବୁ ମହଲରୁ ତାଙ୍କୁ ସହଯୋଗ ମିଳିଥିବା ବେଳେ ସହକର୍ମୀ ତଥା ସାମ୍ବାଦିକଙ୍କ ଅପଣାପଣ ବ୍ୟବହାର ତାଙ୍କର ସବୁଦିନ ମନେ ରହିବ ବୋଲି ସେ କହିଥିଲେ। ଶେଷରେ ରତିକାନ୍ତ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍. ଆର. ଗ୍ରୁପ୍ ଅଫ ଇନ୍‌ଷ୍ଟିଚ୍ୟୁଟର +୨ ବିଜ୍ଞାନ ପରୀକ୍ଷାରେ ସଫଳତା



ବାରିପଦା,୦୫/୦୮ (ନି.ପ୍ର): ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ (+୨)ବିଜ୍ଞାନ ବିଭାଗରେ ବାରିପଦା ବଡବଜାର ସ୍ଥିତ ଶ୍ରୀରାମ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସମସ୍ତ (ଶତ ପ୍ରତିଶତ) ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀ ପାଇ ଅନୁଷ୍ଠାନକୁ ଗୌରବ ଆଣି ଦେଇଛନ୍ତି। ଅନୁଷ୍ଠାନର ଛାତ୍ରୀ ସାଇକ୍ରିଷ୍ଣା ପଟ୍ଟନାୟକ ୫୫୪ (୯୨.୩୩%) ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବିଷ୍ଣୁପଦ ପାତ୍ର ୫୨୦ (୮୬%) ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ବିକାଶ ମହାନ୍ତ ୪୮୩ (୮୦.୫%) ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହିତ ୫ ଜଣ ୮୦ ଶତାଂଶ ବା ଅଧିକ ନମ୍ବର ରଖିଥିବା ବେଳେ ୧୦ ଜଣ ୭୦ ଶତାଂଶରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତା ପାଇଁ ଅନୁଷ୍ଠାନର ନିର୍ଦ୍ଦେଶକ ନିମାଇଁ ସାହୁ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ଶିକ୍ଷକ ଏସ୍.କେ. ତାଜ୍, ଦୀପକ କୁମାର ମହାନ୍ତି, ଉଦିତ୍ କୁମାର ସାହୁ, ଓମ୍ ପ୍ରକାଶ ମିଶ୍ର, ଅମୂଲ୍ୟ କୁମାର ଥୟାଳ ତଥା ଅଫିସ୍ ପରିଚାଳିକା ଗୀତାଞ୍ଜଳୀ ରଣାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଇନ୍‌ଷ୍ଟିଚ୍ୟୁଟ୍ ତରଫରୁ କୃତୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।

# ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଦ୍ରକ ମୁଖ୍ୟ ଶାଖାରେ ବିଦାୟକାଳୀନ ସଭା

ଭଦ୍ରକ,୦୫/୦୮ (ନି.ପ୍ର): ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଭଦ୍ରକ ଶାଖାର ଋଣ ବିଭାଗରେ କାର୍ଯ୍ୟରତ କିରାଣୀ ଜୟନ୍ତ କୁମାର ନାୟକ ଏବଂ ଆମ୍ଭୋରୋଳି ସେବା ସମବାୟ ସମିତିର ସମ୍ପାଦକ ରମାକାନ୍ତ ଦାସଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସମ୍ପାଦକ ତଥା ଡେପୁଟି ଜୋନାଲ ମ୍ୟାନେଜର ଅଶ୍ୱିନୀ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ତଥା ସମବାୟ ବ୍ୟାଙ୍କର ଭଦ୍ରକ ଶାଖା ପରିଚାଳକ ନିର୍ମଳ ଚନ୍ଦ୍ର ସେଠୀ, ସମବାୟ କର୍ମଚାରୀ ସଂଘର ସମ୍ପାଦକ ଅରୁଣ ଉଦୟ ପାତ୍ର, ପୂର୍ବତନ ଜୋନାଲ ଅଫିସର ନିର୍ମଳ ଚନ୍ଦ୍ର ସୂତାର, ପୂର୍ବତନ ସୁପରଭାଇଜର ଗୋପବନ୍ଧୁ ମହଲା, ପ୍ରଭାକର ମହାନ୍ତି, ବ୍ୟାଙ୍କର ହିସାବ ରକ୍ଷକ ତପସ୍ୱିନୀ ପଣ୍ଡା, ସସ୍ମିତା ବଳ, ସ୍ୱପ୍ନା ରାଉତ, ଗୋଲକ ବିହାରୀ ଦାସ ଏବଂ ସମବାୟ ସମିତିର କର୍ମଚାରୀ ଚକ୍ରଧର ନାୟକ, ଗୌରାଙ୍ଗ ନାୟକ, ପ୍ରିୟ ରଂଜନ ମହାନ୍ତି ଅଶୋକ ମିଶ୍ର, ଭାବଗ୍ରାହୀ ପଣ୍ଡା, ବିଷ୍ଣୁ ମୋହନ ଘଡେଇ, ଭରତ ପାତ୍ର, ଭାଗିରଥୀ ସ୍ୱାଇଁ, କିଶୋର ପଣ୍ଡା, ତପନ ନାୟକ ପ୍ରମୁଖ ଉପସ୍ଥିତ ରହି ବିଦାୟକାଳୀନ ବକ୍ତବ୍ୟ ପ୍ରଦାନ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo